ଲଣ୍ଡନରେ ସାମିଙ୍କ ଅସ୍ତ୍ରୋପଚାର

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

DSPL-733

ଆମ ଓଡ଼ିଶା ନବୀନ ଓଡ଼ିଶା

ନୂଆ-ଓ ଛାତ୍ରବୃତ୍ତି

ନବୀନ ଓଡ଼ିଶା
ଯୁବାଙ୍କ ଓଡ଼ିଶା

₹ ୧୦,୦୦୦
ପ୍ରତି ଛାତ୍ରୀଙ୍କୁ ପ୍ରତିବର୍ଷ
୧୧,୦୦୦
ପ୍ରତି ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କୁ

#ନୂଆ-ଓ
ଯୁବ ଓଡ଼ିଶା ନବୀନ ଓଡ଼ିଶା

₹ ୯,୦୦୦
ପ୍ରତି ଛାତ୍ରଙ୍କୁ ପ୍ରତିବର୍ଷ
୧୦,୦୦୦
ପ୍ରତି ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଙ୍କୁ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0490/2324

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଲୁହା ଛଡ଼ ପଡ଼ି ଦୁଇ ଶ୍ରମିକ ମୃତ

ଦାମନଯୋଡି, ୨୭।୨ (ସମିସ): କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ନବରତ୍ନ ଉଦ୍ୟୋଗ ନାଲକୋ ପ୍ରକଳ୍ପରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଦୁଇ ଶ୍ରମିକ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତ ଶ୍ରମିକଦ୍ୱୟ ହେଲେ, ସମା ରାଜବଂଶୀ (୪୪) ଓ ସନତ କୁଆଇ (୩୪)। ଖବରରୁ ପ୍ରକାଶ ଯେ ଜେଟ୍ୱାର୍କ କମ୍ପାନୀଠାରୁ ଅମୂଲ୍ୟ ବାରିକ ନାମକ ଠିକାଦାର ନାଲକୋର ନୂଆ ସମ୍ପ୍ରସାରଣ କର୍ଯ୍ୟ କରୁଛନ୍ତି। କାର୍ଯ୍ୟ ଚାଲିଥିବା ସମୟରେ ହଠାତ୍ ଲୁହା ଛଡ଼ଗୁଡ଼ିକ ଖସି ତଳେ କାମ କରୁଥିବା ୩ ଶ୍ରମିକଙ୍କ ଉପରେ ପଡ଼ିଯାଇଥିଲା। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମାଥାଲପୁଟ ଓ ନାଲକୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସମା ଓ ସନତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଶ୍ରମିକ ଏ. ଅନସାରୀ (୩୨)ଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବିକାଶ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଶ୍ରମିକମାନଙ୍କୁ କମ୍ପାନୀ କିମ୍ବା ଠିକାଦାରଙ୍କ ପକ୍ଷରୁ ସଠିକ୍ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉ ନଥିବାରୁ ବହୁ ସମୟରେ ଶ୍ରମିକମାନଙ୍କ ଜୀବନହାନି ହେଉଥିବା ଅଭିଯୋଗ ହୋଇଛି।

ଖୋର୍ଦ୍ଧା ଓ ବେଗୁନିଆରେ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ

ସମୃଦ୍ଧିର ପାସପୋର୍ଟ ହେବ 'ମ୍ୟାଜିକ୍ କାର୍ଡ'

- ■ ସବୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାର୍ଥୀ ପାଇବେ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼'
- ■ ଖୋର୍ଦ୍ଧା ଜିଲ୍ଲାର ୧୬, ୬୧୩ ଛାତ୍ରଛାତ୍ରୀଙ୍କୁ ୧୬.୧୩ କୋଟି ବୃତ୍ତି ବଣ୍ଟନ

ଭୁବନେଶ୍ୱର/ଖୋର୍ଦ୍ଧା,୨୭।୨(ସମିସ): 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ବଣ୍ଟନ ହୋଇଛି ବୃତ୍ତିରାଶି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମାବେଶରେ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଜିଲ୍ଲାର ୩୦ଟି କଲେଜର ୧୬,୬୧୩ ଜଣ ଛାତ୍ରଛାତ୍ରୀଙ୍କୁ ୧୬.୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବେ ପ୍ରଦାନ କରାଯାଉଥିବା 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଅଧିକ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କିରବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ। ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ତାରିଖରେ ବଣ୍ଟନ କରାଯିବ ବୋଲି ୫-ଟି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏହି କାର୍ଡ ଛାତ୍ରଛାତ୍ରୀଙ୍କ ପାଇଁ 'ସମୃଦ୍ଧିର ପାସପୋର୍ଟ' ହେବ। ଛାତ୍ରଛାତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍‌ସ୍ତରରେ ବିଭକ୍ତିକୃତ କରାଯିବ। ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି କାର୍ଡରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡ଼ିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଏହାସହ ଚାକିରି ଏବଂ ପ୍ଲେସମେଣ୍ଟ ସୁଯୋଗ ମଧ୍ୟ ପ୍ରଦାନ କରିବ। ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହିତ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଛାତ୍ରବୃତ୍ତି ପ୍ରଦାନ ଆଦେଶ ପରେପରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିବା ମୋବାଇଲକୁ ମେସେଜ ଆସିଥିଲା। ଫଳରେ ଛାତ୍ରଛାତ୍ରୀମାନେ ଉତ୍ସାହିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ଘୋଷଣାର ଅଳ୍ପ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଉଚ୍ଚସ୍ତରୀୟ ଶିକ୍ଷା ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ। ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ରାଜ୍ୟର ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ

'୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ୧୪ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତା

- ■ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ
- ■ ସମସ୍ତଙ୍କ ପ୍ରସ୍ତାବ ଓ ଅନୁରୋଧକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଇଛି
- ■ ମିଳିମିଶି ନୂଆ ଓଡ଼ିଶା ଗଠନ ନିମନ୍ତେ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ

ଭୁବନେଶ୍ୱର, ୨୭।୨(ସମିସ): ଆଜି ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ନବୀନ ନିବାସଠାରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି। ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରାଯାଇଥିବାରୁ ଏଥିପାଇଁ ଆଜି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି। ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡ଼ିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ସଂଗଠନଗୁଡ଼ିକର ଅନୁରୋଧ ଅନୁସାରେ ଭୁବନେଶ୍ୱର ପୁଲିସ ଲାଇନ ମସଜିଦର ଲିଜ ପ୍ରିମିୟମ ଛାଡ, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ଼, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଲିଜ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡ଼ିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ ପ୍ରିମିୟମ ଛାଡ଼, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସଚ୍ଚ ଭାମଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ କରାଯାଇଛି। ସେହିପରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି କରାଯାଇଛି। ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରୀ ନିୟମିତ ଓ ଓଏସ୍‌ଏସ୍‌ସି(ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ) ଦ୍ୱାରା ନିଯୁକ୍ତିରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଓଡ଼ିଶା ଶିଳ୍ପ ମହାସଂଘକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟକ ଯୋଜନାରେ ସହାୟତା ପ୍ରଦାନ, ଖଣ୍ଡଗିରିଠାରେ ରାଜ୍ୟ ହସ୍ତଗୃହ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ରାଜ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରଦାନ, କୁଲତା ସମାଜକୁ ପୁରୀ ତାଳବଣିଆଠାରେ ଜମି ପ୍ରଦାନ କରାଯାଇଛି। ସେହିପରି ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉ ମନ୍ଦିରର ରୂପାନ୍ତର ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଏବଂ ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ମୁସଲିମ କମ୍ୟୁନିଟି ପାଇଁ ୩ଟି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯାଇଛି। ଖୁବ୍ କମ୍ ସମୟ ମଧ୍ୟରେ ୫-ଟି ଉପକ୍ରମରେ ଏସବୁ ସମସ୍ୟାର ସମାଧାନ କରାଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।

DSPL-737

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | ପ୍ରାଣୀ ଧନର ଉନ୍ନତି ଚାଷୀଙ୍କ ପ୍ରଗତି

ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ସେବା

133 ନୂତନ ପ୍ରାଣିସେବା ଯାନର ଲୋକାର୍ପଣ କାର୍ଯ୍ୟକ୍ରମ

* ପ୍ରାଣିପାଳକଙ୍କ ଦୁଆରେ ପ୍ରାଣିଚିକିତ୍ସା ସେବା ପ୍ରଦାନ
* ପ୍ରାଣିଚିକିତ୍ସାଳୟ ଠାରୁ ଦୂରରେ ଅବସ୍ଥିତ ଗାଁ ମାନଙ୍କରେ ଚିକିତ୍ସା ସୁବିଧା
* ବୁଲା ଓ ଅସହାୟ ପ୍ରାଣୀଙ୍କ ନିମନ୍ତେ ଜରୁରୀକାଳୀନ ଚିକିତ୍ସା

ମୁଖ୍ୟମନ୍ତ୍ରୀ ପ୍ରାଣୀ ଆମ୍ବୁଲାନ୍ସ ସେବାର 6 ଗୋଟି ନୂତନ ଆମ୍ବୁଲାନ୍ସ ଲୋକାର୍ପଣ

* ସହରାଞ୍ଚଳରେ ବୁଲା ଓ ଅସହାୟ ପ୍ରାଣୀଙ୍କ ନିମନ୍ତେ ଜରୁରୀକାଳୀନ ଚିକିତ୍ସା

୨୮ ଫେବୃଆରୀ ୨୦୨୪ || ଅପରାହ୍ନ ୫:୩୦

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର



ମୁଖ୍ୟ ଅତିଥି

ଶ୍ରୀ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-06014/13/0044/2324

---- ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ----

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ପୂର୍ବତନ ବିଦ୍ୟାଳୟ ଶିକ୍ଷା କମିଟି ସଭାପତିଙ୍କୁ ୩ବର୍ଷ ଜେଲ୍

ସରକାରୀ ଅର୍ଥ ତୋଷରପାତ ମାମଲା

■ **ଭୁବନେଶ୍ୱର, ୨୭।୨(ସମିସ):** ସରକାରୀ ଅର୍ଥ ତୋଷରପାତ ମାମଲାରେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅଧୀନ ସିକାବାଡ଼ି ପ୍ରାଥମିକ ବିଦ୍ୟାଳୟ କମିଟିର ପୂର୍ବତନ ସଭାପତି ମନୋଜ ପ୍ରଧାନଙ୍କୁ ୩ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ। ଜରିମାନା ଅନାଦାୟ ହେଲେ, ୬ ମାସ ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାରୁ ପ୍ରକାଶ ଯେ ୨୦୧୭ ମସିହାରେ ମନୋଜ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅଧୀନ ସିକାବାଡ଼ି ପ୍ରାଥମିକ ବିଦ୍ୟାଳୟ କମିଟିର ସଭାପତି ଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ସିକାବାଡ଼ି ବିଦ୍ୟାଳୟ ପରିସରରେ ନୂଆ ଶ୍ରେଣୀ କୋଠରି ନିର୍ମାଣ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟରେ ଅର୍ଥ ତୋଷରପାତ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସରେ ୨୦୧୭ ଡିସେମ୍ବର ୧୪ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ତାଙ୍କ ବିରୋଧରେ ଦାଖଲ ହୋଇଥିବା ଚାର୍ଜସିଟ୍ ଆଧାରରେ ଭିଜିଲାନ୍ସ କୋର୍ଟ ମନୋଜଙ୍କୁ ଆଜି ଦଣ୍ଡାଦେଶ ଶୁଣାଇଛନ୍ତି।

ମିଶନ ଶକ୍ତି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

- ସଦସ୍ୟଙ୍କ ୟୁନିଫର୍ମ ପାଇଁ ୧ ହଜାର ଓ ବ୍ଲେଜର ପାଇଁ ୨ ହଜାର ଟଙ୍କା ସହାୟତା
- ରାଜ୍ୟରେ ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟା
- ଫେଡେରେସନ ଲିଡର ଓ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାଇଁ ଶୀଘ୍ର ଖୁସି ଖବର
- ଆରମ୍ଭ ହେଲା ଏସ୍‌ଏଚ୍‌ଜିକୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା
- ୫ ବର୍ଷରେ ବ୍ୟାଙ୍କ ଜରିଆରେ ୭୫ ହଜାର କୋଟି ଟଙ୍କାର ଋଣ ପ୍ରଦାନ ଲକ୍ଷ୍ୟ
- ୫ ବର୍ଷରେ ଖୋଲାଯିବ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟ୍‌ଲେଟ

■ **ଭୁବନେଶ୍ୱର, ୨୭।୨ (ସମିସ):** 'ମିଶନ ଶକ୍ତି'ର ମା'ମାନଙ୍କୁ ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିନା ସୁଧରେ ମିଶନଶକ୍ତି ସଙ୍ଗଠନଗୁଡ଼ିକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯିବ ବୋଲି ଘୋଷଣା କରିବା ସହ ସଦସ୍ୟମାନଙ୍କ ୟୁନିଫର୍ମ ପାଇଁ ୧ ହଜାର ଓ ବ୍ଲେଜର କିଣିବା ନିମନ୍ତେ ୨ ହଜାର ଟଙ୍କା ସହାୟତା କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ୫ ବର୍ଷରେ ବ୍ୟାଙ୍କ ଜରିଆରେ ମିଶନଶକ୍ତି ସଙ୍ଗଠନଗୁଡ଼ିକୁ ୭୫ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଫେଡ଼େରେସନ ଲିଡ଼ର ଓ କମ୍ୟୁନିଟି ଷ୍ଟାଫ୍‌ଙ୍କୁ ଶୀଘ୍ର ଖୁସି ଖବର ମିଳିବ ବୋଲି ଘୋଷଣା କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଏସଏଚ୍‌ଜିଗୁଡ଼ିକୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଲୋକସେବା ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ମୋ ସରକାର ନିରନ୍ତର ଭାବେ କାମ କରିଚାଲିଛି। ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇ ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି। ଆଜି ମିଶନ ଶକ୍ତି ମା' ମାନଙ୍କର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି । ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ମା' ମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟିକ ସହାୟତା ଯୋଗାଇ ଦିଆଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟ୍‌ରେ ଯାଉଛନ୍ତି ଓ ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ । ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଏସ୍‌ଏଚ୍‌ଜିରୁ ଏସ୍‌ଏମଇ ଆଡ଼କୁ ଆଗେଇଛନ୍ତି ଓ ଶିଳ୍ପଜଗତ ସହ ଯୋଡ଼ି ହୋଇଛନ୍ତି। ସେଥିପାଇଁ ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ୧.୫ ଲକ୍ଷ ଏସଏଚ୍‌ଜି ଲିଡର ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ପାଇଁ ୭୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା ତିଆରି ଜିନିଷର ବିକ୍ରି ପାଇଁ ମିଶନ ଶକ୍ତି ବଜାର କରାଯାଉଛି। ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଖୋଲାଯାଇଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟଲେଟ୍ ଖୋଲାଯିବ। ଚଳିତ ବର୍ଷ ମିଶନ ଶକ୍ତି ମା' ମାନେ ୧୫ ▶ପୃଷ୍ଠା-୧୦

ମହିଳାଙ୍କ ଜୀବିକା ପାଇଁ ବଡ଼ ମଞ୍ଚ ମିଶନ ଶକ୍ତି ବଜାର

■ **ଭୁବନେଶ୍ୱର, ୨୭।୨ (ସମିସ):** ଭୁବନେଶ୍ୱରରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ବଜାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହି ବଜାରର ଉଦ୍‌ଘାଟନ କରିବା ସହ ଏଠାରେ ଷ୍ଟଲ୍ ଖୋଲିଥିବା ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଏଠାରେ ଥିବା ମିଶନଶକ୍ତି ମିଲେଟ୍ କାଫେରେ ମୁଖ୍ୟମନ୍ତ୍ରୀ କୋରାପୁଟ କଫି ପିଇବା ସହ ଏଠାରେ ମା'ମାନଙ୍କ ଦ୍ୱାରା ବିକ୍ରି ଉଦ୍ଦେଶ୍ୟରେ ଉପଲବ୍ଧ ରହିଥିବା ବିଭିନ୍ନ ସାମଗ୍ରୀ ବୁଲି ଦେଖିଥିଲେ। ଏହି ବଜାର ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ସହରାଞ୍ଚଳ ଉପକଣ୍ଠ ଓ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଜୀବିକା ଯୋଗାଇଦେବା ସହ ସେମାନଙ୍କ ସ୍ୱାବଲମ୍ବୀ କରିବାରେ ଏକ ପ୍ରମୁଖ ମାଧ୍ୟମ ସାଜିବ।

ନିକଟରେ 'ୟ-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମିଶନ ଶକ୍ତି ବଜାର ପରିଦର୍ଶନ କରି ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ। ୧୦ ହଜାର ବର୍ଗଫୁଟ୍ ପରିସରରେ ନିର୍ମାଣ ହୋଇଥିବା ଏହି ବଜାରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ▶ପୃଷ୍ଠା-୧୦

ଯେକୌଣସି ସମୟରେ ଲାଗୁ ହୋଇପାରେ ସିଏଏ

■ **ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି):** ଆସନ୍ତା ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ନାଗରିକତା ସଂଶୋଧନ ଆଇନ (ସିଏଏ) କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରାଳୟଯେକୌଣସି ସମୟରେ ଏ ନେଇ ବିଜ୍ଞପ୍ତି ଜାରି କରିପାରେ। ଆସନ୍ତା ମାସରୁ ଏହି ଆଇନ କାର୍ଯ୍ୟକାରୀ ହେବା ନେଇ ରିପୋର୍ଟ ପ୍ରକାଶ ପାଇଛି।

ସିଏଏ କାର୍ଯ୍ୟକାରୀ ହେବା ପରେ ପାକିସ୍ତାନ, ବଂଲାଦେଶ, ଆଫଗାନିସ୍ତାନରୁ ଆସିଥିବା ଅଣ-ମୁସଲମାନ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ। ସୂଚନା ଅନୁଯାୟୀ, ସିଏଏ ପାଇଁ ଏକ ୱେବ୍‌ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଏହା ମାଧ୍ୟମରେ ପଞ୍ଜୀକରଣ ହେବ। ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏହାର ପରୀକ୍ଷଣ କରିସାରିଛି। ସିଏଏ ମାଧ୍ୟମରେ ପଡ଼ୋଶୀ ଦେଶରୁ ବିନା ପ୍ରମାଣପତ୍ରରେ ଆସିଥିବା ଲୋକଙ୍କୁ ମଧ୍ୟ ସହାୟତା ମିଳିବ। ଦୀର୍ଘ କାଳ ଭିସା ଦାବି କରୁଥିବା ଲୋକ ମଧ୍ୟ ଉପକୃତ ହେବେ। ଏଥିପାଇଁ ପାକିସ୍ତାନରୁ ସର୍ବାଧିକ ଆବେଦନ ଆସିଛି। ଏହା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏ ନେଇ ଘୋଷଣା କରିଥିଲେ। ଲୋକସଭା ନିର୍ବାଚନ ପୂର୍ବରୁ ସିଏଏ କାର୍ଯ୍ୟକାରୀ ହେବ। ଏହାର ଦେଶର ଆଇନ। ଏହାକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ। ୨୦୧୯ ଡିସେମ୍ବର ୨୧ରେ ସଂସଦରେ ସିଏଏ ପାରିତ ହୋଇଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରିବାର ସମୟକୁ ସରକାର ୮ ଥର ବଢ଼ାଇ ସାରିଲେଣି।

କ୍ରିକେଟ ଷ୍ଟାଡିୟମ, କ୍ରିକେଟ ଏକାଡେମୀ କ୍ରୀଡ଼ା କମ୍ପ୍ଲେକ୍ସର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ସମୃଦ୍ଧ ହେବ ରାଜ୍ୟର କ୍ରିକେଟ ଭିତ୍ତିଭୂମି

■ **ଭୁବନେଶ୍ୱର, ୨୭।୨ (ସମିସ):** ରାଜ୍ୟରେ କ୍ରିକେଟ କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ୀକରଣ ହେବା ସହ କ୍ରୀଡ଼ାବିତ୍‌ଙ୍କୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ମିଳିବ। ଏହି ଲକ୍ଷ୍ୟ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କ୍ରିକେଟ ଭିତ୍ତିଭୂମି ବିକାଶ ସମ୍ପର୍କିତ ବହୁ ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃବିକାଶ ନେଇ ଘୋଷଣା କରିବା ସହ ସମ୍ବଲପୁରସ୍ଥିତ ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃବିକାଶ କରାଯାଇ ଏହାକୁ ବିଶ୍ୱସ୍ତରୀୟ କ୍ରୀଡ଼ା ▶ପୃଷ୍ଠା-୧୦

- ୪୧ କ୍ରୀଡ଼ା ଏକାଡେମୀର ଉଦ୍‌ଘାଟନ
- ଐତିହାସିକ ବାରବାଟୀ 'କ୍ଲକ୍-ଟାୱାର'କୁ ଐତିହ୍ୟ ସଂରଚନା ଭାବେ ସଂରକ୍ଷିତ କରାଯିବ
- ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଗଞ୍ଜାମରେ ଭାରତର ସର୍ବାଧିକ ସୁବିଧା ବିଶିଷ୍ଟ ଭାରୋତ୍ତୋଳନ କେନ୍ଦ୍ରର ଉଦ୍‌ଘାଟନ
- ବ୍ରହ୍ମପୁର ଶୀତଳାପଲ୍ଲୀରେ ନିର୍ମାଣ ହେବ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ
- ଢେଙ୍କାନାଳ ଓ ବରଗଡରେ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର

ଲୋକକଥା

ନିର୍ବାଚନ ଦିନ ପାଖେଇ ଆସୁଚି
ଘୋଷଣା ଯା ବାକି ରହିଚି,
ଆପଣା ଆପଣା ସ୍ଥିତି ରଖିବାକୁ
ଦଳ ଡିଆଁ ଡେଇଁ ଚାଲିଚି !
ଭୋଟର ଦର୍ଶକ ସାଜିଚି,
ତା' କାମ ଯାହା ଦେଖେଇବ ସିଏ
ଭୋଟ ବେଳକୁ ଜଗିଚି !!

ରାଜ୍ୟ ରୂପାନ୍ତରଣରେ ୭୦ ଲକ୍ଷ ମା'ଙ୍କ ପଦଚିହ୍ନ ସୁଦୃଢ଼: ସୁଜାତା

୫ବର୍ଷ ମଧ୍ୟରେ ମା' ମାନଙ୍କୁ ୯୨୫ କୋଟି ଟଙ୍କା ସୁଧ ଫେରସ୍ତ

■ **ଭୁବନେଶ୍ୱର,୨୭।୨(ସମିସ):** ରାଜ୍ୟର ରୂପାନ୍ତରଣ ଯାତ୍ରା ୭୦ ଲକ୍ଷ ମା'ମାନଙ୍କର ଏକ ସୁଦୃଢ଼ ପଦଚିହ୍ନ ରହିଛି। ଯେତେବେଳେ ଓଡ଼ିଶାର ମହିଳାମାନଙ୍କର ସଶକ୍ତୀକରଣର କାହାଣୀ ଲେଖାଯିବ, ସେତେବେଳେ ଆଜିର ଦିନ ଅର୍ଥାତ୍ ୨୦୨୪ ଫେବୃଆରୀ ୨୭ ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ବୋଲି କହିଛନ୍ତି ମିଶନଶକ୍ତି ବିଭାଗର ସଚିବ ତଥା କମିଶନର ସୁଜାତା ରାଉତ କାର୍ତ୍ତିକେୟନ।

ମିଶନ ଶକ୍ତି ମହିଳାମାନଙ୍କ ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି ଯେ ଆଜିର ଦିନରେ ରାଜ୍ୟର ୭୦ ଲକ୍ଷ ମିଶନଶକ୍ତି ମହିଳାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ୭୦ ଲକ୍ଷ ମା' ମାନଙ୍କୁ ୟୁନିଫର୍ମ ପାଇଁ ଆର୍ଥିକ ସହାୟତା ସହ ଏହା ସହିତ ଦେଢ଼ ଲକ୍ଷ ଏସ୍‌ଏଚ୍‌ଜି ଲିଡରମାନଙ୍କୁ ବ୍ଲେଜର୍ ସହାୟତା ଯୋଗାଇ ଦିଆଯାଇଛି। ବ୍ଲେଜରକୁ ସାଧାରଣତଃ କର୍ପୋରେଟ ଜଗତର ଏକ ପ୍ରତୀକ ଭାବେ ଗଣନା କରାଯାଏ। ପୂର୍ବରୁ ବ୍ଲେଜର କେବଳ ବଡ଼ ବଡ଼ ସଂସ୍ଥାର ସିଇଓ ଏବଂ ଏମ୍‌ଡି ମାନେ ପିନ୍ଧିଥାନ୍ତି। ମାତ୍ର ଆଜିଠୁ ଓଡ଼ିଶାରେ ଏସଏଚଜି ମହିଳା ଲିଡରମାନେ ବ୍ଲେଜର ପିନ୍ଧିବେ। ସେମାନେ ମଧ୍ୟ ସିଇଓ ଏବଂ ଏମ୍‌ଡିଙ୍କ ଠାରୁ କମ୍ ନୁହଁନ୍ତି । ଦ୍ୱିତୀୟତଃ ଓଡ଼ିଶା ପ୍ରଥମ ଏବଂ ଏକମାତ୍ର ରାଜ୍ୟ ଭାବେ ଏସଏଚଜି ମା' ମାନଙ୍କ ଋଣ ଉପରେ ସୁଧ ପରିଶୋଧ କରୁଛନ୍ତି। ଏହାସହ ଶୂନ ପ୍ରତିଶତ ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ଯୋଜନା କରିଛି। ଯେଉଁ ମା ଦିନେ ୧୦୦ ଟଙ୍କା ବ୍ୟାଙ୍କ ଋଣ ମାଗିବାକୁ ଡରୁଥିଲେ, ସେମାନେ ଆଜି ବ୍ୟାଙ୍କ୍‌ରେ ମୁଣ୍ଡ ଟେକି କୋଟି କୋଟି ଟଙ୍କାର କାରବାର କରିବାକୁ ସମର୍ଥ ହୋଇଛନ୍ତି । ଏହି ସୁଧ ଫେରସ୍ତ ଯୋଜନାରେ ଗତ ୫ବର୍ଷ ମଧ୍ୟରେ ମା' ମାନଙ୍କୁ ୯୨୫ କୋଟି ଟଙ୍କା ଫେରସ୍ତ ହୋଇସାରିଲାଣି। ଯାହା ମା'ମାନଙ୍କ ହାତ ମୁଠାକୁ ସୁଦୃଢ଼ କରିଛି ଓ ସେମାନଙ୍କ ବ୍ୟବସାୟକୁ ଆଗକୁ ନେବାରେ ▶ପୃଷ୍ଠା-୧୦

କଳାବାଘ ବଂଶ ବୃଦ୍ଧି ଯୋଗୁଁ ଚିନ୍ତାରେ ବନ ବିଭାଗ

ଏଣିକି ରାଜ୍ୟରେ ପ୍ରତି ବର୍ଷ ବାଘଗଣନା

■ **ଭୁବନେଶ୍ୱର, ୨୭।୨ (ସମିସ):** ରାଜ୍ୟରେ ଏଣିକି ପ୍ରତିବର୍ଷ ବାଘ ଗଣନା କରାଯିବ। କ୍ୟାମେରା ଟ୍ରାପ୍ ଜରିଆରେ ବର୍ଷସାରା ମହାବଳ ବାଘଙ୍କ ସ୍ଥିତି ଉପରେ ନଜର ରଖାଯିବା ସହ ସେମାନଙ୍କ ତଥ୍ୟ ସଂଗ୍ରହ ହେବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ସୋମବାର ରାଜ୍ୟର ପ୍ରଥମ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବା ପରେ ମଙ୍ଗଳବାର ଶ୍ରୀ ନନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୩୦ଟି ମହାବଳ ଓ ୮ଟି ଶାବକ ଅଛନ୍ତି। ସେଥିରୁ ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ ଶାବକ ଥିବାବେଳେ କେନ୍ଦୁଝର, ପାରଳାଖେମୁଣ୍ଡି ଓ ହୀରାକୁଦ ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳଙ୍କ ଉପସ୍ଥିତି ସ୍ପଷ୍ଟ ହୋଇଛି। ଅନ୍ୟପଟେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ କୌଣସି ବାଘ ନ ଥିବା ବେଳେ ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡ଼ାଯିବା ନେଇ ଯୋଜନା କରାଯିବ ବୋଲି ସେ କହିଛନ୍ତି। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ସେମାନେ ନୂଆ ଅଞ୍ଚଳ ସନ୍ଧାନରେ ରହିଛନ୍ତି। ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡିହାକୁ ମିଶାଇ ଗ୍ରେଟର୍ ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ଶିମିଳିପାଳରେ କଳା ବାଘ ବଂଶ ବୃଦ୍ଧି ଯୋଗୁଁ ଶ୍ରୀ ନନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଏବେ ଏଠାରେ ଥିବା ବାଘଙ୍କ ମଧ୍ୟରୁ ୧୩ ଟି କଳା ବାଘ ରହିଛନ୍ତି। ସାଧାରଣତଃ ଇନ୍ ବ୍ରିଡିଂ ବା ସମବଂଶୀଙ୍କ ମଧ୍ୟରେ ମେଟିଂ ଯୋଗୁଁ କଳା ବାଘଙ୍କ ସଂଖ୍ୟା ବଢୁଥିବା ସେ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି ବୋଲି ସେ କହିଛନ୍ତି। ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ କହିଛନ୍ତି। ୨୦୨୨ରେ ଶିମିଳିପାଳରେ ୧୦ଟି କଳା ବାଘ ଥିଲେ। ଏବେ ଏହି ସଂଖ୍ୟା ୧୩କୁ ବଢ଼ିଛି। ୧୦ ବର୍ଷ ତଳେ ଶିମିଳିପାଳରେ ମୋଟ ମହାବଳ ବାଘରୁ କଳା ବାଘଙ୍କ ସଂଖ୍ୟା ମାତ୍ର ୧୫ପ୍ରତିଶତରେ ସୀମିତ ଥିଲା ବେଳେ ଏବେ ଏହା ୪୦ ପ୍ରତିଶତରେ ପହଞ୍ଚିଲାଣି। ଏଭଳି ସ୍ଥିତି ଲାଗି ରହିଲେ, ରୋଗ ପ୍ରତିରୋଧକ ଶକ୍ତି କମ୍ ରହୁଥିବା ଏହି କଳାବାଘଙ୍କ ସଂଖ୍ୟା ବଢ଼ିଯିବ, ଯାହାକି ବାଘବଂଶ ଲୋପର ବି କାରଣ ପାଲଟିପାରେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

୭ ଅତିରିକ୍ତ ଏସପିଙ୍କ ବଦଳି

■ **କଟକ, ୨୭।୨ (ସମିସ):** ଭାରତର ନିର୍ବାଚନ କମିସନଙ୍କ ଫେବୃଆରୀ ୨୩ର ନିର୍ଦ୍ଦେଶାବଳୀ ପରେ ବିଭିନ୍ନ ପୁଲିସ ଜିଲ୍ଲାର ଅବଗତି କ୍ରମେ ୭ଜଣ ଅତିରିକ୍ତ ଏସ୍‌ପିଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ରାଜ୍ୟ ପୁଲିସ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ଅନୁମୋଦନକ୍ରମେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ବଦଳି ବିଜ୍ଞପ୍ତି ଜାରି କରାଯାଇଛି। ଏହି କ୍ରମରେ ବଳଭଦ୍ର ଦୀପଙ୍କୁ କନ୍ଧମାଳ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି। ସେହିପରି ବାଙ୍କବିହାରୀ ମୁର୍ମୁଙ୍କୁ ପୂର୍ବରୁ ଭଦ୍ରକ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଏହାକୁ ବାତିଲ କରାଯାଇ ପୂର୍ବପରି ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବାସୁଦେବ ସ୍ୱାଇଁଙ୍କୁ ଭଦ୍ରକ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି, ବିଜୟ ରଞ୍ଜନ କେରକେଟାଙ୍କୁ ବାଲେଶ୍ୱର ଆଇଜିଙ୍କ କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି, ବିକ୍ରମ କେଶରୀ ଭୋଇଙ୍କୁ କୋରାପୁଟ ଅତିରିକ୍ତ ଏସ୍‌ପି, କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ଭୁବନେଶ୍ୱର ଅତିରିକ୍ତ ଡିସିପି ଓ ଶ୍ରୀନିବାସ ମହାନ୍ତିଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି।

କୃଷି ଓ କୃଷକଙ୍କ ବିକାଶକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା: ବିଜେଡି

ଧାନ ଅଭାବୀରୁ ଏବେ ଧାନ ବଳକା ରାଜ୍ୟ ଓଡ଼ିଶା

■ **ଭୁବନେଶ୍ୱର, ୨୭।୨ (ସମିସ):** ୨୦୦୦-୨୦୦୧ ମସିହାରେ ରାଜ୍ୟରେ ମାତ୍ର ୫୫.୩୫ ଲକ୍ଷ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହେଉଥିଲା। ଏବେ ଓଡ଼ିଶାର ବାର୍ଷିକ ଖାଦ୍ୟ ଶସ୍ୟ ଉତ୍ପାଦନ ୨୪୧.୩୬ ଲକ୍ଷ ଟନରେ ପହଞ୍ଚିଛି। ଯାହା ଫଳରେ ଓଡ଼ିଶା ଏକ ଖାଦ୍ୟ ଅଭାବୀ ରାଜ୍ୟରୁ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇପାରିଛି ବୋଲି ମଙ୍ଗଳବାର ଶଙ୍କ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ଜାତୀୟ ମୁଖପାତ୍ର ଡଃ ସଂତୃପ୍ତ ମିଶ୍ର ।

ଶ୍ରୀ ମିଶ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମକୁ ଧାନ ଯୋଗାଇବା ତାଲିକାରେ ଓଡ଼ିଶା ଆଜି ଚତୁର୍ଥ ଶ୍ରେଷ୍ଠ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। ୨୦୦୦ ମସିହାରେ ଓଡ଼ିଶାରେ ଧାନ ଉତ୍ପାଦନ କ୍ଷମତା ୧୦୪୧

ମିଲେଟ ଉତ୍ପାଦନରେ ଓଡ଼ିଶା ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ

୫ ଥର କୃଷି କର୍ମଣ ପୁରସ୍କାର ଦେଇଛନ୍ତି କେନ୍ଦ୍ର ସରକାର

ରାଜ୍ୟରେ ୩ଗୁଣ ବୃଦ୍ଧି ପାଇଛି ପନିପରିବା ଉତ୍ପାଦନ

ପ୍ରତି ହେକ୍ଟର ହୋଇଥିବା ବେଳେ ଏବେ ଏହା ୨୯୩୬ ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ପନିପରିବା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି। ୨୦୦୦-୨୦୦୧ ମସିହାରେ ରାଜ୍ୟରେ ୩୩.୩୭ ଲକ୍ଷ ଟନ ପନିପରିବା ଉତ୍ପାଦନ ହେଉଥିବା ବେଳେ ଏହା ୯୮.୫୨ ଲକ୍ଷ ଟନକୁ ବୃଦ୍ଧି ପାଇଛି। କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅଗ୍ରଗତି ହୋଇଛି। ୨୦୨୩ ମସିହାରେ ରାଜ୍ୟର ଟ୍ରାକ୍ଟର ବିକ୍ରି ବୃଦ୍ଧି ପାଇଛି। ଓଡ଼ିଶାର କୃଷି ଯନ୍ତ୍ରାଂଶ ଉପଲବ୍ଧ କ୍ଷମତା ମଧ୍ୟ ୨୦୦୦-୦୧ ମସିହାରେ ଥିବା ୦.୬୧ କେ.ଡବ୍ଲ୍ୟୁରୁ ୨.୨୩ କେଡବ୍ଲ୍ୟୁକୁ ବୃଦ୍ଧି ପାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ଏହାକୁ ୨.୨୫ କେଡବ୍ଲ୍ୟୁ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ସବଡିଭିଜନ ସ୍ତରରେ କୃଷି ଯାନ୍ତ୍ରିକୀକରଣ ମେଳା ଆୟୋଜନ କରିବା ପାଇଁ ଯୋଜନା କରାଯାଇଛି। ୨୦୧୭-୧୮ ମସିହାରେ ମିଲେଟ୍ ଚାଷକୁ ଆନ୍ତର୍ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଥିବା ବେଳେ ଓଡ଼ିଶାରେ ଏହାର ସଫଳ ରୂପାୟନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କର, ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ଚାଷୀମାନଙ୍କର ଉନ୍ନତି ହୋଇପାରିଛି ବୋଲି ଡଃ ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟର ୩୦ଟି ଜିଲ୍ଲାର ୧୭୭ ବ୍ଲକରେ କାର୍ଯ୍ୟକାରୀ ହୋଇ ପ୍ରାୟ ୬.୦୩ ଲକ୍ଷ ମିଲେଟ ଉତ୍ପାଦନ ହୋଇଛି, ଯାହା ମିଲେଟ ଚାଷୀ ମାନଙ୍କ ଆର୍ଥିକ ଉନ୍ନତି କରିବାରେ ସକ୍ଷମ ହୋଇଛି। ଓଡ଼ିଶାର ଏହି ଉଦ୍ୟମକୁ ନିତି ଆୟୋଗ, ମିଳିତ ଜାତିସଂଘ ଓ ଏଫ୍‌ଏଓ ଭଳି ସଂସ୍ଥାମାନେ ପ୍ରଶଂସା କରିଛନ୍ତି। କୃଷି କ୍ଷେତ୍ରରେ ଉପଲବ୍ଧ ପାଇଁ, ଓଡିଶାକୁ ପାଞ୍ଚ ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ମିଳିଛି। ଏହା ବ୍ୟତୀତ ଶ୍ରେଷ୍ଠ ମିଲେଟ ଉତ୍ପାଦନ ରାଜ୍ୟ ଭାବେ ମଧ୍ୟ ଓଡ଼ିଶା ପୁରସ୍କୃତ ହୋଇଛି। ସେହିପରି, ଓଡ଼ିଶା କାଜୁ ଉନ୍ନୟନ ନିଗମ ମଧ୍ୟ ଶ୍ରେଷ୍ଠ ନର୍ସରି ପୁରସ୍କାର ହାସଲ କରିଛି ବୋଲି ଡଃ ମିଶ୍ର କହିଛନ୍ତି। ଏହି ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

Nippon India Mutual Fund
Wealth gets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

Date	Time	Location
28th Feb, 2024	06:30 pm	Cuttack

Venue: Hotel Seetal, Link Road, Cuttack, Odisha, 753012.
Name: Ranjit Mohanty | Mob. No.: 8879334096

Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.

୧୫୬ ଓଏଏସ୍‌ଙ୍କ ବଦଳି

ଭୁବନେଶ୍ୱର, ୨୭ ।୨(ସମିସ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ବଦଳି ପ୍ରକ୍ରିୟା ଜାରି ରଖିଛନ୍ତି। ଏହି କ୍ରମରେ ରାଜ୍ୟର ବିଭିନ୍ନ ବ୍ଲକ ଓ ଜିଲ୍ଲାରେ ବିଡିଓ, ତହସିଲଦାର, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଆଦି ଭାବେ କାର୍ଯ୍ୟ କରୁଥିବା ୧୫୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପକ୍ଷରୁ ଭିନ୍ନ ଭିନ୍ନ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଓ ପିଏ ଆଇଟିଡିଏ ଅଧିକାରୀ ଭାବେ ଜିଲ୍ଲାସ୍ତରରେ କାର୍ଯ୍ୟରତ ମୋଟ ୫୧ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ୩୫ ଜଣ ବିଡିଓଙ୍କ ବଦଳି ହୋଇଛି। ଏହା ବ୍ୟତୀତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ୭୦ଜଣ ତହସିଲଦାରଙ୍କ ବଦଳି ହୋଇଛି। ସମସ୍ତଙ୍କୁ ତୁରନ୍ତ ନିଜର ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ତାରିଖରେ ନିର୍ବାଚନ କମିଶନ ବଦଳି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ଓ ନିଜ ସଂସଦୀୟ କ୍ଷେତ୍ରରେ ଅଫିସରଙ୍କ ନିଯୁକ୍ତି ନ ଦେବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଯାହାପରେ ରାଜ୍ୟରେ ଜାରି ରହିଥିବା ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସୂଚନା ଥାଉ କି ସୋମବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ କାର୍ଯ୍ୟରତ ୨୨ ଜଣ ପୌର ନିର୍ବାହୀ ଅଧିକାରୀଙ୍କର ମଧ୍ୟ ବଦଳି କରାଯାଇଥିଲା।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ମନୋଜ ଦାସଙ୍କ ଜୟନ୍ତୀ

ମନୋଜଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱକୁ ସମସ୍ତେ ସମ୍ମାନ କରନ୍ତି : ଦେବଦାସ

ଭୁବନେଶ୍ୱର, ୨୭ ।୨(ସମିସ): ତରୁଣଙ୍କଠାରୁ ପ୍ରବୀଣଙ୍କ ପର୍ଯ୍ୟନ୍ତ ସମସ୍ତେ ମନୋଜ ଦାସଙ୍କ ସାହିତ୍ୟ ସୃଷ୍ଟିକୁ ଯେତିକି ଭଲ ପାଆନ୍ତି, ତାଙ୍କ ବ୍ୟକ୍ତିତ୍ୱକୁ ମଧ୍ୟ ସମପରିମାଣର ସ୍ନେହ ଓ ସମ୍ମାନ ଦିଅନ୍ତି। ସାହିତ୍ୟଠୁ ତାଙ୍କ ବ୍ୟକ୍ତିତ୍ୱ ଥିଲା ବଳିଷ୍ଠ ଓ ଜାଜ୍ୱଲ୍ୟମାନ। ସେ ରେଭେନ୍ସା ସାହିତ୍ୟ ସଂସଦର ନାମ 'ପଲ୍ଲବ ପାଠଚକ୍ର' ରଖିଥିଲେ। ରେଭେନ୍ସା ପ୍ରତି ତାଙ୍କର ବହୁତ ସମ୍ମାନ ଥିଲା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ 'ମନୋଜ ଦାସ ସ୍ମୃତି ସଂସଦ' ପକ୍ଷରୁ ଆୟୋଜିତ ପଦ୍ମଭୂଷଣ ମନୋଜ ଦାସଙ୍କ ୯୧ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଥାଶିଳ୍ପୀ ଓ ଗୀତିକାର ଦେବଦାସ ଛୋଟରାୟ ଏହା କହିଛନ୍ତି।

ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ବାର୍ଷିକ ବିବରଣୀ ପାଠ କରିବା ଅବସରରେ କହିଥିଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ଶଙ୍ଖାରିରେ ପ୍ରତିଷ୍ଠା ହୋଇଥିବା ମନୋଜ-ମନ୍ମଥ ସ୍ମାରକୀ ବୁଧବାର ଲୋକାର୍ପିତ ହେବ। ୧୬କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସାରସ୍ୱତ ପୀଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ମୁଖ୍ୟବକ୍ତା ପ୍ରଫେସର ମନୀନ୍ଦ୍ର କୁମାର

ଆଜି ମନୋଜ-ମନ୍ମଥ ସ୍ମାରକୀ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ମେହେର କହିଲେ, ମନୋଜ ଦାସ ଏବେ ବି ଅଛନ୍ତି। ସେ ମଞ୍ଚରେ ଛିଡ଼ା ହୋଇ କହିଲା ବେଳେ ସମସ୍ତେ ଯେମିତି ଚୁପ ହୋଇ ବସନ୍ତି, ଆଜି ବି ସମସ୍ତେ ଚୁପ୍ ହୋଇ ବସିଛନ୍ତି। ତାଙ୍କ ଉପସ୍ଥିତି ଏବେ ବି ସମସ୍ତେ ଅନୁଭବ କରୁଛନ୍ତି। ମଣିଷ ଯେତେ ମନ୍ଦ ହେଉନା କାହିଁକି ତା' ଆତ୍ମାର ସ୍ଫୁଲିଙ୍ଗ ଲୁଚି ରହିଛି ବୋଲି ତାଙ୍କ ଲେଖାକୁ ଉଦ୍ଧାର କରି ସେ କହିଥିଲେ।

ସମ୍ମାନିତ ଅତିଥି ଯୁବ ଲେଖିକା ତଥା ମନୋଜ ଦାସଙ୍କ ସମ୍ପର୍କରେ ଗବେଷଣା କରିଥିବା ପ୍ରଜ୍ଞା ପ୍ରବର୍ତ୍ତିକା ଦାସ କହିଲେ, ବାନ୍ଧି ହେଉନଥିବା ପୃଥିବୀ ହେଉଛନ୍ତି ମନୋଜ ଦାସ। ଆମ ମନରେ ଉଠୁଥିବା ସବୁ ପ୍ରଶ୍ନର ଉତ୍ତର ତାଙ୍କ ଲେଖା ମାଧ୍ୟମରେ ସେ ଦେଇ ଯାଇଛନ୍ତି। ତାଙ୍କୁ ଦେଖିଲେ ଅନୁଭବ ହୁଏ ବେଶ, ପୋଷାକ କେବେ ବ୍ୟକ୍ତିତ୍ୱର ପରିଚୟ ହୋଇନପାରେ ବୋଲି ସେ କହିଥିଲେ। ବିଗତ ଦିନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସାହିତ୍ୟ ଆସର ଆୟୋଜନ କଲା ଭଳି ଆଗାମୀ ଦିନରେ ଯୁବପିଢ଼ିଙ୍କୁ ନେଇ ଅଧିକ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂସଦର ସଙ୍ଗଠନ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ସରୋଜ ଦାଶ, ସହ-ସମ୍ପାଦକ ରାମଜୀବନ ଗୋଛାୟତ, ସୂର୍ଯ୍ୟ ମିଶ୍ର, ମୌସୁମୀ ଦାସ, ନନ୍ଦକିଶୋର ବିଶ୍ୱାଳ, ଅମ୍ବିକା ପଟ୍ଟନାୟକ, ପବିତ୍ରମୋହନ କର, ବେଣୁଧର ବିଶ୍ୱାଳ, ପ୍ରବୀଣା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ଅମିତାଭ ଖିଲାର ଧନ୍ୟବାଦ ଦେଇଥିଲେ।

ସୁନା ବ୍ୟବସାୟୀଙ୍କୁ ଗୁଳି

୩.୫ଲକ୍ଷର ସୁନା ଓ ଲକ୍ଷେ ଟଙ୍କା ଲୁଟିନେଲେ

ଢେଙ୍କାନାଳ, ୨୭ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ରାସୋଳ ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ କଦଳୀପାଳ ନିକଟରେ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଜଣେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ କରିବା ସହ ତାଙ୍କଠାରୁ ୩.୫ଲକ୍ଷଟଙ୍କାରସୁନାଗହଣା ଓ ନଗଦ ୧ଲକ୍ଷଟଙ୍କା ଲୁଟି ନେଇଛନ୍ତି। ସଂପୃକ୍ତ ବ୍ୟବସାୟୀଜଣଙ୍କ ହେଲେ, ପ୍ରକାଶ ଚନ୍ଦ୍ର ସାହୁ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଖବର ପାଇ ସଦର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଅନୁଗୁଳ ଜିଲ୍ଲା ଖଲାରୀଠାରେ ପ୍ରକାଶଙ୍କର ଏକ ଅଳଙ୍କାର ଦୋକାନ ରହିଛି। ଆଜି ସେ ଏକ ବାଇକ୍‌ରେ ସୁନା ନେଇ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଘରକୁ ଫେରୁଥିବା ବେଳେ ଏହି ଆପରାଧିକ

ଘଟଣା ଘଟିଥିଲା। ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ପିଛା କରି କଦଳୀପାଳ ଗ୍ରାମ ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରକାଶ ସେମାନଙ୍କ କବଳରୁ ଖସିଯିବା ପାଇଁ ଉଦ୍ୟମ କରିବାରୁ ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରକାଶଙ୍କ ଅଣ୍ଟାରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କଠାରୁ ସୁନାଭର୍ତ୍ତି ବ୍ୟାଗ୍ ଏବଂ ନଗଦ ୧ ଲକ୍ଷ ଟଙ୍କା ସହ ସେ ପିନ୍ଧିଥିବା ସୁନାଚେନ୍ ଲୁଟି ନେଇ ଫେରାର୍ ହୋଇଯାଇଥିଲେ।

ଆଜି ସରିବ ଇକୋ ରିଟ୍ରିଟ୍

ଭୁବନେଶ୍ୱର,୨୭ ।୨(ସମିସ): ପରିବେଶ ପର୍ଯ୍ୟଟନସ୍ଥଳୀ, ବେଳାଭୂମି ପର୍ଯ୍ୟଟନ ଓ ମାଇସ୍ ଟୁରିଜିମ୍‌କୁ ନୂଆ ଦିଗ ଦେଇଛି ଇକୋ-ରିଟ୍ରିଟ୍। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ନଭେମ୍ବର ୧ ତାରିଖରୁ ଆୟୋଜିତ ହୋଇଥିବା ଇକୋ-ରିଟ୍ରିଟ୍ ଆସନ୍ତାକାଲି (ବୁଧବାର) ଶେଷ ହେବ। ୨୮ ତାରିଖରେ ତିନୋଟି ସ୍ଥାନ ଯଥା କୋଣାର୍କ, ଭିତରକନିକା ଓ ସୋନାପୁରରେ ପର୍ଯ୍ୟଟକ ଶେଷ ଚେକ-ଇନ୍ କରି ୨୯ ତାରିଖରେ ଚେକ୍-ଆଉଟ୍ କରିବେ। ସେହିପରି ହୀରାକୁଦ, ଦାରିଙ୍ଗବାଡ଼ି, ସାତକୋଶିଆ ଏବଂ ପୁଟସିଲ୍‌ରେ ୨୯ ତାରିଖରେ ବୁକିଂ କରି ମାର୍ଚ୍ଚ ୧ ତାରିଖରେ ଚେକ୍-ଆଉଟ୍ କରିବେ। ତେବେ ୩ ମାସ ଧରି ଓଡ଼ିଶାର ୭ଟି ସ୍ଥାନରେ ଚାଲିଥିବା ଏହି ଇକୋ-ରିଟ୍ରିଟ୍ ମଧ୍ୟରୁ କୋଣାର୍କ ଇକୋ-ରିଟ୍ରିଟ୍‌ରେ ସର୍ବାଧିକ ଓ ସର୍ବକାଳୀନ ରେକର୍ଡସଂଖ୍ୟକ ବୁକିଂ ହୋଇଥିଲା। ଖାଲି ସେତିକି ନୁହେଁ, ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

■ କୋଣାର୍କ, ଭିତରକନିକା ଓ ସୋନାପୁରରେ ଆଜି ଶେଷ ଚେକ୍‌ଇନ୍
■ ଅନ୍ୟ ୪ଟି ସ୍ଥାନରେ ୨୯ ରେ ଶେଷ ବୁକିଂ
■ କୋଣାର୍କରେ ସର୍ବାଧିକ ଓ ସର୍ବକାଳୀନ ରେକର୍ଡସଂଖ୍ୟକ ପର୍ଯ୍ୟଟକ

ପ୍ରଥମ ପର୍ଯ୍ୟାୟରେ ହୀରାକୁଦ, ଦାରିଙ୍ଗବାଡି, କୋରାପୁଟ(ପୁଟସିଲ୍) ଓ ସାତକୋଶିଆ ଆଦି ୪ଟି ସ୍ଥାନରେ ଏକାସାଙ୍ଗକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ, ନିର୍ଦ୍ଦେଶକଙ୍କ ସମେତ ସ୍ଥାନୀୟ ଜିଲ୍ଲାପାଳ ଓ ଅଧିକାରୀମାନେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧ ତାରିଖରେ ସୋନାପୁର ଓ ଭିତରକନିକା ଏବଂ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧୫ରୁ କୋଣାର୍କ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇଥିଲା। ଗୁଜରାଟର କଚ୍ଛ ରଣ୍ ଉତ୍ସବ ଢାଞ୍ଚାରେ ଓଡ଼ିଶାର ୭ଟି ସ୍ଥାନରେ ଆୟୋଜିତ ହୋଇଥିବା ଏହି ପ୍ରତୀକ୍ଷିତ ଉତ୍ସବ ପୂର୍ବ ଭାରତର ପ୍ରଥମ ଏବଂ ଏକମାତ୍ର ଗ୍ଲାମ୍ପିଂ ଫେଷ୍ଟିଭାଲ। ଏଥିରେ ପର୍ଯ୍ୟଟକମାନଙ୍କ ଲାଗି ସମସ୍ତ ପ୍ରକାରର ସୁବିଧା ହୋଇଥିଲା। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଲକ୍‌ଜୁରୀ କଟେଜ୍‌ରେ ପର୍ଯ୍ୟଟକମାନେ ରହିବା ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାରର ଆକ୍ଟିଭିଟିର ମଜା ନେଇଥିଲେ। ଆରାମଦାୟକ ରହଣୀ ସହ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟାଭ୍ୟାସକୁ ନିକଟକୁ ଜାଣିବାର ସୁଯୋଗ ପାଇଥିଲେ ଉଭୟ ଦେଶ-ବିଦେଶର ପର୍ଯ୍ୟଟକ। ଟ୍ରେକିଂ, ଜଙ୍ଗଲ ସଫାରୀ ଅଲ୍ ଟେରେନ୍ ଭେଇକିଲ୍(ଏଟିଭି) ରେ ଜଙ୍ଗଲ ଓ ବିଚ୍‌ରେ ବୁଲିବା, ରାଇଫଲ୍ ସୁଟିଂ, ଆର୍ଚେରୀ, ବିଚ୍ ଭଲିବଲ, ଜେଟ୍ ସ୍କି, ବାନାନା ରାଇଡ୍, ସ୍ପିଡ୍ ବୋଟ୍, ପାରାସେଲିଂ, ଇ-ବାଇସାଇକଲ୍ ଆଦିର ଭରପୂର ମଜା ନେଇଛନ୍ତି ପର୍ଯ୍ୟଟକ। କେବଳ ସେତିକି ନୁହେଁ, ଗାଇଡେଡ୍ ଟୁର୍ ସହ ଫରେଷ୍ଟ ଓ ନେଚର ଟ୍ରେଲ୍, ଭିଲେଜ୍ ୱାକ୍, ବାଲୁକା କଳା କର୍ମଶାଳା, ସମୁଦ୍ର ଓ ନଦୀଶଯ୍ୟାରେ ଯୋଗ ଏବଂ କୁମ୍ଭା କର୍ମଶାଳାକୁ ଉପଭୋଗ କରିବାର ସୁଯୋଗ ମଧ୍ୟ ରହିଥିଲା। ୩ ମାସ ଧରି ଚାଲିଥିବା ଇକୋ-ରିଟ୍ରିଟ୍ ଚଳିତ ବର୍ଷ ନିଆରା ଅନୁଭୂତି ସାଉଁଟିଛନ୍ତି ପର୍ଯ୍ୟଟକ। ଯାହାର ଝଲକ୍ ପର୍ଯ୍ୟଟକମାନେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି।

DSPL-738

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍‌ର
ଲୋକାର୍ପଣ

- ଜିଲ୍ଲା ବିଜ୍ଞାନ କେନ୍ଦ୍ର, ଜୟପୁର, କୋରାପୁଟ
- ପ୍ଲାନେଟାରିୟମ, ରାୟଗଡ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ଘଟଗାଁ, କେନ୍ଦୁଝର
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ବାରିପଦା, ମୟୂରଭଞ୍ଜ

ଏବଂ

ଭିତ୍ତିପ୍ରସ୍ତର ସ୍ଥାପନ

- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କଳାହାଣ୍ଡି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ବୌଦ୍ଧ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କେନ୍ଦ୍ରାପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଝାରସୁଗୁଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଗଜପତି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ନୂଆପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଜଗତସିଂହପୁର

୨୮ ଫେବୃୟାରୀ ୨୦୨୪



ବିଜ୍ଞାନ ଦୃଶ୍ୟପଟ୍ଟର ପରିବର୍ତ୍ତନ | ବୈଜ୍ଞାନିକ ଚିନ୍ତାଧାରାର ସୁଦୃଢୀକରଣ
ବିଜ୍ଞାନ ଓ ବୈଷୟିକ ବିଭାଗ, ଓଡିଶା ସରକାର

OIPR-28001/13/0010/2324



ମିଶନଶକ୍ତି ମହିଳାଙ୍କୁ ସୁଧ ଫେରସ୍ତ

'ମହିଳାମାନେ ସମୃଦ୍ଧହେଲେ ରାଜ୍ୟ ସମୃଦ୍ଧ ହେବ'

କେନ୍ଦ୍ରାପଡ଼ା, ୨୭।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ମିଶନଶକ୍ତି ଅଧିନରେ ଋଣ ନେଇଥିବା

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଋଣର ସୁଧବାବଦ ଅର୍ଥ ଫେରସ୍ତ କରାଯାଇଛି । ଏହି ଉପଲକ୍ଷେ ବିଡିଓ ବନ୍ଦନା ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ ଓ ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଓଏଲଏମ୍ ଏବଂ ମିଶନଶକ୍ତିର ବିପିଏମ୍ ରବୀନ୍ଦ୍ର ପାଢ଼ୀ ଅତିଥି ପରିଚୟ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ୫୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଋଣର ସୁଧ ବାବଦୁ ୨୫ରୁ ୩୫ଲକ୍ଷ କରି ଅର୍ଥ ଚେକ୍ ଆକାରରେ ଫେରସ୍ତ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର ପ୍ରତିନିଧିମାନଙ୍କ ସହିତ ବିଏଲସି ନରେନ୍ଦ୍ର ନାୟକ, ମିଶନଶକ୍ତି ବିପିଏଲ କୈଳାସ ବାରିକ, ବିପିଏ ସୌରଭ କୁମାର ନାୟକ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଏବଂ ସଭ୍ୟାମାନେ ଉପସ୍ଥିତ ଥିଲେ ।

ଡେରାବିଶ: ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଅଧ୍ୟକ୍ଷତା କରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନଶକ୍ତି ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ଋଣକୁ ସଦୁପଯୋଗ କଲେ ମହିଳାମାନେ ସମୃଦ୍ଧ ହେବା ସହ ଏକ ସଶକ୍ତ ଓଡ଼ିଶା ଗଠନ ହୋଇପାରିବ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ବିଡ଼ିଓ ଦାସରଥି ଜେନା ଯୋଗଦେଇ ଓଡ଼ିଶା ସରକାର ମିଶନଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏଥିସହିତ ସରକାରଙ୍କ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମା' ମାନଙ୍କୁ ୟୁନିଫର୍ମ ଓ ବ୍ଲେଜର ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ସିଡ଼ିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ ଯୋଗଦେଇ ମହିଳା ସଶକ୍ତରଣ ଓ ମିଶନଶକ୍ତି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମେଳାରେ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଞ୍ଚାୟତର ୨୭୯୬ ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମଧ୍ୟରୁ ୧୨୬୮ଟି ଗୋଷ୍ଠୀ ସୁଧଛାଡ଼ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ବିଭାଗକୁ ପ୍ରଶଂସା କରିବା ସହିତ ଅବଶିଷ୍ଟ ସ୍ୱୟଂ ସହାୟିକା ଗୋଷ୍ଠୀମାନେ କିପରି ଏହାର ସୁଯୋଗ ପାଇ ପାରିବେ ସେଥିପାଇଁ କ୍ୟାଡ଼ର ଓ ପଞ୍ଚାୟତ ମହାସଂଘର ନେତ୍ରୀମାନଙ୍କର ପୂର୍ଣ୍ଣ ସହଭାଗିତା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ସର୍ବଶ୍ରେଷ୍ଠ ୫୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ମୁଖ୍ୟ ଅତିଥି ବିଡ଼ିଓ ଜେନା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିବା ସହ ସୁଧ ଫେରସ୍ତ ଚେକ୍ ପ୍ରଦାନ କରିଥିଲେ । ଏହି ମେଳାରେ ବ୍ଲକ ଅଧିନସ୍ଥ ସମସ୍ତ ବ୍ୟାଙ୍କ ପ୍ରତିନିଧି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ, ସମ୍ପାଦିକା, ବ୍ୟାଙ୍କମିତ୍ର, ଏମ୍‌ବିକେ, ସିଆରପି ମାନେ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ମେଳା ପରିଚାଳନାରେ ବ୍ଲକ ଫେଡ଼େରେସନ୍ ସମ୍ପାଦିକା ମନୋରମା ରାଉତ, ବିପିସି ବିଜୟ ଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଶେଖର ଭଦ୍ର, ଜୀବିକା ମିଶନର ପ୍ରିୟଦର୍ଶିନୀ ସାହାଣୀ, ସରିତା ସାହୁ, ମିଶନ ଶକ୍ତିର ନିବେଦିତା ଦାଶ, ଲିନୁ ବେହେରା, ସୁପ୍ରିୟା ସାମଲ, ଦିପ୍ତିମୟୀ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ରାଜନଗର: ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନଶକ୍ତି ବ୍ଲକ ସଂଯୋଜିକା ସାଗରିକା ମଲ୍ଲିକଙ୍କ ସଂଯୋଜନା କରିଥିଲେ ।

ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଗାଁ ଠୁଁ ସହର ପର୍ଯ୍ୟନ୍ତ ମହିଳାମାନଙ୍କୁ ସଶକ୍ତିକରଣ, ସ୍ୱାବଲମ୍ବୀ ଏବଂ ଆର୍‌ଓଥକ କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ଯୋଗାଇ ଦେଇ ପ୍ରତିଟି ମହିଳାଙ୍କ ଓଠରେ ହସ ଫୁଟାଇ ପାରିଛନ୍ତି । ରାଜନଗର ବ୍ଲକରେ କାର୍ଯ୍ୟରତ ୧୨୯୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସୁଧ ବାବଦ ଅର୍ଥ ୯୪ ଲକ୍ଷ ୨୭ ହଜାର ୭୬୯ ଟଙ୍କା ଛାଡ କରିଛନ୍ତି । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀରେ ସଦସ୍ୟ ଥିବା ମହିଳା ମାନଙ୍କର ଋଣ ବାବଦ ଅର୍ଥ ସୁଧ ଛାଡ ସେମାନଙ୍କ ଆର୍‌ଓଥକ ଅବସ୍ଥାକୁ ଅଧିକ ସୁଦୃଢ କରିବ ବୋଲି କହିଥିଲେ । ଏଣିକି ମହିଳାମାନେ ବିନା ସୁଧରେ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ । କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ବିଡିଓ ନିଶାନ ମିଶ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳିକା ସୌଦାମିନୀ ରଣା, ସିଡିପିଓ ସନ୍ତୋଷିନୀ ଭୋଇ, ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ରାଜନଗର ପଞ୍ଚାୟତ ସମିତିସଭ୍ୟା ସୁମିତ୍ରା ସେଠୀ, ବାଘମାରି ପଞ୍ଚାୟତ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗଦେଇ ରଣଛାଡ ଅର୍ଥରାଶି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଏଲଏଫ, ଜିପିଏଲଏଫଙ୍କ ସମେତ ୨୯ଟି ପଞ୍ଚାୟତର ଏମବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଏବଂ ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ ।

ରାଜକନିକା: ରାଜକନିକା ବ୍ଲକ ପରିସରରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଏକ ସଭା କରାଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୟୁନିଫର୍ମ ଓ ବ୍ଲେଜର ପାଇଁ ଅନୁଦାନ ବଣ୍ଟନ କରାଯିବା ସହ ସୁଧଛାଡ ମେଳା ଓ ବିନା ସୁଧରେ କେମିତି ଋଣ ପାଇପାରିବେ ସେ ନେଇ ଅବଗତ କରାଯାଇଛି । ଏହାବାଦ ବ୍ଲକର ୭୭୯ଟି ଗ୍ରୁପର ୫୫ଲକ୍ଷ ୧୦ହଜାର ୨୫୬ ଟଙ୍କା ସୁଧ ଛାଡ଼ କରାଯାଇଛି । ମିଶନ ଶକ୍ତି ବ୍ଲକ ସଂଯୋଜକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ପୃଥ୍ୱୀରାଜ ପରିଡ଼ା, ସିଡିପିଓ ମିଲିମା ପଣ୍ଡା, ଏସବିଆଇ ରାଜକନିକା ଶାଖା ପରିଚାଳକ ସୂର୍ଯ୍ୟନାରାୟଣ ବେହେରା ଓ ବିଏଲଏଫ୍ ର ସଭାପତି ଏବଂ ସମ୍ପାଦିକା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜୀବିକା ମିଶନର ପ୍ରଶାନ୍ତ ରାଉତ, ମହାଶ?ବେତା ନାୟକ, ରଞ୍ଜୁଲତା ବେହେରା ଓ ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

'ମାଟି ପାଇଁ ଜେଲ ଚାଲ' ଆନ୍ଦୋଳନ

କେନ୍ଦ୍ରାପଡ଼ା, ୨୭।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ତରଫରୁ କେନ୍ଦ୍ରାପଡ଼ା ପ୍ରତି ଅବହେଳା ପ୍ରତିବାଦରେ 'ମାଟି ପାଇଁ ଜେଲ ଚାଲ' ଆନ୍ଦୋଳନ କରାଯାଇଥିଲା । କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା, ମ୍ୟୁନିସିପାଲଟିରେ ସିଟି ହସପିଟାଲ ପ୍ରତିଷ୍ଠା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ କେନ୍ଦ୍ରାପଡ଼ାକୁ ରେଳ ସେବା ଯୋଗାଇଦେବା କ୍ଷେତ୍ରରେ ଉଦାସୀନତାକୁ ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି । ଜିଲ୍ଲା ସଦର ମହକୁମାର ଚିକିତ୍ସାଳୟ ଗତ ୨୦୨୩ ଜାନୁୟାରୀରେ ମ୍ୟୁନିସିପାଲଟି ବାହାରକୁ ସ୍ଥାନାନ୍ତରିତ ହେତୁ ପୌରବାସୀ ତଥା ପଡୋଶୀ କେନ୍ଦ୍ରାପଡ଼ା ଓ ଡେରାବିଶର ପ୍ରାୟ ୧ଲକ୍ଷ ଲୋକ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଏଥି ନିମନ୍ତେ ଦୀର୍ଘ ୫୪ଦିନ ବ୍ୟାପି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଗଣ ଧାରଣା ଦିଆଯାଇଥିଲା । ମୁଖ୍ୟ ଚିକିତ୍ସାଳୟ ସ୍ଥାନରେ ଅର୍ବାନ ସିଏଚସି ବା ସିଟି ହସପିଟାଲ ପ୍ରତିଷ୍ଠା ପାଇଁ ଦାବି ମଧ୍ୟ ପୂରଣ ହୋଇନି । ଏଥି ସହ କେନ୍ଦ୍ରପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟର ସର୍ବ ବୃହତ ମହାବିଦ୍ୟାଳୟ ହୋଇଥିଲେ ହେଁ ଛାତ୍ର, ଶିକ୍ଷକ ଓ ଅଭିଭାବକ ମିଳିତ ଦାବି ସତ୍ତ୍ୱେ ଏହାକୁ ବିଶ୍ୱବିଦ୍ୟାଳୟରେ ମାନ୍ୟତା ମିଳୁନି । ଏନେଇ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲାର ଏହି ଦାବି ଗୁଡିକୁ ନେଇ "ମାଟି ପାଇଁ ପାଟି ଖୋଲ", "ମାଟି ପାଇଁ ମାଡି ଚାଲ" ଆନ୍ଦୋଳନ କରି ବିଫଳ ହେବାରୁ "ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପୌରୋହିତ୍ୟ କରି ଦାବି ପୂରଣ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ । ମାଟି ପାଇଁ ଜେଲ ଚାଲ" ଆନ୍ଦୋଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଜିଲ୍ଲା କଂଗ୍ରେସ ସଭାପତି ଲୋକାନାଥ ମହାରଥୀ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଯୁବ ନେତା ତଥା ଯୁବ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡ଼ା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ପୂର୍ବତନ ନଗରପାଳ ଆକବର ଅଲ୍ଲୀ ପ୍ରମୁଖ ଭାଷଣ ଦେଇଥିଲେ ।

ଚେନ୍ନାଇରେ ମାତୃଭାଷା ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୭।୨(ସମିସ): ଚେନ୍ନାଇସ୍ଥିତ ଭାରତ ଭାରତୀ ପକ୍ଷରୁ ମାତୃଭାଷା ଦିବସ ଗତ ୨୪ ତାରିଖ ଦିନ ଆୟୋଜିତ ହୋଇଯାଇଛି । ଚେନ୍ନାଇରେ ବସବାସ କରୁଥିବା ୨୨ଟି ରାଜ୍ୟର ଲୋକମାନେ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆମ ରାଜ୍ୟର ରହୁଥିବା ଓଡ଼ିଆମାନଙ୍କ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟର ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଆଗକୁ ନିଆଯାଇଥିଲା । ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବନ୍ଦନା ସହିତ ଚେନ୍ନାଇରେ ରହୁଥିବା ଓଡ଼ିଶାର ଓଡ଼ିଆ ଆଇଟି ଇଂଜିନିୟର ଗାୟତ୍ରୀ ଭୂପତିତ ଓ ତାମସା ରାଉତଙ୍କ ସହଯୋଗରେ କୁନିକୁନି ଓଡ଼ିଆ ପିଲାମାନଙ୍କୁ ନେଇ ଓଡିଶୀ ନୃତ୍ୟ ସହିତ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ । ଓଡ଼ିଶାର ଯୁବକ, ଯୁବତୀଙ୍କ ସହିତ କୁନିକୁନି ଛାତ୍ରଛାତ୍ରୀ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ପ୍ରଫେସର ନଳିନୀ କାନ୍ତ ମହାନ୍ତି, ଶିବଶଙ୍କର ନାୟକ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଲୁ ପ୍ରଧାନ ପରିଚାଳନା କରୁଥିବା ବେଳେ ଚେନ୍ନାଇର କୋଣ ଅନୁକୋଣରେ ରହୁଥିବା ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା ସହିତ ବହୁ ଓଡ଼ିଆ ମହିଳା, ପୁରୁଷ, ଯୁବକ ଭରପୁର ଆନନ୍ଦ ନେଇଥିଲେ । ଓଡ଼ିଆମାନଙ୍କ ଓଡ଼ିଶୀ ନୃତ୍ୟ ଦେଖିବା ପାଇଁ ଚେନ୍ନାଇର ଲୋକମାନେ ଖୁସି ହୋଇଥିବା ଦେଖିବାକୁ ମିଳିଥିଲା ।

ଶିଶୁଙ୍କୁ ମିଳୁନି ରନ୍ଧାଖାଦ୍ୟ

ରୋଷେଇ ପାଇଁ ଆସୁଥିବା ସାମଗ୍ରୀ ହରିଲୁଟ୍ ଅଭିଯୋଗ

କେନ୍ଦ୍ରାପଡ଼ା, ୨୭।୨(ସମିସ): କୋମଳମତି ଶିଶୁଙ୍କୁ ରନ୍ଧାଖାଦ୍ୟ ମିଳୁନି । ରୋଷେଇ ପାଇଁ ଆସୁଥିବା ସାମଗ୍ରୀ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଶେଷରେ ଏନେଇ ସିଡିପିଓଙ୍କୁ ଲିଖିତ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । କୋମଳମତି ଶିଶୁଙ୍କ ମାନସିକ ଅଭିବୃଦ୍ଧି ଓ ପୁଷ୍ଟିଗତ ବିକାଶ ପାଇଁ ସରକାର ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପିଲାଙ୍କୁ ଉତ୍ତମ ପୋଷଣ ସହିତ ଶାରୀରିକ ଉନ୍ନତି ପାଇଁ ଅନେକ ପଦକ୍ଷେପ ମଧ୍ୟ ନିଆଯାଇଛି । ହେଲେ ଏହାର ବ୍ୟତିକ୍ରମ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଅଧିନସ୍ଥ ପଟଶା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରଠାରେ ଦେଖିବାକୁ ମିଳିଛି । ଯାହାକୁ ନେଇ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି । ସେମାନଙ୍କ ଅଭିଯୋଗ ଅନୁଯାୟୀ ୪-୫ ମାସ ହେବ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉନାହିଁ । କେବଳ ଗୋଟିଏ ଲେଖାଏଁ ଅଣ୍ଡା ଦିଦି ଦେଉଛନ୍ତି । ରୋଷେଇ ପାଇଁ ଆସୁଥିବା ସାମଗ୍ରୀ ମଧ୍ୟ ପରିବାରଙ୍କୁ ମିଳୁନି । ତେବେ ରୋଷେଇ ପାଇଁ ଆସୁଥିବା ସାମଗ୍ରୀ ଯାଉଛି କୁଆଡେ? ପିଲାଙ୍କ ପାଇଁ ଆସୁଥିବା ରୋଷେଇ ସାମଗ୍ରୀ ବାଟମାରଣା କରାଯାଉନି ତ? ଯଦି ବାଟମାରଣା ହେଉଛି ତେବେ ଏହା ପଛରେ କିଏ କିଏ ସାମିଲ୍ ଅଛନ୍ତି ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ଏମିତିକି ଅଙ୍ଗନବାଡ଼ି କେନ୍ଦ୍ର ମନଇଚ୍ଛା ଖୋଲା ହେଉଛି । ଆଉ ମନଇଚ୍ଛା ବନ୍ଦ ମଧ୍ୟ ହେଉଛି । ଅଭିଯୋଗ ହେଲେ ମଧ୍ୟ ଏଥିପାଇଁ ବିଭାଗୀୟ ଅଧିକାରୀ ମଧ୍ୟ ଚୁପ୍ ବସୁଛନ୍ତି । ରୋଷେଇଆ ନଥିବା ଯୋଗୁଁ ରୋଷେଇ ହୋଇପାରୁନି ବୋଲି ଦିଦି କହିଛନ୍ତି । ଯଦି ରୋଷେଇଆ ନଥିବା ଯୋଗୁଁ ରୋଷେଇ ବନ୍ଦ ତେବେ ରୋଷେଇ ସାମଗ୍ରୀ ଯାଉଛି କୁଆଡେ ବୋଲି ଅଭିଭାବକମାନେ ଉଦବେଗ ପ୍ରକାଶ କରିଛନ୍ତି । ଏ ନେଇ ମହାକାଳପଡ଼ା ସିଡିପିଓଙ୍କୁ ଶିଶୁଙ୍କ ଅଭିଭାବକ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଶସ୍ମିତା ସାହୁ, ରିନାରାଣୀ ସାହୁ, ମାମୁନି ସାହୁ, ମିନିଲତା ସାହୁ, ସସ୍ମିତା ମହାନ୍ତି ପ୍ରମୁଖ ତୁରନ୍ତ ଏ ଘଟଣାରେ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ଚାଞ୍ଚଲ୍ୟକର ତଥ୍ୟ

କାମ ସରିନି; ମରାମତି ପାଇଁ ଦେଢ଼ ଲକ୍ଷ ଖର୍ଚ୍ଚ

କେନ୍ଦ୍ରାପଡ଼ା, ୨୭।୨(ସମିସ): ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ଅନଲାଇନରେ ଚାଞ୍ଚଲ୍ୟକର ତଥ୍ୟ ଅପଲୋଡ କରାଯାଇଛି । ଏମିତିକି ପିଲାମାନେ ଅଙ୍ଗନବାଡି ପିଣ୍ଡା ମାଡିନଥିବାବେଳେ ମରାମତି ପାଇଁ ଦେଢ଼ ଲକ୍ଷ ଟଙ୍କା ଉଠିଯାଇଛି । କାଗଜପତ୍ରରେ ଅଙ୍ଗନବାଡ଼ି କେନ୍ଦ୍ର ଶେଷ ହୋଇନଥିବା ଦର୍ଶାଯାଇଥିବାବେଳେ କେମିତି ଟଙ୍କା ଉଠିଲା ସେନେଇ ଏବେ ପ୍ରଶ୍ନ ଉଠିଛି । ପ୍ରଥମେ ଗୃହ ପାଇଁ ୫ ଲକ୍ଷ ଆଉ ୨୦୨୩ ମସିହା ଅକ୍ଟୋବର ମାସରେ ଶେଷ କରିବାକୁ ଆଉ ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା । ସମୁଦାୟ ୭ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି ଶେଷ ପର୍ଯ୍ୟାୟରେ ନିର୍ମାଣ ରହିଛି । ତେବେ ଉଦଘାଟନ ହେଲେ ମେଣ୍ଟେନାନ୍ସରେ ୧ ଲକ୍ଷ ୫୦ହଜାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଯାହାକି ଉକ୍ତ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ଏକ ବଡ଼ ଧରଣର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି । ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମରେ ଥିବା ଅଙ୍ଗନୱାଡି (୧) କେନ୍ଦ୍ର ୨୦୧୯ ମସିହାରେ ପ୍ରଥମେ ୫ଲକ୍ଷ ଟଙ୍କା ଅନୁଦାନରେ ଆରମ୍ଭ ହୋଇଥିବା ବେଳେ ତାହା ସମ

ଜଷ୍ଟିସ ଅଜୟ ଖାନୱିଲକର ନୂଆ ଲୋକପାଳ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅଜୟ ମାଣିକରାଓ ଖାନୱିଲକର ଲୋକପାଳର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ଜଷ୍ଟିସ ଖାନୱିଲକର ୨୦୨୨ରେ ଅବସରଗ୍ରହଣ କରିଥିଲେ । ରାଷ୍ଟ୍ରପତି ଭବନ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏମ୍‌ଡି ଏରାଡୁ ଏସ୍ ରାଜୀବ ଭିଜିଲାନ୍ସ କମିଶନର ନିଯୁକ୍ତ ହୋଇଛନ୍ତି । ସେହିପରି ଜଷ୍ଟିସ ଲିଙ୍ଗପା ନାରାୟଣ ସ୍ୱାମୀ, ଜଷ୍ଟିସ ସଞ୍ଜୟ ଯାଦବ, ଜଷ୍ଟିସ ରିତୁ ରାଜ ଅବସ୍ଥି, ସୁଶୀଲ ଚନ୍ଦ୍ରା, ପଙ୍କଜ କୁମାର ଏବଂ ଅଜୟ ତିର୍କୀଙ୍କୁ ଲୋକପାଳର ସଦସ୍ୟ ନିଯୁକ୍ତ କରାଯାଇଛି । ଦାୟିତ୍ୱ ଗ୍ରହଣ ଦିନଠାରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟି ଏହି ନିଯୁକ୍ତି ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥାନ୍ତି । ଅଧ୍ୟକ୍ଷଙ୍କୁ ଛାଡ଼ି ଲୋକପାଳରେ ୪ ଜଣ ନ୍ୟାୟିକ ଏବଂ ସମାନ ସଂଖ୍ୟକ ଅଣ-ନ୍ୟାୟିକ ସଦସ୍ୟ ରହିପାରିବେ ।

ସ୍ୱାମୀଙ୍କ ହୃଦ୍‌ଘାତ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ବିବାହର ୩ ମାସ ଭିତରେ ନବ ଦମ୍ପତିଙ୍କ ସୁନାର ସଂସାର ଉଜୁଡ଼ି ଯାଇଛି । ହୃଦ୍‌ଘାତରେ ୨୫ ବର୍ଷୀୟ ସ୍ୱାମୀଙ୍କ ମୃତ୍ୟୁର ୨୪ ଘଣ୍ଟା ଭିତରେ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି । ଉତ୍ତରପ୍ରଦେଶ ଗାଜିଆବାଦର ବୈଶାଳୀରେ ଏହି ଘଟଣା ଘଟିଛି । ଗତ ନଭେମ୍ବର ୩୦ରେ ଅଭିଷେକ ଆଲୁୱାଲି ଏବଂ ଅଞ୍ଜଳୀଙ୍କ ବିବାହ ହୋଇଥିଲା । ସୋମବାର ଉଭୟେ ଏକ ଚିଡ଼ିଆଖାନାକୁ ବୁଲି ଯାଇଥିଲେ । ବୁଲିବା ସମୟରେ ଅଭିଷେକଙ୍କ ଛାତି ଯନ୍ତ୍ରଣା ହୋଇଥିଲା । ଅଞ୍ଜଳୀ ସାଙ୍ଗଙ୍କୁ ଡାକି ଅଭିଷେକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ବହୁ ପ୍ରୟାସ ସତ୍ତ୍ୱେ ଡାକ୍ତର ତାଙ୍କ ଜୀବନ ବଞ୍ଚାଇ ପାରି ନ ଥିଲେ । ପରେ ରାତି ୯ ଟାରେ ବୈଶାଳୀ ସ୍ଥିତ ବାସଭବନକୁ ମୃତଦେହ ନିଆଯାଇଥିଲା । ତେବେ ସ୍ୱାମୀଙ୍କ ମୃତ୍ୟୁ ଅଞ୍ଜଳୀଙ୍କୁ ଗଭୀର ଆଘାତ ଦେଇଥିଲା । ସେ ଏହା ସହି ନ ପାରି ସପ୍ତମ ମହଲାରେ ଥିବା ଘରର ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିଥିଲେ ।

କେଜ୍ରିୱାଲଙ୍କୁ ଇଡିର ଅଷ୍ଟମ ସମନ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଅଷ୍ଟମ ସମନ ଜାରି କରିଛି । ଏହା ପୂର୍ବରୁ ଏଜେନ୍ସି ତାଙ୍କୁ ୭ ଥର ସମନ ପଠାଇ ସାରିଲାଣି । ମାତ୍ର କୌଣସି ନା କୌଣସି କାରଣ ଦର୍ଶାଇ କେଜ୍ରିୱାଲ ସମନକୁ ଏଡ଼ାଇ ଚାଲିଛନ୍ତି । ନୂଆ ସମନ ତାଙ୍କ ସମସ୍ୟାକୁ ବଢ଼ାଇ ଦେଇଛି । ତାଙ୍କ ମୁଣ୍ଡ ଉପରେ ଗିରଫ ଖଣ୍ଡା ଝୁଲୁଛି । ଲୋକସଭା ନିର୍ବାଚନ ପୂର୍ବରୁ ଯେକୌଣସି ସମୟରେ ତାଙ୍କୁ ଗିରଫ କରାଯାଇପାରେ ବୋଲି କୁହାଯାଉଛି । ପୂର୍ବରୁ କେଜ୍ରିୱାଲ କହିଥିଲେ ଯେ କୋର୍ଟ ନିର୍ଦ୍ଦେଶ ଦେଲେ ସେ ଏଜେନ୍ସି ନିକଟରେ ହାଜର ହେବେ । ସମନ ସତ୍ତ୍ୱେ କେଜ୍ରିୱାଲଙ୍କ ଅନୁପସ୍ଥିତିକୁ ନେଇ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଏହା ଉପରେ କୋର୍ଟ ମାର୍ଚ୍ଚ ୧୬ ସୁଦ୍ଧା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ ।

ବୟସ୍କ ସାଂସଦଙ୍କ ପରଲୋକ

ମୋରାଦାବାଦ, ୨୭।୨ (ଏଜେନ୍ସି): ପାର୍ଲାମେଣ୍ଟର ସବୁଠାରୁ ବୟସ୍କ ତଥା ବରିଷ୍ଠତମ ସାଂସଦ ସାଫିକୁର ରହମାନ ବର୍କଙ୍କ ଆଜି ଏଠାକାର ଏକ ଘରୋଇ ହସପିଟାଲରେ ପରଲୋକ ଘଟିଛି । ସମାଜବାଦୀ ପାର୍ଟିର ଏହି ସାଂସଦଙ୍କୁ ୯୪ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ଥାଇ ଚିକିତ୍ସିତ ହେଉଥିଲେ । ସେ ଉତ୍ତରପ୍ରଦେଶର ସମ୍ଭଲ ଲୋକସଭା ଆସନରୁ ଆଗରୁ ୪ଥର ଓ ୨୦୧୯ରେ ଶେଷ ଥର-ଏହିଭଳି ୫ଥର ସଂସଦକୁ ନିର୍ବାଚିତ ହୋଇଥିଲେ । ସଂସଦକୁ ଆସିବା ପୂର୍ବରୁ ସେ ୪ଥର ଉତ୍ତରପ୍ରଦେଶ ବିଧାନସଭକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୋକବ୍ୟକ୍ତ କରିଛନ୍ତି ।

ଦିଲ୍ଲୀ, ହରିୟାଣା ପାଇଁ ପ୍ରାର୍ଥୀ ଘୋଷଣା କଲା ଆପ୍

ନୂଆଦିଲ୍ଲୀ, ୨୭।୨(ଏଜେନ୍ସି): ଆମ ଆଦମୀ ପାର୍ଟି(ଆପ୍) ମଙ୍ଗଳବାର ଦିଲ୍ଲୀ ଓ ହରିୟାଣା ପାଇଁ ୫ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । କଂଗ୍ରେସ ସହ ଆସନ ବୁଝାମଣା ପରେ ଆପ୍ କୋଣ୍ଡଲିର ଏଏପି ବିଧାୟକ କୁଲଦୀପ କୁମାରଙ୍କୁ ପୂର୍ବଦିଲ୍ଲୀ, ମାଲବ୍ୟ ନଗର ବିଧାୟକ ସୋମନାଥ ଭାରତୀଙ୍କୁ ନୂଆଦିଲ୍ଲୀ, ମହାବଲ ମିଶ୍ରାଙ୍କୁ ପଶ୍ଚିମ ଦିଲ୍ଲୀ ଆସନରୁ ଏବଂ ଦକ୍ଷିଣ ଦିଲ୍ଲୀ ଆସନ ପାଇଁ ସାହି ରାମ ପହଲବାନଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ହରିୟାଣାର ୧୦ ଲୋକସଭା ଆସନରୁ କଂଗ୍ରେସ ୯ଟିରେ ଓ ଆପ୍ ଗୋଟିଏ ଆସନ କୁରୁକ୍ଷେତ୍ରରୁ ଲଢ଼ିବ । ଏହି ଆସନ ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ସୁଶୀଲ ଗୁପ୍ତାଙ୍କୁ ପ୍ରାର୍ଥୀ କରିଛି ।

ଶାହଜାହାଁ ଶେଖ୍‌ର ଘନିଷ୍ଠ ଗିରଫ

କୋଲକାତା, ୨୭।୨ (ଏଜେନ୍ସି): ପଶ୍ଚିମବଙ୍ଗ ସନ୍ଦେଶଖାଲିରୁ ପୁଲିସ ଫେରାର ଥିବା ଶାହଜାହାଁ ଶେଖ୍‌ର ଘନିଷ୍ଠ ଟିଏମ୍‌ସି ନେତା ଅଜିତ ମୈତିକୁ ଗିରଫ କରିଛି । ତା ବିରୋଧରେ ଜମି ହଡ଼ପ ଅଭିଯୋଗ ରହିଛି । ଗତ ୨୩ ତାରିଖରେ ଲୋକେ ଅଜିତର ଘର ଉପରେ ଆକ୍ରମଣ କରି ତାକୁ ଚପଲରେ ବାଡ଼େଇ ଥିଲେ । ଏହା ମଧ୍ୟରେ ପୁଲିସ ଶାହଜାହାଁ ଭାଇ ସିରାଜୁଦ୍ଦିନ ବିରୋଧରେ ଜମି ହଡ଼ପ ମାମଲା ରୁଜୁ କରିଛି । ଅନ୍ୟପକ୍ଷରେ ବାରାସତର ଗୁମାହ-୧ ପଞ୍ଚାୟତର ଉପ-ମୁଖ୍ୟ ବିଜୟ ଦାସଙ୍କୁ ସୋମବାର ହତ୍ୟାର କରାଯାଇଛି । ଘର ବାହାରେ ବୁଲୁଥିବାବେଳେ ତାଙ୍କ ଉପରେ ଗୁଳିମାଡ଼ କରାଯାଇଥିଲା । ସେହିପରି ସନ୍ଦେଶଖାଲି ବେଡ଼ମଜୁରର ହାଲଦାର ଆଡ଼ିଙ୍କ ଗୋଦାମରେ ଲୋକେ ନିଆଁ ଲଗାଇ ଦେଇଛନ୍ତି ଏବଂ ଶଙ୍କର ସର୍ଦ୍ଦାର ଘରେ ଭଙ୍ଗାରୁଜା କରିଛନ୍ତି ।

ଉଦ୍‌ଘାଟନର ଦିନକ ପରେ ଭାଙ୍ଗିଲା ଭାସମାନ ପୋଲ

ବିଶାଖାପାଟଣା, ୨୭।୨ (ଏଜେନ୍ସି): ବିଶାଖାପାଟଣାର ଆରକେ ବେଳାଭୂମିରେ ନିର୍ମିତ ଭାସମାନ ପୋଲ ଉଦ୍‌ଘାଟନର ୨୪ ଘଣ୍ଟା ମଧ୍ୟରେ ଭାଙ୍ଗି ଯାଇଛି । ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ କରାଯାଇଥିଲା । ରବିବାର କ୍ଷମତାସୀନ ଦଳ ୱାଇଏସଆରର ରାଜ୍ୟସଭା ସାଂସଦ ୱାଇ ଭି ଶୁବା ରେଡ୍ଡୀ ରବିବାର ଏହାକୁ ଉଦ୍‌ଘାଟନ କରିଥିଲେ । ଏହା ପରିଦିନ ପର୍ଯ୍ୟଟକ ଭାସମାନ ପୋଲରେ ଚଢ଼ିବା ପରେ ଏହାର ଏକ ଅଂଶ ଅଲଗା ହୋଇ ସମୁଦ୍ର ଭିତରକୁ ପଳାଇ ଥିଲା ।

ମରାଠା ସଂରକ୍ଷଣ ଆନ୍ଦୋଳନର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ

ମୁମ୍ବାଇ, ୨୭।୨ (ଏଜେନ୍ସି): ମରାଠା ସଂରକ୍ଷଣକୁ ନେଇ ମହାରାଷ୍ଟ୍ରରେ ଚାଲୁଥିବା ଆନ୍ଦୋଳନର ଏସ୍‌ଆଇଟି ଯାଞ୍ଚ କରାଯିବ । ମଙ୍ଗଳବାର ବାଚସ୍ପତି ରାହୁଲ ନାର୍ବେକର ଏସଆଇଟି ଗଠନ ନିର୍ଦ୍ଦେଶ ଦେଇଛନ୍ତି । ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକ ହିଂସାପୂର୍ଣ୍ଣ ବୟାନ ଦିଅନ୍ତି ନାହିଁ । ଏହି ହିଂସାର କିଏ ସାମିଲ ଅଛନ୍ତି ତାହା ଜାଣିବା ଏହି ତଦନ୍ତ କରାଯିବ ବୋଲି କହିଥିଲେ । ଆନ୍ଦୋଳନର ନେତୃତ୍ୱ ନେଉଥିବା ମନୋଜ ଜରାଙ୍ଗେ ଉପ-ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତାଙ୍କ ଉପରେ ଅଭିଯୋଗ ଲଗାଇ ଥିଲେ । ସେମାନେ ସଂରକ୍ଷଣ ନ ଦେବାକୁ ପ୍ରୟାସ କରୁଛନ୍ତି ।

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ

ହିମାଚଳ ସରକାର ଉପରେ ସଂକଟ

୯ କଂଗ୍ରେସ ବିଧାୟକଙ୍କ ସମର୍ଥନରେ ବିଜେପି ପ୍ରାର୍ଥୀ ବିଜୟୀ

ରାଜ୍ୟରେ ସରକାର ଗଠନ ଦାବିକଲେ ବିରୋଧୀ ନେତା

ଉତ୍ତରପ୍ରଦେଶ, କର୍ଣ୍ଣାଟକରେ ବି ବିଜେପି ସପକ୍ଷରେ କ୍ରସ୍ ଭୋଟିଂ

ସିମଲା,୨୭।୨(ଏଜେନ୍ସି):

୩ଟି ରାଜ୍ୟରେ ୧୫ ରାଜ୍ୟସଭା ସଦସ୍ୟ ପାଇଁ ମଙ୍ଗଳବାର ମତଦାନ ହୋଇଛି । ରାଜ୍ୟସଭାରେ ଖାଲି ପଡ଼ିଥିବା ମୋଟ ୫୬ ଆସନ ମଧ୍ୟରୁ ପୂର୍ବରୁ ୪୧ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ ।ବାକି ୧୫ ଆସନ ପାଇଁ କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ମତଦାନ କରାଯାଇଥିଲା । ତେବେ ହିମାଚଳ ପ୍ରଦେଶରେ ବାଜି ପଲଟାଇ ଦେଇଛି ବିଜେପି । ଏଠାରେ ଗୋଟିଏ ମାତ୍ର ରାଜ୍ୟସଭା ଆସନ ପାଇଁ ମତଦାନ କରାଯାଇଥିଲା ବେଳେ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ତଥା ସୁପ୍ରିମକୋର୍ଟ ଆଇନଜୀବୀ ଅଭିଷେକ ମନୁସିଂଘଭିଙ୍କୁ ପ୍ରାର୍ଥୀ କରାଯାଇଥିଲା । ସେପଟେ ବିରୋଧୀ ବିଜେପି ହର୍ଷ ମହାଜନଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁସିଂଘଭିଙ୍କ ବିଜୟ ଏକପ୍ରକାର ନିଶ୍ଚିତ ଥିଲା । କାରଣ ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶର ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୪୦ ରହିଥିଲା ବେଳେ ବିଜେପି ବିଧାୟକଙ୍କ ସଂଖ୍ୟା ୨୫ ରହିଥିଲା । ତେଣୁ କଂଗ୍ରେସ ପ୍ରାର୍ଥଙ୍କ ବିଜୟ ସୁନିଶ୍ଚିତ ହୋଇଥିଲା । ହେଲେ ଶେଷ ମୂହୂର୍ତ୍ତରେ ଖେଳ ବଦଳି ଯାଇଛି । କଂଗ୍ରେସର ୯ ବିଧାୟକ ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିବାରୁ ବିଜେପି ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି । ଯାହାକି କଦାଚିତ ସମ୍ଭବ ନଥିଲା । କେବଳ ଏହି ୯ ବିଧାୟକ ନୁହନ୍ତି, କଂଗ୍ରେସର ଆଉ ଜଣେ ବିଧାୟକ ଅସୁସ୍ଥ ହେବା ନାଁରେ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯାଇ ମତଦାନ ବେଳେ ଫେରି ନଥିବା କୁହାଯାଇଛି । ଏଭଳି ସ୍ଥିତିରେ ରାଜ୍ୟରେ ରାଜନୈତିକ ସଙ୍କଟ ଆରମ୍ଭ ହୋଇଛି । ବିଜେପି ପ୍ରାର୍ଥୀ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁକୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ବିରୋଧୀ ଦଳ ନେତା ଜୟରାମ ଠାକୁର ଦାବି

କରିଛନ୍ତି । ଖୁବ କମ୍ ଦିନ ମଧ୍ୟରେ ଆମେ ସରକାର ଗଢିବୁ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ନିର୍ବାଚନରେ କଂଗ୍ରେସ ଏଠାରେ ବିଜୟୀ ହୋଇ ସରକାର ଗଢିବା ପରେ ଦଳ ସୁଖୁବିନ୍ଦର ସିଂ ସୁଖୁଙ୍କୁ ଦଳ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ଏହାକୁ ନେଇ ଦଳରେ ଅସନ୍ତୋଷ ବଢିଥିଲା । କାରଣ ସୁଖୁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଅଧିକାଂଶ ବିଧାୟକ ଚାହୁଁ ନଥିଲେ ।

ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ଭାବେ ଅଭିଷେକ ମନୁସିଂଘଭିଙ୍କୁ ଦଳ ପ୍ରାର୍ଥୀ କରିବା ପରେ ଦଳୀୟ ଅସନ୍ତୋଷ ଆହୁରି ବଢ଼ିଥିଲା । କାରଣ ହିମାଚଳ ଜଳ ବିଲ୍‌କୁ ନେଇ ରାଜ୍ୟ ସରକାର ଏକ କମ୍ପାନୀକୁ ବିରୋଧ କରିଥିଲା ବେଳେ ସଂପୃକ୍ତ କମ୍ପାନୀ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । କିନ୍ତୁ ଅଭିଷେକ ମନୁସିଂଘଭି ଏହି କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ଲଢେଇ କରିଥିଲା ବେଳେ ଏହା କଂଗ୍ରେସ ବିଧାୟକମାନଙ୍କୁ ଆହୁରି ଅତିଷ୍ଠ କରିଥିଲା । ସେ କଂଗ୍ରେସ ନେତା ହୋଇ ବି ଏକ କଂଗ୍ରେସ ଶାସିତ ରାଜ୍ୟ ବିରୋଧରେ ଯାଇଛନ୍ତି ବୋଲି ବହୁ ବିଧାୟକ ମତାମତ ଦେଇଥିଲେ । ତେଣୁ କିଛି ବିଧାୟକଙ୍କ ମଧ୍ୟରେ ପୂର୍ବରୁ ରହିଥିବା ଏହି ଅସନ୍ତୋଷ ଏବେ ରାଜ୍ୟସଭା ନିର୍ବାଚନରେ ପ୍ରତିଫଳିତ ହୋଇଛି ବୋଲି କୁହାଯାଉଛି । ହିମାଚଳ ପ୍ରଦେଶ ବ୍ୟତୀତ ଉତ୍ତରପ୍ରଦେଶରେ ମଧ୍ୟ କିଛି ସମାଜବାଦୀ ପାର୍ଟି ବିଧାୟକ ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିବା କୁହାଯାଉଛି । ଏଠାରେ ପଞ୍ଚମଥର ପାଇଁ ଦଳ ଜୟା ବଚ୍ଚନଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଥିବାରୁ ଏହା 'ପିଡିଏ (ପଛୁଆବର୍ଗ, ଦଳିତ ଓ ଅଳ୍ପ ସଂଖ୍ୟକ) ନେତାଙ୍କୁ ଅସନ୍ତୁଷ୍ଟ କରିଥିବା କୁହାଯାଇଛି । ମଙ୍ଗଳବାର ମତଦାନ ହେବାକୁ ରହିଥିଲା ବେଳେ ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ । କିନ୍ତୁ ଏହି ବୈଠକକୁ ୮ ରୁ ୯ ବିଧାୟକ ଆସି ନଥିଲେ । ସେମାନେ ହିଁ ମଙ୍ଗଳବାର କ୍ରସ୍‌ଭୋଟିଂ କରିଥିବା କୁହାଯାଉଛି । ଏଠାରେ ୮ଟି ଆସନରେ ବିଜେପି ବିଜୟୀ ହୋଇଥିବାବେଳେ ସମାଜବାଦୀ ପାର୍ଟି ୨ଟି ଆସନ ଜିତିଛି ।

କର୍ଣ୍ଣାଟକରେ କଂଗ୍ରେସ ୩ଟି ଏବଂ ବିଜେପି ଗୋଟିଏ ଆସନରେ ବିଜୟୀ ହୋଇଛି । ଏଠାରେ ମଧ୍ୟ ଜଣେ ବିଜେପି ବିଧାୟକ କଂଗ୍ରେସ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା କୁହାଯାଇଛି ।

ନାଗରିକଙ୍କ ମୁକ୍ତି ସର୍ବାଧିକ ଗୁରୁତ୍ୱ ବହନ କରୁଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ନାଗରିକଙ୍କ ମୁକ୍ତି ସର୍ବାଧିକ ଗୁରୁତ୍ୱ ବହନ କରେ, ସର୍ବୋଚ୍ଚ ପ୍ରାଥମିକତା ଦାବି କରିଥାଏ । ନାଗରିକଙ୍କ ମୁକ୍ତି ହେଉଛି ସମ୍ବିଧାନର ଆତ୍ମା । ନାଗରିକଙ୍କ ମୁକ୍ତି ସମ୍ପର୍କିତ ମାମଲାର ବିଚାର ଯଥାଶୀଘ୍ର କରା ନ ଗଲେ ନାଗରିକ ସମ୍ବିଧାନର ଧାରା ୨୧ ଅନୁଯାୟୀ ପାଉଥିବା ବିଶେଷ ଅଧିକାରରୁ ବଞ୍ଚିତ ହୋଇଥାଏ । ସୁପ୍ରିମକୋର୍ଟ ଆଜି ଏପରି ମନ୍ତବ୍ୟ ଦେବାସହ କହିଛନ୍ତି ଯେ ବମ୍ବେ ହାଇକୋର୍ଟର କେତେକ ବିଚାରପତି ଜାମିନ ଓ ଆଗୁଆ ଜାମିନ ଆବେଦନଗୁଡ଼ିକୁ ଯଥାଶୀଘ୍ର ପରଖିବାରେ ଆଗ୍ରହୀ ହୋଇନାହାନ୍ତି । ସୁପ୍ରିମକୋର୍ଟ ବିଚାରପତି ବି ଆର ଗଭାଇ ଓ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି ଯେ ସେ ହାଇକୋର୍ଟର ଅନ୍ୟ ବିଚାରପତିମାନଙ୍କୁ ଏସମ୍ପର୍କରେ ସଚେତ କରାନ୍ତୁ, ଯେପରିକି ସେମାନେ ଜାମିନ ଓ ଆଗୁଆ ଜାମିନ ଆବେଦନଗୁଡ଼ିକୁ ଯଥାଶୀଘ୍ର ବିଚାର କରି ଆବଶ୍ୟକ ନିଷ୍ପତ୍ତି ନେବେ । ଜେଲରେ ସାଢ଼େସାତ ବର୍ଷ କଟାଇଥିବା ଜଣେ ବିଚାରାଧୀନ ବନ୍ଦୀ ବା ଅଭିଯୁକ୍ତ ବମ୍ବେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । ମାମଲାରେ ୩୦ମାର୍ଚ୍ଚ ୨୦୨୩ରେ ହାଇକୋର୍ଟ କହିଥିଲେ, ଅଭିଯୁକ୍ତ ୨୦୨୨ ଏପ୍ରିଲରେ ସମାନ ଆବେଦନ କରିଥିଲେ କିନ୍ତୁ ପରେ ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ । ଏବେ ସେ ଚାହିଁଲେ ନିମ୍ନ ଅଦାଲତରେ ଜାମିନ ଆବେଦନ କରିପାରିବେ । ହାଇକୋର୍ଟଙ୍କ ଏହି ଆଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ସୁପ୍ରିମକୋର୍ଟ ୨୯ ଜାନୁଆରୀ ୨୦୨୪ରେ ହାଇକୋର୍ଟଙ୍କ ମାର୍ଚ୍ଚ ୨୦୨୩ର ଆଦେଶକୁ ରଦ୍ଦ କରି ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଦୁଇ ସପ୍ତାହରେ ଜାମିନ ଆବେଦନର ଯଥାର୍ଥତା ପରଖି ନିଷ୍ପତ୍ତି କରାଯାଉ । ପରେ ହାଇକୋର୍ଟ ଗତ ୧୨ ତାରିଖରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିଛନ୍ତି ।

ଓଠ ତଳେ ଲେଖିଲେ ପ୍ରେମିକ ନା

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଟାଟୁ କଳାକାର ଅଭିଷେକ ସାପକଲ ଛାଡ଼ିଥିବା ଏହି ଭିଡିଓକୁ ଯିଏ ଦେଖୁଛି ସିଏ ଆଶ୍ଚର୍ଯ୍ୟ ହେଇଯାଉଛି । ପ୍ରେମ ପାଇଁ ଅନ୍ଧ ଥିବା ଜଣେ ପ୍ରେମିକ ନିଜ ପ୍ରେମିକାର ନାମ 'ଅମୃତା' ଓଠ ତଳେ ଲେଖିଛନ୍ତି । ଏ ପର୍ଯ୍ୟନ୍ତ ଭିଡିଓକୁ ୯ ନିୟୁତ ଲୋକ ଦେଖିଲେଣି । ତେବେ କିଛି ବ୍ୟବହାରକାରୀ ପ୍ରେମିକା ନିଜ ନାମକୁ ଦେଖି ପାରିବେନି କହି ଥଟ୍ଟାପରିହାସ କରିଛନ୍ତି ।

ମୁସେୱାଲାଙ୍କ ମାଆ ପୁଣି ଗର୍ଭବତୀ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ଦିବଂଗତ ଗୀତିକାର ସିଦ୍ଧୁ ମୁସେୱାଲାଙ୍କ ମାଆ ଚରଣ କୌର(୫୮) ପୁଣିଥରେ ମାଆ ହେବାକୁ ଯାଉଛନ୍ତି । ସେ ଏବେ ଗର୍ଭବତୀ ଅଛନ୍ତି । ଖୁବଶୀଘ୍ର ମୁସେୱାଲାଙ୍କ ପରିବାର ଘରକୁ ନୂଆ ଅତିଥିଙ୍କୁ ସ୍ୱାଗତ କରିବେ । ଆଇଭିଏଫ୍ ମାଧ୍ୟମରେ ସିଦ୍ଧୁ ମୁସେୱାଲାଙ୍କ ମାଆ ଗର୍ଭବତୀ ହୋଇଛନ୍ତି । ସେ ମାର୍ଚ୍ଚରେ ସନ୍ତାନ ଜନ୍ମ କରିବେ ।

ଗଗନଯାନ ଅଭିଯାନ: ୪ ମହାକାଶଚାରୀଙ୍କ ନାମ ଘୋଷଣା କଲେ ପ୍ରଧାନମନ୍ତ୍ରୀ

ମହାକାଶକୁ ଯିବେ ୩ ଗ୍ରୁପ୍ କ୍ୟାପ୍ଟେନ, ଜଣେ ୱିଙ୍ଗ କମାଣ୍

ମଣିଷର ମସ୍ତିଷ୍କ ହିଁ ପ୍ରକୃତ ପ୍ରୟୋଗଶାଳା, ଯେଉଁଠାରେ ମାୟାର ଆଢୁଆଳରୁ ମୌଳିକ ସତ୍ୟ ଆବିଷ୍କୃତ ହୁଏ।
-ସାର ଜଗଦୀଶ ଚନ୍ଦ୍ର ବୋଷ

ସକାଳ
THE SAKALA

ଓଡ଼ିଶାରେ ମହାବଳଙ୍କ ସଂଖ୍ୟା ବୃଦ୍ଧି

ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟରେ କରାଯାଇଥିବା ବାଘ ଗଣନାର ରିପୋର୍ଟ ସରକାରୀ ଭାବେ ପ୍ରକାଶ ପାଇଛି। ଏଥିରେ ରାଜ୍ୟରେ ମହାବଳ ବାଘଙ୍କ ସଂଖ୍ୟା ୩୦ ବୋଲି କୁହାଯାଇଛି। ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ୨୦୨୧-୨୨ରେ ଯେଉଁ ଗଣନା କରିଥିଲା, ସେଥିରେ ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ମାତ୍ର ୨୦ ବୋଲି କୁହାଯାଇଥିଲା। ଏହି ରିପୋର୍ଟ ୨୦୨୩ ଜୁଲାଇ ୨୯ରେ ପ୍ରକାଶ ପାଇବା ପରେ ଏହାର ସତ୍ୟାସତ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ରାଜ୍ୟରେ ବାଘ ଗଣନା କରିଥିଲେ। ଏହି ରିପୋର୍ଟ ଏବେ ପ୍ରକାଶ ପାଇଛି ଏବଂ ଜାତୀୟ ଗଣନା ତୁଳନାରେ ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ୧୦ ଅଧିକ ଦର୍ଶାଯାଇଛି। ଏହି ୩୦ ବୃହତ୍ ମାର୍ଜାରଙ୍କ ବ୍ୟତୀତ ଆଠଟି ମହାବଳ ଶାବକ ରାଜ୍ୟରେ ଥିବା କ୍ୟାମେରାରେ ଉତ୍ତୋଳିତ ହୋଇଥିବା ଚିତ୍ରରୁ ଜଣାପଡ଼ିଛି।

ବାଘ ଗଣନା ଏକ ଜଟିଳ ବ୍ୟାପାର। ଆଗରୁ ବାଘଙ୍କ ପାଦ ଚିହ୍ନରୁ ସଂଖ୍ୟା ଗଣନା କରାଯାଉଥିଲା, ଯାହା ସମ୍ପୂର୍ଣ୍ଣ ଭରସାଯୋଗ୍ୟ ଓ ନିର୍ଭୁଲ ନଥିଲା। ତା'ପରେ ଆସିଲା କ୍ୟାମେରା ଟ୍ରାପ୍ ପଦ୍ଧତି। ଘନ ଜଙ୍ଗଲାଞ୍ଚଳ, ବିଶେଷକରି ଯେଉଁ ଅଞ୍ଚଳରେ ମହାବଳ ବାଘଙ୍କ ଉପସ୍ଥିତି ଜଣାଥାଏ, ସେଠାରେ ସ୍ୱୟଂକ୍ରିୟ କ୍ୟାମେରା ଲଗାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଫଟୋ ଉତ୍ତୋଳନ କରି ବାଘଙ୍କ ସଂଖ୍ୟା, ଶ୍ରେଣୀ ବିଭାଗ ଓ ଲିଙ୍ଗ ନିରୂପଣ କରିଥା'ନ୍ତି। ଓଡ଼ିଶା ସରକାର ୨୦୨୩ ଅକ୍ଟୋବର ୧୫ ରୁ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ରାଜ୍ୟର ଦୁଇ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର (ଟାଇଗର ରିଜର୍ଭ) ଶିମିଳିପାଳ ଓ ସାତକୋଶିଆ ସମେତ ଆଉ କେତେକ ଜଙ୍ଗଲାଞ୍ଚଳରେ ମୋଟ୍ ୧୪୩୨ଟି କ୍ୟାମେରା ଟ୍ରାପ୍ ଲଗାଇଥିଲେ। ସେଥିରୁ ମିଳିଥିବା ୫୬୭ଟି ଫଟୋକୁ ସଂଗ୍ରହ କରି ତାହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ସେଥିରୁ ସର୍ବାଧିକ ୨୭ଟି ବାଘଙ୍କର ସନ୍ଧାନ କେବଳ ଶିମିଳିପାଳ ଟାଇଗର ରିଜର୍ଭରୁ ମିଳିଛି। ଏହି ବନାଞ୍ଚଳ ବିଶ୍ୱର ଏକମାତ୍ର ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର, ଯେଉଁଠି କଳାବାଘ (ମେଲାନିଷ୍ଟିକ୍ ଟାଇଗର) ଦେଖିବାକୁ ମିଳନ୍ତି। ରିପୋର୍ଟ ଅନୁସାରେ ଶିମିଳିପାଳରେ ୨୭ଟି ମହାବଳ ବାଘଙ୍କ ମଧ୍ୟରୁ ସାତଟି ସ୍ୱାଭାବିକ ରଙ୍ଗର ମାଈ ଓ ଚାରିଟି ଅଣ୍ଡିରା। ସେହିଭଳି ସେଠାରେ ଥିବା କଳା ମହାବଳ ବାଘଙ୍କ ମଧ୍ୟରୁ ସାତଟି ମାଈ ଓ ଛ'ଟି ଅଣ୍ଡିରା। ଏହାଛଡ଼ା ସେଠାରେ ଆଉ ତିନିଟି ମହାବଳ ବାଘଙ୍କ ବିଷୟରେ ଜଙ୍ଗଲ ବିଭାଗ ପାଖରେ ଚାକ୍ଷୁସ ପ୍ରମାଣ ରହିଛି, ଯଦିଓ କ୍ୟାମେରାରେ ସେମାନଙ୍କ ଫଟୋ ଉଠିନାହିଁ। ଏହାଛଡ଼ା ହୀରାକୁଦ ବଣ୍ୟପ୍ରାଣୀ ଉପଖଣ୍ଡ (ଡେବ୍ରିଗଡ଼ ଅଭୟାରଣ୍ୟ), ପାରଳାଖେମୁଣ୍ଡି ଓ କେନ୍ଦୁଝର ବନଖଣ୍ଡ ଅଞ୍ଚଳରୁ ଗୋଟିଏ ଲେଖାଏଁ ଏମିତି ମୋଟ୍ ତିନିଟି ମହାବଳ ବାଘଙ୍କ ଫଟୋ କ୍ୟାମେରା ଟ୍ରାପ୍‌ରେ ଧରାପଡ଼ିଛି।

ଜଙ୍ଗଲ ବିଭାଗର ସଦ୍ୟତମ ତଥ୍ୟ କହୁଛି ଯେ ଓଡ଼ିଶାରେ ମୋଟ୍ ୩୦ ମହାବଳ ବାଘଙ୍କ ମଧ୍ୟରୁ ୧୪ ମାଈ ଓ ୧୩ ଅଣ୍ଡିରା। ଅନ୍ୟ ତିନିଟିଙ୍କର ଲିଙ୍ଗ ନିର୍ଣ୍ଣୟ କରି ହୋଇପାରିନାହିଁ। ଶିମିଳିପାଳ ବ୍ୟତୀତ ଅନ୍ୟ ସ୍ଥାନରେ ଥିବା ବାଘଙ୍କ ମଧ୍ୟରୁ ସମସ୍ତେ ଅଣ୍ଡିରା। ଏହାଛଡ଼ା ରାଜ୍ୟରେ ଆଠଟି ମହାବଳ ଶାବକ ଥିବା ଗଣନାରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୨୦୦୬ରେ ଓଡ଼ିଶାରେ ମହାବଳ ବାଘ ସଂଖ୍ୟା ଥିଲା ଜାତୀୟ ଗଣନା ଅନୁସାରେ ୪୫। ୨୦୧୦ରେ ଏହି ସଂଖ୍ୟା ୩୨, ୨୦୧୪ରେ ୨୮, ୨୦୧୮ରେ ୨୮ ଏବଂ ୨୦୨୨ରେ ୨୦କୁ ଖସି ଆସିଥିଲା। ଓଡ଼ିଶାରେ ଜଙ୍ଗଲର ସ୍ଥିତି ଭଲ ଏବଂ ମହାବଳଙ୍କ ବଂଶବୃଦ୍ଧି ପାଇଁ ଉତ୍ତମ ପ୍ରାକୃତିକ ପରିବେଶ ରହିଛି। ଏହାସତ୍ତ୍ୱେ ସର୍ବଶେଷ ଜାତୀୟ ଗଣନାରେ ବାଘ ସଂଖ୍ୟା ଯଥେଷ୍ଟ କମିଯିବା ଫଳରେ ବିଭିନ୍ନ ମହଲରେ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଗଣନାଗତ ତ୍ରୁଟି ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମଧ୍ୟ ବିବାଦ ଦେଖା ଦେଇଥିଲା। ରାଜ୍ୟ ସରକାର, ବିଶେଷକରି ଜଙ୍ଗଲ ବିଭାଗ, ପାଇଁ ଏହା ଏକ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ଓଡ଼ିଶା ସରକାର ନିଜେ ଏହି ଗଣନା ସ୍ୱତନ୍ତ୍ର ଭାବେ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟର ବାର୍ତ୍ତାରେ ଏହି ଖବର ଦେଇ ସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ଜଙ୍ଗଲ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ମଧ୍ୟ ଆମ ସରକାର ଓ ଜଙ୍ଗଲ ବିଭାଗର କଥାକୁ ସତ୍ୟ ପ୍ରମାଣିତ କରିଛି। ବାଘ ଗଣନା ଏକ ଲୁଚା ଛପା କଥା ନୁହେଁ। ଏହି ସଂଖ୍ୟାକୁ ଉଦ୍ଦେଶ୍ୟମୂଳକ ଭାବେ ବଢ଼ା ଯାଇପାରିବ ନାହିଁ; କିନ୍ତୁ ଗଣନାଗତ ତ୍ରୁଟି ପାଇଁ ସଂଖ୍ୟା କମିବାର ଆଶଙ୍କା ଅଧିକ। ତେବେ ଓଡ଼ିଶା ସରକାରଙ୍କ ଏହି ତଥ୍ୟ ସପ୍ରମାଣ ଏନ୍‌ଟିସିଏ ପାଖରେ ଦାଖଲ ହେବ ଏବଂ ସେହି କର୍ତ୍ତୃପକ୍ଷ ଏହାକୁ ପରୀକ୍ଷା ନିରୀକ୍ଷା କରି ଦେଖିବା ପରେ ପ୍ରକୃତ ସଂଖ୍ୟା ଘୋଷଣା କରିବେ।

ଗୋଟିଏ ଜଙ୍ଗଲ ବା ବନ୍ୟ ଜୀବମଣ୍ଡଳରେ ଶୀର୍ଷରେ ରହେ ବାଘ। ନିର୍ଦ୍ଦିଷ୍ଟ ଜଙ୍ଗଲର ଖାଦ୍ୟ ଓ ପରିବେଶ ସହିତ ମହାବଳ ବାଘଙ୍କ ସଂଖ୍ୟା ଜଡ଼ିତ। ମୟୂରଭଞ୍ଜର ଶିମିଳିପାଳ ଦେଶର ଟାଇଗର ରିଜର୍ଭ ମଧ୍ୟରେ ୨୦୨୩ରେ ଏକାଦଶ ସ୍ଥାନରେ ରହିଥିଲା। ପରିଚାଳନା ଓ ପ୍ରଭାବ ମୂଲ୍ୟାୟନ ଏମ୍‌ଇଇ ଦୃଷ୍ଟିରୁ ଏହାର ସ୍ଥିତି ଭଲ। ଏହା ଆମର ଜାତୀୟ ପଶୁଙ୍କ ବଂଶବୃଦ୍ଧି ପାଇଁ ଏକ ଅନୁକୂଳ ଅଞ୍ଚଳ। ତେବେ ଏଠାରେ ଆନ୍ତଃ ପ୍ରଜନନ (ଇନ୍‌ବ୍ରିଡିଂ)ର ସମ୍ଭାବନା ଅଧିକ ଥିବାରୁ ନୂଆ ପ୍ରଜନ୍ମ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। ତେଣୁ ଅନ୍ୟ ଅଞ୍ଚଳର ଅଣ୍ଡିରା ବାଘଙ୍କୁ ଆଣି ଏଠାରେ ଛାଡ଼ିବା ସହିତ ଆନୁବଂଶିକ (ଜେନେଟିକ୍) ପରିବର୍ତ୍ତନ କରି ବାଘକୁଳଙ୍କୁ ସୁରକ୍ଷିତ କରିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ଉଦ୍ୟମ ହେବା ସ୍ୱାଗତଯୋଗ୍ୟ ବିଷୟ।

ମହାବଳ ବାଘ କେବଳ ଆମର ଜାତୀୟ ପଶୁ ନୁହେଁ, ଏହା ସହିତ ଆମ ବନ୍ୟଖଣ୍ଡ ଓ ବନ୍ୟ ପରିବେଶର ସ୍ୱାସ୍ଥ୍ୟ ଜଡ଼ିତ। ବାଘଶୂନ୍ୟ ଜଙ୍ଗଲର ଅର୍ଥ ସେ ବନାଞ୍ଚଳ ପ୍ରାଣୀକୁଳ ଶୂନ୍ୟ ସଂଗେ ସମାନ। ରୋଗବ୍ୟାଧି ଓ ପ୍ରାକୃତିକ କାରଣ ବ୍ୟତୀତ ଅବୈଧ ବାଘ ଶିକାର ମହାବଳ ବଂଶ ପ୍ରତି ବଡ଼ ବିପଦ। ତେଣୁ ବନରକ୍ଷକ ଓ ବନପାଳମାନଙ୍କୁ ବନ୍ଧୁକ ପ୍ରଦାନ ସହିତ ଆବଶ୍ୟକ ସ୍ଥଳେ ଶିକାରୀଙ୍କ ଉପରକୁ ଗୁଳି ଚଳାଇବାର ଅଧିକାର ସେମାନଙ୍କୁ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଘନ ଜଙ୍ଗଲାଞ୍ଚଳ ଓ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କ୍ୟାମେରା ଟ୍ରାପ୍ ଲଗାଇବା ସମ୍ଭବ ନୁହେଁ। ତାହା ହୋଇଥିଲେ ରାଜ୍ୟରେ ବାଘ ପରିସଂଖ୍ୟାନ ବୋଧହୁଏ ଆହୁରି ବଢ଼ିଥା'ନ୍ତା। ତେବେ ସେ ଯା'ହେଉ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଖବର।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

କ୍ରେଡିଟ୍ କାର୍ଡର ମାୟା

ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

କ୍ରେଡିଟ କାର୍ଡର ଲୋକପ୍ରିୟତା ଓ ବ୍ୟବହାର ଦିନକୁ ଦିନ ବଢ଼ି ଚାଲିଛି। ରିଜର୍ଭ ବ୍ୟାଙ୍କର ତଥ୍ୟାନୁସାରେ, ୨୦୨୩ ସେପ୍ଟେମ୍ବର ମାସରେ ଆମଦେଶରେ ୮.୬ କୋଟି କ୍ରେଡିଟ କାର୍ଡ ବ୍ୟବହାରକାରୀ ଅଛନ୍ତି ଏବଂ କ୍ରେଡିଟ୍ କାର୍ଡରେ କାରବାର ୧ ଲକ୍ଷ ୪୨ ହଜାର କୋଟି ଟଙ୍କା ଟପି ଯାଇଛି।

କ୍ରେଡିଟ କାର୍ଡ ହେଉଛି ଏକ ବନ୍ଧକ ବିହୀନ ଋଣ ସୁବିଧା। ପ୍ରତ୍ୟେକ କାର୍ଡ ପାଇଁ ନିର୍ଦ୍ଦିଷ୍ଟ ଋଣ ରାଶିର ସୀମା(କ୍ରେଡିଟ୍ ଲିମିଟ୍) ପୂର୍ବରୁ ସ୍ଥିର ହୋଇଥାଏ। ପାଖରେ ଟଙ୍କା ଥାଉ ବା ନଥାଉ କ୍ରେଡିଟ୍ କାର୍ଡରେ ପୂର୍ବ ନିର୍ଦ୍ଧାରିତ ଋଣ ସୀମା(ଲିମିଟ୍) ମଧ୍ୟରେ ଏହାର ବ୍ୟବହାର କରିହେବ। ବିଶେଷକରି ଅଭାବ ସମୟରେ ଜରୁରୀ ଖର୍ଚ୍ଚର ଭରଣା ପାଇଁ କ୍ରେଡିଟ୍ କାର୍ଡ କାମରେ ଆସେ। କ୍ରେଡିଟ କାର୍ଡରେ ବ୍ୟବହୃତ କ୍ରୟ ରାଶି ଆମ ନିଜର ନୁହେଁ। ସୁବିଧାରେ ମିଳୁଥିବା ଏକପ୍ରକାର ଋଣ ହୋଇଥିବାରୁ କ୍ରେଡିଟ୍ କାର୍ଡର ଦେୟ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିଶୋଧ ନ କଲେ ବକେୟା ରାଶି ଉପରେ ଉଚ୍ଚ ହାରରେ ସୁଧ ଓ ବିଳମ୍ବ ଶୁଳ୍କ ଦେବାକୁ ପଡ଼େ।

କ୍ରେଡିଟ କାର୍ଡ ନେବା; ଦରକାର ସମୟରେ ଏହାର ବ୍ୟବହାର କରିବା ଏବଂ କ୍ରେଡିଟ କାର୍ଡର ଦେୟ ରାଶିକୁ ଠିକ ସମୟ ସୀମା ମଧ୍ୟରେ ପରିଶୋଧ କରାଯିବା ଏକ ଆଦର୍ଶ ଦୃଷ୍ଟାନ୍ତ। ଏପରି ସ୍ଥିତି ଗ୍ରାହକଙ୍କ ପାଇଁ ଅନୁକୂଳ, କିନ୍ତୁ କାର୍ଡ ପ୍ରଦାନକାରୀ ସଂସ୍ଥା ପ୍ରତି କ୍ଷତିକାରକ। ବଜାରରୁ ଟଙ୍କା ମାଗଣାରେ ମିଳେନାହିଁ। କାର୍ଡ ପରିଚାଳନା ପାଇଁ ଆବଶ୍ୟକ ପୁଞ୍ଜି, ଏହାକୁ ଯୋଗାଡ଼ କରିବା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବାବଦକୁ କାର୍ଡ ପ୍ରଦତ୍ତକାରୀ ସଂସ୍ଥାକୁ ଅନେକ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ଲାଭ ନହେଲେ କୌଣସି ପ୍ରକାରର ବ୍ୟବସାୟ ତିଷ୍ଠିବ ନାହିଁ। ଏଣୁ କ୍ରେଡିଟ କାର୍ଡ କାରବାର ଲାଭଦାୟକ କରିବା ଲକ୍ଷ୍ୟରେ କାର୍ଡ କମ୍ପାନୀଗୁଡ଼ିକ ଅନେକ ପ୍ରକାର ଆକର୍ଷଣୀୟ ଯୋଜନା ଆଣିଥାଆନ୍ତି। କ୍ରୟ ଉପରେ ରିହାତି, ପରିଶୋଧ ପାଇଁ ମାସିକ କିସ୍ତିର ସୁବିଧା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ।

କୌଣସି ଏକ ସାମଗ୍ରୀ ପ୍ରତି ଆସକ୍ତି ଆସିଲେ ପ୍ରଥମ ଚିନ୍ତା ହେଉଛି ଏହାକୁ କିଣିବା ପାଇଁ ପକେଟରେ ଟଙ୍କା ଅଛି କି ନାହିଁ? ଟଙ୍କା ନଥିଲେ କିଣିବାର ଇଚ୍ଛା ଆପେ ଆପେ ମଉଳି ଯାଏ। ପାଖରେ କ୍ରେଡିଟ କାର୍ଡ ଥିଲେ ଏହାକୁ କିଣିବା ସହଜ ହୋଇ ଯାଏ। ସେହିପରି ପ୍ରେରଣା କ୍ରୟ(ଇମ୍ପଲ୍‌ସ ବାଇଂ)ର ମାନସିକତା ହେତୁ ଅନାବଶ୍ୟକୀୟ ବସ୍ତୁ କିଣିବାରେ କ୍ରେଡିଟ କାର୍ଡର ବ୍ୟବହାର ବଢ଼ିଚାଲିଛି। ପୂର୍ବପ୍ରସ୍ତୁତି ନଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା

ଓ ଏହାର ବ୍ୟାବହାରିକ ଦିଗକୁ ଦୃଷ୍ଟି ନଦେଇ ଏହାକୁ କିଣିବା ହେଉଛି ପ୍ରେରଣାକ୍ରୟ। ଏପରି ଖର୍ଚ୍ଚର ଭରଣା କ୍ରେଡିଟ କାର୍ଡ ଦ୍ୱାରା ସୁବିଧାରେ ହୋଇପାରୁଛି।

ବ୍ୟାଙ୍କ ଶାଖା, ଫୋନ ବ୍ୟାଙ୍କିଂ, ଇ ମେଲ୍, ଏପରିକି ସଫି ମଲରେ ଏଜେଣ୍ଟମାନଙ୍କ ମାଧ୍ୟମରେ କ୍ରେଡିଟ କାର୍ଡ ବିକ୍ରୟ କରାଯାଉଛି। ଅତି ସୁନ୍ଦର ଭାବରେ କ୍ରେଡିଟ କାର୍ଡର ଆବଶ୍ୟକତା ଓ ଉପକାରିତା ବିଷୟରେ ବୁଝାଇ ଲୋକମାନଙ୍କୁ ଆକୃଷ୍ଟ କରି କାର୍ଡ ବିକ୍ରୟ କରାଯାଏ। କାର୍ଡ ପାଇବା ବେଳେ ଲାଗିବ ଯେପରି ଅମୃତର ଫଳଟିଏ ମିଳିଛି। କିନ୍ତୁ ବେଳେବେଳେ ମନରେ ପ୍ରଶ୍ନ ଉଠେ - କ୍ରେଡିଟକାର୍ଡରେ ଏପରି କ'ଣ ରହିଛି ଯେ ଏହାର ବିକ୍ରୟ ପାଇଁ ସମସ୍ତେ ପାଗଳ? ଗୋଟିଏ ଉଦାହରଣ ମାଧ୍ୟମରେ ବୁଝିବାକୁ ପ୍ରୟାସ କରିବା। ମନେକରନ୍ତୁ ଜଣେ ଗ୍ରାହକ କ୍ରେଡିଟ କାର୍ଡରେ ୧, ୦୧, ୦୦୦ ଟଙ୍କାର ସାମଗ୍ରୀ ଅକ୍ଟୋବର ୧ ତରିଖରେ କିଣିଲେ। ପ୍ରତି ମାସ ୨୦ ତାରିଖରେ ଷ୍ଟେଟମେଣ୍ଟ ବାହାରେ। ଅକ୍ଟୋବର ୨୦ରେ ବାହାରିଥିବା ଷ୍ଟେଟମେଣ୍ଟରେ ଉଲ୍ଲେଖ ଥିବ ଯେ ମୋଟ ଦେୟ ରାଶି ୧, ୦୧, ୦୦୦ ଟଙ୍କା ଓ ନିର୍ଦ୍ଧାରିତ ଦେୟ ତାରିଖ ହେଉଛି ୬ ନଭେମ୍ବର। ଗ୍ରାହକ ୬ ନଭେମ୍ବର ସୁଦ୍ଧା ଏହି ରାଶି ଜମାକଲେ। ଏହାପରେ ସେ ଆଉ କାର୍ଡର ବ୍ୟବହାର କରିନାହାନ୍ତି। ମାସକ ପରେ ଅର୍ଥାତ୍, ୨୦ ନଭେମ୍ବର, ୨୦୨୩ର ଷ୍ଟେଟମେଣ୍ଟରେ ଦେଖିବାକୁ ମିଳିବ ଯେ ବକେୟା ଦେୟ - ୧୦୦୦ ଓ ତା' ଉପରେ ମାସିକ ୩.୬% ହାରରେ ସୁଧ ମିଶାଇ ୫୦ଦିନର (ସେପ୍ଟେମ୍ବର ମାସର ୩୦ଦିନ ଓ ଅକ୍ଟୋବର ମାସର ୨୦ଦିନ) ସୁଧ ୬୦୬୦ ଟଙ୍କା। ପୁଣି ତା' ଉପରେ ୧୮% ଜିଏସଟି - ୧୦୯୦.୮୦ ଟଙ୍କା। ଏହିପରି ମୋଟ ଦେୟ ପରମାଣ ୮୧୫୦.୮୦ ଟଙ୍କା।(୧୦୦୦+୬୦୬୦+୧୦୯୦.୮୦)। ଏତଦ୍‌ବ୍ୟତୀତ ପରବର୍ତ୍ତୀ ସମୟରେ କାର୍ଡରେ ହେଉଥିବା ସମସ୍ତ କାରବାର ଉପରେ ମଧ୍ୟ ଦେୟ ଲାଗିବ। ଏସବୁର ହିସାବ ଏତେ ଜଟିଳ ଓ ବିଭ୍ରାନ୍ତିକର ଯେ, ସାଧାରଣ ଲୋକ ବୁଝିବା କଷ୍ଟକର। ଥରେ ଯଦି କିଛି ଦେୟ ବାକି ରହିଯାଏ, ତାହା ସମ୍ପୂର୍ଣ୍ଣ ପରିଶୋଧ ନକରିବା ଯାଏଁ ସୁଧ ବଢ଼ି ଚାଲିଥାଏ।

ଅନ୍ୟ ଏକ ଉଦାହରଣ ନେବା। ମନେକରନ୍ତୁ ଯଦି ବକେୟା ଦେୟ ୧୦, ୦୦୦ ଟଙ୍କା, ତା'ହେଲେ ଷ୍ଟେଟମେଣ୍ଟରେ ଉଲ୍ଲେଖ ଥିବ ମୋଟ ଦେୟ ୧୦, ୦୦୦ ଟଙ୍କା, ନ୍ୟୂନତମ ଦେୟ ୫୦୦ ଟଙ୍କା। ଦେୟରେ ଖିଲାପ କଲେ ୩.୬% ହାରରେ ସୁଧ ଲାଗିବ। ଏପରି ଷ୍ଟେଟମେଣ୍ଟ ଦେଖି ଗ୍ରାହକ ଖୁସି ହୁଏ। ସେ ଧରିନିଏ ଯେ ୫୦୦ ଟଙ୍କା ପରିଶୋଧ କଲେ କାର୍ଡ ବ୍ୟବହାର କରିବା ସର୍ତ୍ତରେ ଖିଲାପ ହେବନାହିଁ, ମାତ୍ର ୩.୬% ହାରରେ ସୁଧ ଦେବାକୁ ହେବ। ଏପରି ଭାବନା ଆଂଶିକ ଭୁଲ। ନ୍ୟୂନତମ ଦେୟ ୫୦୦ ଟଙ୍କା ଦେବା ପରେ କାର୍ଡ କାର୍ଯ୍ୟକ୍ଷମ ରହିବ, କିନ୍ତୁ ମୂଳ ରାଶି ଅର୍ଥାତ୍ ୧୦,୦୦୦ ଟଙ୍କା ଉପରେ ବାର୍ଷିକ ୪୨% ହାରରେ ସୁଧ ଲାଗିବ। କ୍ରେଡିଟ କାର୍ଡ ପ୍ରଦାନକାରୀ ସଂସ୍ଥା ଅନାଦେୟ ରାଶି ଉପରେ ସୁଧ ନେବା ଯଥାର୍ଥ। କିନ୍ତୁ ଉଚ୍ଚ ହାରରେ ୩୬% ରୁ ୪୮% ସୁଧ ସମ୍ପୂର୍ଣ୍ଣ ଦେୟ ରାଶି ଉପରେ ଲାଗୁ କରିବା ଗ୍ରହଣୀୟ ନୁହେଁ।

ଏହାବ୍ୟତୀତ କ୍ରେଡିଟ କାର୍ଡ କାରବାର ଉପରେ ବିଭିନ୍ନ ଆଳରେ ଲାଗୁଥିବା ଦେୟ ବା ଚାର୍ଜ ସବୁକୁ ବୁଝିବା କଷ୍ଟକର। ଅନେକ କ୍ରେଡିଟ କାର୍ଡଧାରୀ ଏପରି ହରଡ଼ ଘଣାରେ ପଡ଼ିଯାଆନ୍ତି ଯେ କେବଳ ସୁଧ ଗଣି ଗଣି ଓ ମାସିକିଆ କିସ୍ତି ସୁଝି ସୁଝି ଦିନ ବିତିଯାଏ; ଅଥଚ କ୍ରେଡିଟ କାର୍ଡ ଋଣରୁ ମୁକୁଳି ପାରନ୍ତି ନାହିଁ। ଏକପ୍ରକାର ଋଣ ଯନ୍ତାରେ ପଡ଼ି ଜୀବନସାରା ଛଟପଟ ହୁଅନ୍ତି।

ଅତ୍ୟଧିକ ଲାଭ ଆଶାରେ ଉଚ୍ଚା ଦରରେ ସୁଧ ଆଦାୟ କରିବା, ଗ୍ରାହକଙ୍କୁ ବିଭିନ୍ନ ଦେୟ ବା ଶୁଳ୍କ ବା ଚାର୍ଜ ସମ୍ବନ୍ଧରେ ସଠିକ ତଥ୍ୟ ନଦେଇ ଅନ୍ଧକାରରେ ରଖିବା କେତେ ଯଥାର୍ଥ ତାହା ବିଚାର କରିବାର ସମୟ ଆସିଛି। ଯଦିଓ ଚାର୍ଜ ବିଷୟରେ ମାସିକ ଦସ୍ତାବିଜରେ(ଷ୍ଟେଟମେଣ୍ଟରେ) ଉଲ୍ଲେଖ ଥାଏ, ଏହା ଏତେ ଜଟିଳ ଯେ ସାଧାରଣ ଗ୍ରାହକ ଏହାକୁ ପଢ଼ି ବୁଝିବା କଷ୍ଟକର। କ୍ରେଡିଟ କାର୍ଡ ବିକ୍ରୟ ସମୟରେ ଏହାର ଆବଶ୍ୟକତା, ଉପକାରିତା, ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରସଙ୍ଗରେ ବୁଝାଇ ଗ୍ରାହକଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ଏହାର ବିପରୀତ ଦିଗ ପ୍ରତି ସେତେଟା ପ୍ରାଞ୍ଜଳ ଭାବେ ବୁଝାଯାଏ ନାହିଁ। କାରଣ ଗ୍ରାହକ ଜାଣିଲେ, ହୁଏତ କାର୍ଡ ନେବାକୁ କୁଣ୍ଠାବୋଧ କରିବେ କିମ୍ବା ସତର୍କତାର ସହ କାର୍ଡର ବ୍ୟବହାର କରିବେ।

କ୍ରେଡିଟ କାର୍ଡର ଲୋକପ୍ରିୟତା ବଢ଼ିବା ସହ କାରବାର ମଧ୍ୟ ବଢ଼ି ଯାଇଛି। କାର୍ଡ ଦେୟ ଦେବାରେ ସାମାନ୍ୟ ଅବହେଳା କଲେ ଏହା ଅଦୃଶ୍ୟ ଘାତକ ପରି ଗ୍ରାହକଙ୍କୁ ଆଘାତ କରିଚାଲେ। କ୍ରେଡିଟ କାର୍ଡ ପ୍ରଦାନକାରୀ କମ୍ପାନୀଗୁଡ଼ିକର ମନମୁଖି କାରବାର ବିରୁଦ୍ଧରେ ଜନସଚେତନତା ଆବଶ୍ୟକ। ପ୍ରଲୋଭନରେ ନପଡ଼ି, ସତର୍କତାର ସହ କାର୍ଡ ବ୍ୟବହାର କଲେ ନିଜକୁ ଏପରି ଅଦୃଶ୍ୟ ଘାତକଠାରୁ ବଞ୍ଚାଇ ହେବ।

ସି ଭି ରମଣଙ୍କ ସାଧନା ଓ ସିଦ୍ଧି

ନିକୁଞ୍ଜ ବିହାରୀ ସାହୁ
ଭୋପାଳ, ମୋ: ୮୯୨୭୬୩୭୯୭୪

୧୯୨୦ ମସିହାର କଥା। ନାରକୁଣ୍ଡା ନାମକ ବାଷ୍ପୀୟ ଜାହାଜଟି ଇଂଲଣ୍ଡର ସାଉଦାମ୍ପଟନ୍ ବନ୍ଦରରୁ ବାହାରି ଭାରତର ବମ୍ବେ ଅଭିମୁଖେ ଯାତ୍ରା କରୁଥାଏ। ଚାରିପଟେ ଭୂମଧ୍ୟସାଗରର ସୁନୀଳ ଜଳରାଶି। ସମୁଦ୍ରର ଢେଉ କାଟି କାଟି ଆଗେଇ ଚାଲିଥାଏ ଜାହାଜଟି। ଯାତ୍ରୀମା

ସିଏଚ୍‌ଏସ୍‌ଇ +୨ ପଦାର୍ଥ ବିଜ୍ଞାନ ପରୀକ୍ଷା

ଛାତ୍ରଛାତ୍ରୀଙ୍କୁ ମିଳିବ ଗ୍ରେସ୍ ମାର୍କ

ଭୁବନେଶ୍ୱର, ୨୭ ।୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପଦାର୍ଥ ବିଜ୍ଞାନ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ମିଳିବ ଗ୍ରେସ୍‌ମାର୍କ। ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନପ୍ରତ୍ରରେ ଚଏସ୍ ଡେଫିସିଟ୍ ବା ବିକଳ୍ପ ଅଭାବ ଥିବା ପ୍ରାଥମିକ ଭାବେ ସିଏଚ୍‌ଏସ୍‌ଇ ଜାଣିବାକୁ ପାଇଛି। ଏଣୁ ଯେଉଁ ଛାତ୍ରଛାତ୍ରୀମାନେ ସେହି ପ୍ରଶ୍ନକୁ ଲେଖିଥିବେ ବା ଲେଖିବାର ପ୍ରୟାସ କରିଥିବେ, ସେମାନଙ୍କୁ ଗ୍ରେସ୍‌ମାର୍କ ପ୍ରଦାନ କରାଯିବ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୧୯ମାର୍କ ଗ୍ରେସ୍ ଦିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ଆଜି କହିଛନ୍ତି।

ମେ' ୧୫ ସୁଦ୍ଧା ପରୀକ୍ଷା ଫଳ

ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ଅନୁଯାୟୀ, ଦୁଇଟି ସିଲାବସ୍‌କୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଛି। କୌଣସି ପ୍ରଶ୍ନ ସିଲାବସ୍ ବାହାରୁ ନୁହଁ, ବରଂ ପୂର୍ବ ସିଲାବସ୍‌ରୁ ଆସିଛି। ଏକ୍ସ-ରେଗୁଲାର ପରୀକ୍ଷା ପ୍ରଶ୍ନରେ କୌଣସି ସମସ୍ୟା ନାହିଁ। କେବଳ ରେଗୁଲାର ପରୀକ୍ଷାରେ ପୂର୍ବ ସିଲାବସ୍‌ରୁ ପ୍ରଶ୍ନ ଆସିଛି। ଦୁଇ ନମ୍ବର ପ୍ରଶ୍ନରେ ୧ ମାର୍କ, ୩ ନମ୍ବର ପ୍ରଶ୍ନରେ ୨ ମାର୍କର ୩ଟି, ୪ ନମ୍ବରରେ ୩ ମାର୍କର ୧ଟି, ୬ ନମ୍ବର ପ୍ରଶ୍ନରେ ମୋଟ୍ ୭ ମାର୍କରୁ ୫ମାର୍କର ଚଏସ୍ ଡେଫିସିଟ୍ ଓ ୯ ନମ୍ବର ପ୍ରଶ୍ନରେ ୪ ମାର୍କର ଚଏସ୍ ଡେଫିସିଟ୍ ରହିଛି। ପ୍ରାଥମିକ ଭାବେ ଏହା ଜଣାପଡ଼ିଥିବାବେଳେ ଖୁବ୍‌ଶୀଘ୍ର ବିଶେଷଜ୍ଞ କମିଟି ବସି ପିଲାଙ୍କ ହିତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ପ୍ରଶ୍ନପତ୍ର ତିଆରିରେ କେଉଁଠି ତ୍ରୁଟି ରହିଛି, ତା'ର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

ସେହିପରି ପରୀକ୍ଷା ଫଳ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ମେ' ୧୫ତାରିଖ ମଧ୍ୟରେ ଫଳ ପ୍ରକାଶ ପାଇପାରେ। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇବ। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ଭିତରେ ପରୀକ୍ଷା ଫଳ ବାହାର କରାଯିବ ବୋଲି କହିଛନ୍ତି। ମାର୍ଚ୍ଚ ୨୦ ତାରିଖରେ ପରୀକ୍ଷା ଶେଷ ହେବ। ଏହାର ଦୁଇଦିନ ପରେ ଅର୍ଥାତ ମାର୍ଚ୍ଚ ୨୨ତାରିଖରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ମାର୍ଚ୍ଚ ୨୨ ତାରିଖରୁ ଏପ୍ରିଲ ୨ ତାରିଖ ଏବଂ ଏପ୍ରିଲ ୪ରୁ ୧୫ତାରିଖ ପର୍ଯ୍ୟନ୍ତ ମୂଲ୍ୟାୟନ କରାଯିବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। ଖାତା ଦେଖିବା ପାଇଁ ପ୍ରାୟ ୧୫ହଜାର ଅଧ୍ୟାପକଅଧ୍ୟାପିକା ନିଯୁକ୍ତ ହେବେ ବୋଲି ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ହୋଇଥିବା ପଦାର୍ଥ ବିଜ୍ଞାନ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ।

ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ

ମାଲକାନଗିରି,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ଜଣ ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ସୂଚନାନୁଯାୟୀ, ଜଙ୍ଗଲା ଥାନା ଅନ୍ତର୍ଗତ ଛୋଟେ ତୁଙ୍ଗଲି ଜଙ୍ଗଲରେ ମାଓବାଦୀମାନେ ଏକାଠି ହୋଇଥିବା ବିଜାପୁର ପୁଲିସ ସୂଚନା ପାଇଥିଲା। ପରେ ଡିଆରଜି ବାହିନୀ ସହ ବସ୍ତର ଫାଇଟର୍ ଏବଂ ସିଆରପିଏଫ୍ ଯବାନମାନେ ମିଳିତ ଭାବେ କମ୍ବିଂ ଅପରେସନ୍ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିବା ବେଳେ ଯବାନଙ୍କ ତରଫରୁ ପାଲଟା ଜବାବ ଦିଆଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ୪ ମାଓବାଦୀଙ୍କ ମୃତ ହୋଇଥିଲା।

AFFIDAVIT

I Sabita Purohit W/O Aditya Prasad Purohit R/O GN 08 Ganesh Nagar PO/PS Khandagiri Bhubaneswar has changed my name from Sabita Kumari Mishra to Sabita Purohit for all future purposes.

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

AFFIDAVIT

I, Sushil Agrawal, S/o- Raj Kumar Agrawal, resident of At- Ward No.4, Bhajan Chowk, Kantabanji, Po/Ps- Kantabanji, Dist- Balangir, Pin-767039, Odisha declare by this affidavit No.360, dated- 27/02/2024, That now onwards I shall be known as **SUSHIL KUMAR AGRAWAL** for all future purposes.

AFFIDAVIT

I, Vivek Mangla, S/o- Vijay Kumar, resident of Q.No-C/116, Sector-3, Nalco Township, Po/Ps -Damanjodi, Dist- Koraput, Pin-763008, Odisha declare by this affidavit No.1874, dated - 21/02/2024, That now onwards I shall be known as **VIVEK** for all future purposes.

AFFIDAVIT

I, Srikanta Kumar Nanda, S/o- Late Rabinarayan Nanda, resident of At/Po- Dhalpur, Dist- Dhenkanal, Pin- 759019, Odisha declare by this affidavit No. V-(XI)-P-9/25, dated- 23/02/2024 that now onwards I shall be known as **SRIKANT NANDA** for all future purposes.

AFFIDAVIT

I, Tanu Aggarwal, W/o- Vivek Mangla, resident of Q.No-C/116, Sector -3, Nalco Township, Po /Ps-Damanjodi, Dist- Koraput, Pin-763008, Odisha declare by this affidavit No.1153, dated 01/02/2024, that now onwards I shall be known as **TANU AGARWAL** for all future purposes.

TEACHERS WANTED

1. For nursery section - candidates with NTT and experience
2. Physics lab assistant - candidate with BSc in Physics and experience in laboratory training.

Apply to the Principal of St. Paul's School Rourkela on or before 2nd March in person or by email **(stpaulrkl@gmail.com).**

URGENT RECRUITMENT

Intertek is recruiting Project execution engineers / supervisors / Jr. Engineers for construction supervision in JSOL Angul Steel Plant expansion project Qualification: Dip. (Mech. / Civil) with minimum 4.5 yrs. Experience. CTC will be as per industry standards. Pl. send in your resume to **saurav.bhattacharya@intertek.com urgently.** Company website: **www.intertek.com**

U-77 ODISHA COMPUTER APPLICATION CENTRE
REQUEST FOR PROPOSAL
Enq.No.:-OCAC-IFITP-IP-0005-2024-24032

Odisha Computer Application Centre (OCAC) invites Request for Proposal (RFP) for Selection of Consulting Agency for Promotion of Electronics & IT/ITES Sector in Odisha. For details please visit websites www.ocac.in & www.odisha.gov.in. The bid shall be submitted in electronic mode only in the portal https:// enivida.odisha.gov.in latest by 16.03.2024, 3.00 P.M. OCAC reserves the right to accept / reject any / all bids without assigning any reason thereof. OIPR-16003/11/0141/2324

General Manager (Admin), OCAC, Plot No.-N-1/7-D, Acharya Vihar, P.O.-RRL,, Bhubaneswar-751013, Ph.-2567280/2567064/2567295

ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E.PROJECT: AT/PO: BARINIPUT
DISTRICT: KORAPUT, PIN- 764 006.
PHONE: 06854 242001 FAX: 06854 242038
REGD OFFICE: ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR- 751022
TELEPHONE: 0674 – 2542802, 3542826, 2545536, FAX: 0674 2542102
CIN: U40101OR1995SGC003963
CAD-4326

NOTICE INVITING TENDER NO.43/2023-24 Date:22.02.2024

Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms / Agency having experience and executed at least two such similar type of works in last 03 years for "Repair of Central Ac Plant-2 for U.K.H.E.P, Bariniput in Buyback Basis, Dist: Koraput, Odisha"

Sl. No.	Description	Cost of tender paper(Rs)	EMD
1	Repair of Central Ac Plant-2 for U.K.H.E.P, Bariniput in Buyback Basis, Dist: Koraput, Odisha	Rs.7080.00 (Rs. 6000/- + GST @ 18%)	Rs. 23,000/-

Sale of tender paper : From 04.03.2024 to 11:30 Hrs. of 18.03.2024.
Last date of submission of tender : Upto 12:00 Hrs. of 18.03.2024.
Date & Time of opening of tender : At 12:30 Hrs. of 18.03.2024.
For details of the tender documents, terms and conditions please visit our website www.ohpcltd.com

C & P Head
UKHEP, Bariniput.
OIPR-04002/11/0078/2324

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-4323

ପତ୍ର ସଂଖ୍ୟା- ୪୪ I-478/2002 **ବିଜ୍ଞାପନ** ତା. ୧୯୦୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

କ୍ର. ନଂ.	ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୧	ପୁଷ୍ପାଞ୍ଜଳି ସେଠି, ସ୍ୱାମୀ- ୪ କ୍ରିଷ୍ଣା ମୋହନ ଦାସ ସା- ସମାଧି ପାଟଣା, ପୋ- ସମାଧିପାଟଣା, ଆନା- ମାଲଗୋଦାମ ଜିଲ୍ଲା- ଜଟକ	ସି-୨୦୪, ବ୍ଲକ-୮ C-204, (B-8) ଦୋଷାଲୀ ଆପାର୍ଟମେଣ୍ଟ ସତ୍ୟନଗର ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା	୧- ମୌସୁମୀ ଦାସ -(ଅ.ବି.କନ୍ୟା) ୨- ଅନିମା ଦାସ -(ବି. କନ୍ୟା) ୩- ଜଡିତା ଦାସ -(ବି.କନ୍ୟା)

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0687/2324

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-4338

ପତ୍ର ସଂଖ୍ୟା- ୪୯ HS-43/2023 **ବିଜ୍ଞାପନ** ତା. ୨୦.୦୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

କ୍ର. ନଂ.	ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୧	୪ ନଟବର ବାରିକ ପିତା- ୪ ଇନ୍ଦ୍ରମଣି ବାରିକ କ୍ୱାଟର ନଂ.-ଏଲଆଇଜି-I-୮୮ କଳିଙ୍ଗ ବିହାର, ଛେଣ୍ଡ ପୋ.- ରାଉରକେଲା ଜିଲ୍ଲା- ସୁନ୍ଦରଗଡ଼	ଘର ନଂ.ଏଲ.ଆଇ.ଜି-I-୮୮ (LIG-I-88) ଛେଣ୍ଡ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼	୧- ଶ୍ରୀମତୀ ବନପ୍ରଭା ବାରିକ (ସା) ୨- ପ୍ରକାଶ ବାରିକ (ପୁତ୍ର) ୩- ସାଗରିକା ବାରିକ (କନ୍ୟା)

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0684/2324

OFFICE OF THE SUPERINTENDING ENGINEER
NABARANGAPUR IRRIGATION DIVISION
At- CHAMURIAGUDA, NABARANGAPUR, ODISHA
PIN-764059, Email Id: senidivision@gmail.com
A-1605

QUOTATION CALL NOTICE NO.SE, NID-02/2023-24(01-03), DT- 26.02.2024
FOR HIRING OF VEHICLES.

Letter No. 276 DT- 26.02.2024

1. Name of work: Hiring of vehicles
2. Total nos of works: 3 (Three) Nos
3. Bid Security: Rs 7,500/- (Rupees Seven thousand five hundred) only for each work
4. Other details as follows:

Procurement Officer	Quotation Identification No	Availability of Quotations	Submission of Quotations	Date of opening of Quotations
SE. Nabarangapur Irrigation Division Nabarangapur	SE, NID-02 /2023-24 (01-03)	28.02.2024 To 06.03.2024 up to 1.00 PM	28.02.2024 To 06.03.2024 up to 3.00 PM	06.03.2024 at 04.00 PM

Sealed quotations/tenders are invited from interested reputed Travel Agencies/Tour Operators or private individuals for 1. Engagement of private vehicle (Diesel) for Superintending Engineer, Nabarangapur Irrigation Division, Nabarangapur on hire basis for the year 2024-25. 2.Engagement of private vehicle (Diesel) for Assistant Executive Engineer, Nabarangapur Sub-Division No.I, Nabarangpur on hire basis for the year 2024-25. 3. Engagement of private vehicle (Diesel) for Assistant Executive Engineer, Nabarangapur Flood Sub-Division Nabarangpur on hire basis for the year 2024-25. which shall conform to the Terms and conditions (Annexure-A) for official use in the office of Superintending Engineer, Nabarangapur Irrigation Division, Nabarangapur on monthly rent basis:

The application form of quotation / tender containing General Bid Information & Terms and conditions for Hiring of Vehicles etc. will be available in the O/O the Superintending Engineer, Nabarangapur Irrigation Division, Nabarangapur on payment of Rs 1000/- only for each individual work from **28.02.2024 to 06.03.2024 up to 1.00 PM** or can be downloaded from DoWR website www.dowrorissa.gov.in. In case the application form is downloaded from Govt. website the applicant shall furnish a demand draft for an amount of Rs 1000/- (Rupees one Thousand only) towards cost of application. The demand draft issued from any National Bank **payable at S.B.I, Nabarangpur Main Branch** in favour of "Superintending Engineer Nabarangpur Irrigation Division Nabarangpur" along with application. The quotations will be opened on **06.03.2024 at 4.00 PM** in presence of bidders or their authorized representatives. The bidders can furnish offer for one or more vehicles, but separate application form for individual vehicle should be furnished.

The Authority reserves the right to reject any or all quotations without assigning any reason thereof.

Superintending Engineer
Nabarangapur Irrigation Division
Nabarangapur
OIPR-32361/11/0005/2324

ପୂର୍ବ ତଟ ରେଳପଥ

(1)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-87-23
କାର୍ଯ୍ୟର ନାମ: ଡିନି ବର୍ଷ ପାଇଁ ବୋଟିଂ ଡିପୋ (ପୁରୀ ଏବଂ ଭୁବନେଶ୍ୱର), ସିନିୟର ସେକ୍ସନ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (P) ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଜଟକ, ଭଦ୍ରକ, ଅନୁଗୁଳ, ପଲାସା, ବ୍ରହ୍ମପୁର, ପାରାଦ୍ୱୀପ, ଜେନ୍ଦୁଝରଗଡ଼, ମଞ୍ଜେଶ୍ୱର, ମୁଖାଲଇ ଏବଂ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G) ଖୋର୍ଦ୍ଧା ରୋଡ୍ ପାଇଁ ଡାଟା ଏଣ୍ଟ୍ରୀ ଅପରେଟର (22 କୁଶଳୀ)ର ଆଉଟସୋର୍ସିଂ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 2,47,22,508.41, EMD (₹): 2,73,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-88-23
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ଠାରେ ଟ୍ରେନ୍ ପରିଚାଳନା ବ୍ୟବସ୍ଥା (TMS) ହେତୁରେ ପ୍ରସ୍ତାବିତ ନିର୍ମାଣ ଶେଷ କରିବା ପାଇଁ ଶେଷ ବିଦ୍ୟୁତୀକରଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 34,16,988.09, EMD (₹): 68,300/-।
ଶେଷ ହେବା ଅବଧି: 36 ମାସ (କ୍ରମ ସଂ.1 ପାଇଁ) ଏବଂ 3 ମାସ (କ୍ରମ ସଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.03.2024 ଖିଆ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ।

ଦୃଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟରୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଇଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ୍
PR-1123/0/23-24

OFFICE OF THE SUPERINTENDING ENGINEER
MINOR IRRIGATION DIVISION GANJAM No - I, BERHAMPUR.
e-mail ID:-eemi_gm1@yahoo.co.in
Letter No. 759 / Dt. 21.02.2024
A-1606

Corrigendum to Bid Identification No online Tender/ 14 / GMID-I/2023-24

In partial modification to this office Bid I.D No Online tender/ 14 / GMID-I/2023-24 vide DTCN No.566 Dtd. 12.02.2024, the following modifications are made.

Sl. No.	Details of Modification	As Per T.C.N	Modified as
1)	Last Date of availability and receipt of Bid document online	22.02.2024 upto 17.00 Hours	29.02.2024 upto 17.00 Hours
2)	Date and time of Opening of Tender	23.02.2024 at 11.00 Hours	29.02.2024 at 17.10 Hours

All Other terms & conditions of the tender will remain unaltered.

Superintending Engineer,
M.I.Divn. Ganjam-I,Berhampur.
OIPR-32104/11/0041/2324

ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY, BONAI
DIST: SUNDARGARH.
Ph No: 06626-244429, email : itdabni@nic.in
Govt. of Odisha "e" Procurement Notice
Bid Identification No. 06 / ITDA BNI of 2023-24
No. 223 / Dt. 26.02.2024
CAD-4360

1	No of Work	:	10(Three) Nos.
2	Estimated Cost	:	Rs. 15.00 Lakhs
3	Period of completion	:	3 (Three) Calendar Months
4	Date & time of availability of Bid documents in the portal	:	28 February 2024 from 5 P.M.
5	Last date/ time for receipt of bids in the in Portal	:	06 March 2024 upto 5 P.M.
6	Date of opening of Bids	:	07 March 2024 at 11.00 A.M.
7	Name and address of the Officer inviting Bid	:	Project Administrator, ITDA, Bonai

Further details can be seen from the e-procurement http://tendersodisha.gov.in Any addendum/ Corrigendum/ Cancellation of tender can also be seen in the said website only.

Project Administrator,
I.T.D.A., Bonai
OIPR-26050/11/0012/2324

C-3229
OFFICE OF THE MUNICIPAL COUNCIL: BALANGIR
No. 793 /BM/Dt. 17.02.2024
e Procurement Notice
BID IDENTIFICATION NUMBER - BLGRMPTY/13(01-161)/2023-24

Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt Website i.e. www.tendersorissa.gov.in

1	Name of the Work	:	Civil Construction work as mentioned in DTCN
2	No. of works	:	161 (One Sixty One) Nos.
3	Estimated Cost.	:	Rs. 1.50 Lakhs to 26.47 Lakhs
4	Period of Completion	:	2 to 3 Calendar Month
5	Date and Time of on line Bidding	:	from 11.00 AM of 22.02.2024 to 5.00 PM of 02.03.2024
6	Online Bids shall be Open on	:	04.03.2024 on 11.00 AM
7	Name & Address of the Officer Inviting Bid	:	Executive Officer, Balangir Municipality
8	Further details can be seen from the website www.tendersorissa.gov.in		
9	Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.		

Executive Officer
Balangir Municipality
OIPR-13169/11/0028/2324

GOVT. OF ODISHA
OFFICE OF THE SUPERINTENDING ENGINEER
MAHANADI SOUTH DIVISION NO.I, CANTONMENT ROAD, CUTTACK-1
PHONE NO.-0671-2414425
Email id: eemsdcuttack@gmail.com
A-1604

"e" Procurement Notice

Bid documents consisting of work, tender amount, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tenderodisha.gov.in.

1. Name of the work :- Building work
2. No of works :- 01 Nos.
3. Tender amount :- Rs. 53.44 lakhs.
4. EMD :- Earnest money deposit (EMD) as mentioned in col. 05 of the work list table, as part of its bid vide works Department OM No OM No. 3785/W Dated 09.05.2017 through online process as mentioned in DTCN.
5. Period of completion:- Three months to Six Months

Procurement Officer	Bid Identification No.	Availability of Tender on-line for bidding		Last date & Time of seeking tender clarification	Place of opening of Tender		
					O/o the Superintending Engineer Mahanadi South Division No. I Cuttack		
		From	To		Technical bid	Financial bid	Date and Time of Lottery if required
1	3	4	5	6	7	8	9
Superintending Engineer Mahanadi South Division No. I Cuttack	MSD_TCN_18/ 2023-24 (Online)	29.02.2024 At 11.00 A.M	11.03.2024 Up to 5.00 P.M	07.03.2024 up to 5.00 P.M.	12.03.2024 (12 Noon)	15.03.2024 (12 Noon)	19.03.2024 (12 Noon)

N.B.: 1. Further details can be seen from the e-procurement portal www.tenderodisha.gov.in
2. All the Corrigendum / Notices or any other information if any will only be uploaded in the above tender website.

Superintending Engineer
Mahanadi South Division No.I
Cuttack
OIPR-32024/11/0011/2324

O-2661
e-mail ID- rw_sambalphr@yahoo.co.in
Phone No.0663-2401850

No. 1671, Dated 26.02.2024
Government of Odisha "e" procurement Notice
Bid Identification No. TENDER ONLINE SBPR- 23 OF 2023-24

1.	Name of the work	:	Road Works as per DTCN available in the website. www.tendersodisha.gov.in
2.	Total No. of Work	:	06 (Six) Nos.
3.	Estimated Cost	:	Varies from Rs.5.04 lakhs to 11.81 lakhs
4.	Period of Completion	:	01 (One) Calender months
5.	Period and time of availability of bid document in the port

■ ନବୀନଙ୍କ ଲୋକପ୍ରିୟତା ସମ୍ମୁଖରେ ବିରୋଧୀ ଫିକା

ପ୍ରାର୍ଥୀଙ୍କ 'ବିଜୟର ଗ୍ୟାରେଣ୍ଟି' ବିଜେଡି ଟିକେଟ

ଭୁବନେଶ୍ୱର,୨୭ ।୨(ସମିସ): ସାଧାରଣ ନିର୍ବାଚନ ପାଇଁ ଏଯାବତ୍ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜ୍ୟରେ ନିର୍ବାଚନୀ ପରିବେଶ ବେଶ୍ ସରଗରମ ହୋଇ ଉଠିଛି । ଟିକେଟ୍ ବଣ୍ଟନକୁ ନେଇ ଶାସକ ବିଜେଡି ସମେତ ବିରୋଧୀ ବିଜେପି ଓ କଂଗ୍ରେସ ଅଙ୍କ କଷୁଥିବା ବେଳେ ବିଜେଡି ଟିକେଟକୁ ନେଇ ଆଶାୟୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଏବଂ ଲୋକପ୍ରିୟତା ସମ୍ମୁଖରେ ବିରୋଧୀ ଦଳ ଫିକା ପଡୁଥିବା ବେଳେ ଏହାକୁ ବେଶ୍ ହୃଦ୍‌ବୋଧ କରିଛନ୍ତି ଟିକେଟ ଆଶାୟୀ । ସେଥିପାଇଁ ବିଭିନ୍ନ ସଂଗଠନ, ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ବହୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଦଳର ଛାମୁଆ ନେତାଙ୍କର ଲମ୍ବା ଧାଡ଼ି ଆଜି ନବୀନ ନିବାସରେ ଦେଖିବାକୁ ମିଳିଛି । ଦଳରୁ ପ୍ରାର୍ଥୀ ହେବା ପାଇଁ ପୂର୍ବରୁ ୧୦ ହଜାରରୁ ଅଧିକ ଆଶାୟୀ ବିଧିବଦ୍ଧ ଭାବେ ଆବେଦନ କରି ସାରିଥିବା ବେଳେ ଏବେ ଏହି ସଂଖ୍ୟା ଆହୁରି ବଢ଼ିବାରେ ଲାଗିଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଆକାଶ ଛୁଆଁ ରହିଥିବା ବେଳେ ବିଜେଡି ଟିକେଟ, ବିଜୟର ଗ୍ୟାରେଣ୍ଟି ବୋଲି ଆଶାୟୀ ବିଚାର କରୁଛନ୍ତି । ଆଜି ସକାଳୁ ସକାଳୁ ନବୀନ ନିବାସରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ରାଜ୍ୟର କୋଣ ଅନୁକୋଣରୁ ବହୁ ଟିକେଟ ଆଶାୟୀ ହାତରେ ନିଜର ବାୟୋଡାଟା ଧରି ନବୀନ ନିବାସରେ ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ୫-ଟି ରୂପାନ୍ତରଣ, ରାଜ୍ୟବ୍ୟାପୀ ବିକାଶ ପର୍ବ ବିଜେଡିକୁ ଅନ୍ୟ ରାଜନୈତିକ ଦଳଠାରୁ ଢ଼େର ଆଗରେ ରଖିଛି । ଜାତୀୟସ୍ତରର ବହୁ ସଂସ୍ଥା ରାଜ୍ୟରେ ବିଜେଡି ଚଳିତଥର ଐତିହାସିକ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ନେଇ ଆକଳନ କରୁଛନ୍ତି । ଯାହାଫଳରେ ବିଜେଡି ପ୍ରତି ସ୍ୱାଭାବିକ ଭାବେ ସମର୍ଥନ ବଢ଼ିବାରେ ଲାଗିଛି । ନିଜ ନାମ ଗୋପନ ରଖିବା ସର୍ତ୍ତରେ ବିରୋଧୀ ଦଳର ଜଣେ ନେତା କହିଛନ୍ତି ଯେ ବର୍ତ୍ତମାନ ଦୃଶ୍ୟପଟରେ ନବୀନ ପଟ୍ଟନାୟକଙ୍କୁ ମୁକାବିଲା କରିବା ପରି ରାଜ୍ୟ ରାଜନୀତିରେ ଜଣେ ହେଲା ନେତା ନାହାନ୍ତି । ପାଞ୍ଚ ପାଳିର ଶାସନ ପରେ ନବୀନଙ୍କ ଚମକ କମିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ି ବଢ଼ି ଚାଲିଛି । ଉଭୟ ବିରୋଧୀ ବିଜେପି ଓ କଂଗ୍ରେସର ଅନେକ ନେତା ଏପରିକି ବର୍ତ୍ତମାନର କେତେକ ବିଧାୟକ ମଧ୍ୟ ବିଜେଡିରୁ ଟିକେଟ ପାଇଁ ଗୁପ୍ତ ଭାବେ ଆବେଦନ କରିଛନ୍ତି ବୋଲି ଉକ୍ତ ନେତା ଜଣକ କହିଛନ୍ତି ।

ଦଳୀୟ ଟିକେଟ ହାତେଇବା ପାଇଁ ନବୀନ ନିବାସରେ ଲମ୍ବା ଧାଡ଼ି

■ ଲିଙ୍ଗରାଜ ମନ୍ଦିର ସନ୍ନିକଟ ଧର୍ମଶାଳା ଓ ଜମିର ବେଆଇନ ବିକ୍ରି ଅଭିଯୋଗ ପ୍ରସଂଗ

ଉପଯୁକ୍ତ ଫୋରମର ଦ୍ୱାରସ୍ଥ ହୋଇପାରିବେ ଆବେଦନକାରୀ: ହାଇକୋର୍ଟ

କଟକ,୨୭ ।୨(ସମିସ): ଲିଙ୍ଗରାଜ ମନ୍ଦିର ସନ୍ନିକଟ ଏକ ଧର୍ମଶାଳା ଓ ଏହାର ଜମିକୁ ବେଆଇନ ଭାବେ ବିକ୍ରି କରାଯାଇଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ । ଏହି ଧର୍ମଶାଳା ଏକ ପବ୍ଲିକ ଟ୍ରଷ୍ଟର ହୋଇନଥିବା ବେଳେ ଏହାର ସେଲ୍ ଡିଡ ବୈଧତାରେ ଭାରତୀୟ ସମ୍ବିଧାନର ଧାରା ୨୨୬ ଅନ୍ତର୍ଗତ ରିଟ୍ କୋର୍ଟ ହସ୍ତକ୍ଷେପ କରିବା ଉପଯୁକ୍ତ ହେବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଗନ୍ନାଥ ବସ୍ତିଆଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଚାହିଁଲେ ଏହି ଅଭିଯୋଗ ନେଇ ଅନ୍ୟ ଉପଯୁକ୍ତ ଫୋରମର ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାରୁ ପ୍ରକାଶ ଯେ ରାୟ ବାହାଦୂର ହାଜାରିମୁଲ ଦୁଦୁୱାଲା ଧର୍ମଶାଳା ଏବଂ ଏହାର ଜମି ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ଅବସ୍ଥିତ । ଭୁବନେଶ୍ୱର ଗୌତମନଗର ଅଞ୍ଚଳରେ ଥିବା ଜମି ଓ ଧର୍ମଶାଳାକୁ ଗତ ୨୦୨୦ ଡିସେମ୍ବର୨୪ରେ ବେଆଇନ ବିକ୍ରି ପଞ୍ଜୀକରଣ କରାଯାଇଛି । ଉକ୍ତ ନିର୍ମାଣ ଏବଂ ଜମି ଧାର୍ମିକ ତଥା ପରୋପକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି । ବିଶେଷ ଭାବରେ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଭକ୍ତ ଏବଂ ଯାତ୍ରୀଙ୍କ ରହଣି ସୁବିଧା ପାଇଁ ଏହା କରାଯାଇଥିଲା ବେଳେ ଏହାର ବେଆଇନ ବିକ୍ରି ଦ୍ୱାରା ଶ୍ରଦ୍ଧାଳୁ ମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଦର୍ଶାଇଥିଲେ ଆବେଦନକାରୀ ।

ଉତ୍ପାଦ ସ୍ଥଳରେ ଅନାଦର; ପଡ଼ିଶାରେ ଆଦର

କୋରାପୁଟ୍ କଷି ପଣସକୁ ମିଳୁନି ଉଚିତ ମୂଲ୍ୟ

କୋରାପୁଟ,୨୭ ।୨(ସମିସ): ଶାକାହାରୀଙ୍କ ପାଇଁ ମାଂସର ଭ୍ରମ ସୃଷ୍ଟି କରୁଥିବା ଓ ପୁଷ୍ଟି ପୋଷକତତ୍ତ୍ୱଭରା କୋରାପୁଟ୍‌ର କଷି ପଣସର ସ୍ୱାଦ ନିଆରା । ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଘରେ ପଣସରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ସହ ଲୋକମାନେ ଏହାକୁ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ମାତ୍ର ବିଡ଼ମ୍ବନାର ବିଷୟ, ସେହି କଷି ପଣସକୁ ନା ମିଳୁଛି ଉଚିତ ବଜାର ନା ମୂଲ୍ୟ । ଏହି କଷି ପଣସ ଗଛରୁ ସଂଗ୍ରହ ପରେ ରାସ୍ତାକଡ଼ରେ ବଜାର ଖୋଲୁଛି । ଯୁବଗୋଷ୍ଠୀ ନିଜ ବାଡ଼ି ବଗିଚାର ହେଉ ବା ଜଙ୍ଗଲରେ ଥିବା ଗଛରୁ କଷି ପଣସ ତୋଳି ଆଣି ଗୋଟା ୧୫ରୁ ୨୦ ଟଙ୍କାରେ ବିକ୍ରି କରି ନିଜ ହାତଖର୍ଚ୍ଚ ରୂପେ ବ୍ୟବହାର କରୁଛନ୍ତି । କିନ୍ତୁ ସଂଗୃହୀତ ପଣସର ଚାହିଦା ବାହାର ରାଜ୍ୟରେ ଏତେ ଅଧିକ ଯେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଆଦି କେତେକ ଅଞ୍ଚଳର ଦଲାଲମାନେ ଏହି ପଣସକୁ ଶାଗମାଛ ଦରରେ ଟ୍ରକ୍ ଟ୍ରକ୍ ବୋହିନେଇ ମାଲାମାଲ୍ ହେଉଛନ୍ତି । ସମଗ୍ର ଭାରତ ବର୍ଷରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟରେ ରହିଛି । ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲାରେ ଏହି ପଣସ ଚାଷ ହେଉଥିବା ବେଳେ ୩.୧୫ ଟନ୍ ଉତ୍ପାଦନ ହୋଇଥାଏ । କୋରାପୁଟ ଜିଲ୍ଲାରେ ଏହାର ସିଂହଭାଗ ଉତ୍ପାଦନ ହେଉଛି । ହେଲେ ଏଠାକାର ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବାହାର ଅଞ୍ଚଳର ବ୍ୟବସାୟୀମାନେ ଆସି ଗଛରେ କଷି ଥିବା ବେଳୁ ହିଁ କିଣି ନେଉଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ବି ଦୃଷ୍ଟି ଦେଉନି । ଜିଲ୍ଲାରେ ବହୁଳ ଉତ୍ପାଦନ ହେଉଥିବା ପଣସର ସଦୁପଯୋଗ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି । ବାହାର ଅଞ୍ଚଳରେ ପଣସର ବହୁତ ଆଦର ରହିଛି । ସେଠାରେ ପଣସକୁ ପ୍ରୋସେସିଂ କରି ଚିପ୍ସ, ଆଚାର ଓ ଅଟା ଆଦି ପ୍ରସ୍ତୁତି କରି ବିକ୍ରୟ କରାଯାଉଛି । ଫଳରେ ଅଳ୍ପ ମୂଲ୍ୟରେ ଏଠାରୁ କିଣି ନେଇ ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି ।

କୋରାପୁଟ ଜିଲ୍ଲାର ଜଳବାୟୁ ଓ ମାଟି ଯୋଗୁଁ ଏଠାରେ ପଣସ ଭଲ ଉତ୍ପାଦନ ହୋଇଥାଏ । ଏଠାକାର ପଣସରେ ଅଛି ମାନବ ଶରୀରକୁ ପ୍ରତିଦିନ ଆବଶ୍ୟକ କରୁଥିବା ଏକାଧିକ ଭିଟାମିନ୍ । ପ୍ରାୟ ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଏହାକୁ ପନିପରିବା ଭାବେ ରୋଷେଇ କରି ଖାଇଥାଆନ୍ତି । ଉଦ୍ୟାନ କୃଷି ବିଭାଗ ସହଯୋଗରେ ଜିଲ୍ଲାରେ ୩ ହଜାର

ହେକ୍ଟର ଜମିରେ ଏହି ଚାଷ କରାଯାଉଛି । କିନ୍ତୁ ଏଠାରେ ପଣସ ମିସନ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଆନ୍ଧ୍ର, ଛତିଶଗଡ଼ ଅଞ୍ଚଳର ବ୍ୟବସାୟୀମାନେ ଆସି କଷି ପଣସଗୁଡ଼ିକୁ ୧୫ରୁ ୨୦ଟଙ୍କାରେ କିଣି ନେଉଛନ୍ତି । ସେହିପରି ଏହି ବାହାର ଅଞ୍ଚଳର ବ୍ୟବସାୟୀମାନେ ଚାଷ ଆରମ୍ଭ ପୂର୍ବରୁ ଏଠାକୁ ଆସି ଚାଷୀମାନଙ୍କୁ ଅଗ୍ରୀମ ଭାବେ ଆର୍ଥିକ ସହାୟତା ଦେଉଛନ୍ତି । ଫଳ ଧରିଲେ କଷି ଥିବା ବେଳୁ ହିଁ ସଙ୍ଗେସଙ୍ଗେ କିଣି ନେଉଛନ୍ତି । କୋରାପୁଟ ଜିଲ୍ଲାର ନନ୍ଦପୁର, ସେମିଳିଗୁଡ଼ା, ଲମତାପୁଟ, ବନ୍ଧୁଗାଁ, ନାରାୟଣପାଟଣା, ବୈପାରୀଗୁଡ଼ା, ଲକ୍ଷ୍ମୀପୁର ବ୍ଲକରେ ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ ଓ ଚାଷୀଙ୍କ ନିଜସ୍ୱ ଉଦ୍ୟମରେ ୮୮୮ ହେକ୍ଟର ଜମିରେ ପଣସ ବୃକ୍ଷରୋପଣ ହୋଇଥିବା କୁହାଯାଇଛି । ଉକ୍ତ ପଣସ ଗଛରୁ ବାର୍ଷିକ ୧୩୭୬୪ ମେଟ୍ରିକ୍ ଟନ୍ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି ।

କୋରାପୁଟ ଜିଲ୍ଲାର ଜଙ୍ଗଲୀ ପଣସରେ ଭିଟାମିନ ଏ, ସି, କ୍ୟାଲସିୟମ, ପଟାସିୟମ, ଆଇରନ, ଫଲିକ ଏସିଡ୍, ଥାୟାମିନ ଓ ନିଆମିନ୍ ଭଳି ପୋଷାକତତ୍ତ୍ୱ ଥିବା ବୈଜ୍ଞାନିକମାନେ ଦାବି କରନ୍ତି । କିନ୍ତୁ ଉକ୍ତ ପୋଷକ ତତ୍ତ୍ୱକୁ ଜିଲ୍ଲାରେ ତଥା ରାଜ୍ୟବାସୀଙ୍କ ହିତରେ ବ୍ୟବହାର କରିବାର ସାଧନ ନାହିଁ । ଉକ୍ତ ଉତ୍ପାଦିତ ପଣସର ସଦୁପଯୋଗ କରି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗ ବିଫଳ ହୋଇଛି । ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରି ପଣସରୁ ଚିପ୍ସ, ଆଚାର, ବ୍ୟଞ୍ଜନ, ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି କରି ବଜାରୀକରଣ କରିବାରେ ବିଫଳ ହୋଇଛି ।

ଅନ୍ୟପଟେ କୋରାପୁଟ ପଣସକୁ ବାହାର ରାଜ୍ୟରେ ଆଦର ମିଳୁଛି । ଦୈନିକ ବ୍ଲକ ପିଛା ୧୫ରୁ ୨୦ ଗାଡ଼ି କଷି ପଣସ ଚାଲାଣ ହେଉଛି । କୋରାପୁଟ ଜିଲ୍ଲାରେ ପଣସ ଭଳି ପ୍ରାକୃତିକ ସମ୍ବଳର ବିନିଯୋଗ ପାଇଁ ବଜାର ନାହିଁ । ପଣସରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର କିମ୍ବା କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ନାହିଁ । ପ୍ରଶାସନ ତରଫରୁ କିଛି ହାତଗଣତି ମହିଳା ଗୋଷ୍ଠୀଙ୍କ ନିମନ୍ତେ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯାଇ କାଗଜ କଲମରେ ପଣସ ମିସନ୍‌କୁ ବଞ୍ଚାଇ ରଖିବାର ଅଭିନୟ କରାଯାଉଥିବା ଚର୍ଚ୍ଚା ହେଉଛି ।

କିନ୍ତୁ ଗାଁ ଗହଳି ଓ କୋରାପୁଟ ଜିଲ୍ଲାର କୌଣସି ବଜାରରେ ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି ହେବାର ନଜରକୁ ଆସୁନାହିଁ । ବାହାର ରାଜ୍ୟକୁ ଚାଲାଣ ଯୋଗୁଁ ବର୍ତ୍ତମାନ କଷି ପଣସଟିଏ ଖୋଜି ଘରେ ତରକାରୀ କରିବାକୁ ନନ୍ଦପୁର, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ, ଜୟପୁର ଭଳି ସହରାଞ୍ଚଳର ବାସିନ୍ଦା ପାଇଁ ଦୁର୍ଲଭ ହୋଇଛି । କୋରାପୁଟ ଜିଲ୍ଲା ଓରମାସ ତରଫରୁ ଜିଲ୍ଲାରେ

- କିଣି ନେଉଛନ୍ତି ବାହାର ରାଜ୍ୟର ବ୍ୟବସାୟୀ
- ନାଁକୁ ମାତ୍ର ପଣସ ମିସନ୍, ଅଭାବୀ ବିକ୍ରିର ଶିକାର ହେଉଛି ଚାଷୀ

ଥିବା ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ ପଣସରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଖୁବଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସିଇଓ ରୋଶନ କାର୍ତ୍ତିକ କହିଛନ୍ତି । ଜିଲ୍ଲାର ମରୀଚିମାଳଠାରେ ଏକ ଟେକନୋ ଇନକମ୍ବେସନ ସେଣ୍ଟର ଓ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯାଇଛି । ତାଲିମ ପାଇଁ ପୁରୁଣା ଆଇଟିଆଇ କୋଠାରେ ବ୍ୟବସ୍ଥା ହୋଇଥିବା ବେଳେ ପ୍ରୋସେସିଂ ପାଇଁ ଆବଶ୍ୟକ ମେସିନଗୁଡ଼ିକ ଆସି ଲାଗି ସାରିଛି । କେବଳ ୱେୟାରିଂ କାମ ବାକି ଅଛି । ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଆସନ୍ତା ୩ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ । ଏହି ତାଲିମ କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ, ଫାର୍ମର ପ୍ରଡ୍ୟୁସର ଗ୍ରୁପ୍ ଓ ଅନ୍ୟ ଚାଷୀମାନଙ୍କୁ ପଣସର ପ୍ରୋସେସିଂ ନେଇ ତାଲିମ ଦିଆଯିବ । ସେହିପରି ମାର୍କେଟିଂ, ବ୍ରାଣ୍ଡିଙ୍ଗ ପାଇଁ ମଧ୍ୟ ତାଲିମ ଦିଆଯିବ । ସେମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ନିଜେ ପ୍ରୋସେସିଂ କରି ଲାଭବାନ ହେବେ ବୋଲି ଉଦ୍ୟାନ କୃଷି ବିଭାଗର ଅଧିକାରୀ କହିଛନ୍ତି ।

ଅବଶିଷ୍ଟାଂଶ...

ବିନା ସୁଧରେ...

ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଛନ୍ତି । ଆସନ୍ତା ୫ ବର୍ଷ ମଧ୍ୟରେ ମା' ମାନଙ୍କୁ ୭୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ । ଏଣିକି ଓଡ଼ିଶାର ମା' ମାନେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ନେଇପାରିବେ ଏବଂ ସମସ୍ତ ସୁଧ ରାଜ୍ୟ ସରକାର ଫେରସ୍ତ କରିବେ । ଏହା ଦ୍ୱାରା ମା' ମାନଙ୍କର ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ ହେବ । ମିଶନ ଶକ୍ତି ମା'ମାନେ ଓଡ଼ିଶାର ରୂପାନ୍ତରରେ ଯୋଗଦାନ ଦେଉଛନ୍ତି । ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ଲିଡରମାନେ ବହୁତ ଭଲ କାମ କରୁଛନ୍ତି ବୋଲି ଉଲ୍ଲେଖ କରି ଖୁବ୍ ଶୀଘ୍ର ସେମାନେ ଖୁସି ଖବର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରି ବରଗଡ ଜିଲ୍ଲାର ମା' ଯମୁନା ଏସ୍‌ଏଚ୍‌ଜି ଓ ଗଞ୍ଜାମ ଜିଲ୍ଲାର ମା' ବିମଳା ଏସ୍‌ଏଚ୍‌ଜିକୁ ଚେକ୍ ପ୍ରଦାନ କରିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମହିଳା ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ମିଶନ ଶକ୍ତି ମା'ମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏସ୍‌ଏଚଜି ସ୍ତରରେ ମହିଳା ନେତୃତ୍ୱାଧିନ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ବିନା ସୁଧରେ ଋଣ ବ୍ୟବସ୍ଥା ମା'ମାନଙ୍କୁ ଅହୁରି ଅଧିକ ସଶକ୍ତ କରିବ ବୋଲି ସେ କହିଛନ୍ତି । ଏହି ଅବସରରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ । ସମ୍ବଲପୁର ଜିଲ୍ଲାର ଏସ୍‌ଏଚ୍‌ଜି ଲିଡର କେତକୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ମହିଳାଙ୍କ ଜୀବିକା...

ସାମଗ୍ରୀ ବିକ୍ରୟ ସହ ପ୍ରଦର୍ଶନ କରାଯିବ । ସାରା ରାଜ୍ୟରୁ ମିଶନ୍ ଶକ୍ତି ମହିଳାମାନେ ସେମାନଙ୍କ ଉତ୍ପାଦ ଏଠାରେ ବିକ୍ରି କରିବାର ସୁଯୋଗ ପାଇବେ । ଆରମ୍ଭରୁ ଏଠାରେ ପ୍ରାୟ ୧ ହଜାର ପ୍ରକାର କୃଷି ଓ ଅଣକୃଷି ଜାତୀୟ ସାମଗ୍ରୀ ବିକ୍ରୟ କରାଯିବ । ଏଠାରେ ଢିଙ୍କିକୁଟା ନାଲି ଚାଉଳ, ବ୍ରହ୍ମପୁର ଆଚାର, କନ୍ଧମାଳ ହଳଦୀ, ନୂଆପଡ଼ା ମହୁ, ମୟୂରଭଞ୍ଜର ସବାଇ ଉତ୍ପାଦ, କେନ୍ଦ୍ରାପଡ଼ାର ସୁବର୍ଣ୍ଣ ଘାସ (କାଇଁଚ), କେନ୍ଦୁଝର ଫୁଲବଡ଼ି ସମେତ ରାଜ୍ୟର ଅନ୍ୟ ପ୍ରମୁଖ ବା ପ୍ରସିଦ୍ଧ ସାମଗ୍ରୀମାନ ଉପଲବ୍ଧ ହେବ । ଏହା '୫-ଟି' ପଦକ୍ଷେପ ଅଧୀନରେ ବିକଶିତ ହୋଇଛି ।

ସୂଚନାଯୋଗ୍ୟ, ଏହି ବଜାର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ପାଇଁ ଏକ ପ୍ରମୁଖ ସ୍ଥଳୀ ହେବ । ଏହାସହ ଏହି ବଜାର ଭୁବନେଶ୍ୱର ଗ୍ରାହକଙ୍କ ଖୁଚୁରା ଆବଶ୍ୟକତା ପୂରଣ କରିବା ସହ ବଡ଼ କ୍ରେତାମାନଙ୍କୁ ଉତ୍ପାଦକାରୀ ଏସ୍‌ଏଚ୍‌ଜି ମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ସାଜିବ । ଏହି ବଜାରକୁ ଇ-କମର୍ସ ପୋର୍ଟାଲ ସହିତ ମଧ୍ୟ ଯୋଡ଼ାଯିବ । ମହିଳାମାନଙ୍କ ଦ୍ୱାରା ପ୍ରାମାଣିକ ହସ୍ତତନ୍ତ ଉତ୍ପାଦ ପାଇଁ ଏହା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ଏଠାରେ ସ୍ଥାନ ପାଇବ । ଏହି ବଜାର ମିଶନ ଶକ୍ତି ସଦସ୍ୟାଙ୍କ ଦ୍ୱାରା ପ୍ରତିଷ୍ଠିତ ଖୋର୍ଦ୍ଧା ମାତୃଶକ୍ତି କୃଷି ଉତ୍ପାଦ କମ୍ପାନୀ ଦ୍ୱାରା ପରିଚାଳିତ ହେବ । ଏଥିରେ ପ୍ରାୟ ୨୦୦ ଏସ୍‌ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି । '୫-ଟି' ପଦକ୍ଷେପ ଅନୁଯାୟୀ ନିଆଯାଇଥିବା ମିଶନ୍ ଶକ୍ତି ବଜାର ଏସ୍‌ଏଚ୍‌ଜିଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି ।

ସମୃଦ୍ଧ ହେବ...

କମ୍ପ୍ଲେକ୍ସରେ ରୂପାନ୍ତରିତ କରାଯିବ । ଏହି କମ୍ପ୍ଲେକ୍ସରେ ବିସିସିଆଇ, ଓସିଏ ଏବଂ କର୍ପୋରେଟ ସଂସ୍ଥାଙ୍କ ସହଭାଗିଦାରୀରେ ସମସ୍ତ ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯିବ । ଷ୍ଟାଡିୟମର ଗୌରବମୟ ଇତିହାସକୁ ଲକ୍ଷ୍ୟରେ ରଖି ଆଇକନିକ୍ 'କ୍ଲକ୍ ଟାୱାର'କୁ ଐତିହ୍ୟ ସଂରଚନା ଭାବେ ସଂରକ୍ଷିତ ରଖାଯିବ । ସେହିପରି ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମକୁ ସଂପ୍ରସାରଣ କରାଯିବା ସହ ବିକଶିତ କରାଯିବ । ଏଠାରେ କ୍ରିକେଟ ପାଇଁ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହା ବ୍ୟତୀତ

୨୦ ଲିଟର ଦେଶୀ ମଦ ଜବତ

ପାରାଦୀପ,୨୭।୨(ସମିସ): ଅଭୟଚାନ୍ଦପୁର ଥାନା ଅଧିନ ନୋଳିଆସାହି ରେ ଚୋରାମଦ ବିକୁଥିବା ବେଳେ ନୋଳିଆ ସାହିର ମୃଷାକର ବେହେରାଙ୍କ ପୁଅ ପ୍ରକାଶ ବେହେରାକୁ ପୁଲିସ ଗିରଫ କରିଛି । ତାଙ୍କ ନିକଟରୁ ୨୦ ଲିଟର ଆସ୍କାଫର୍ଟି ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜକିଶୋର ଦାସ ସୂଚନା ଦେଇଛନ୍ତି ।

ଡ୍ରାମା ଟୁର୍ଣ୍ଣାମେଣ୍ଟ ପାଇଁ ବୈଠକ

ଏରସମା,୨୭।୨(ସମିସ): ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଓ ଗ୍ରାମ୍ୟ କମିଟି ମିଳିତ ଉଦ୍ୟମରେ ଆସନ୍ତା ଦୋଳ ମେଳଣ ଉପଲକ୍ଷେ ଏକ ଡ୍ରାମା ଟୁର୍ଣ୍ଣାମେଣ୍ଟ କରାଯିବାକୁ ସ୍ଥିର ହୋଇଛି । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଏବଂ ନାଟ୍ୟ ପୁସ୍ତକ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସ୍କୃତିକ ମଞ୍ଚ ଓ ଗ୍ରାମ୍ୟ କମିଟିର ସ୍ଥାୟୀ ସଭାପତି ଅମୂଲ୍ୟ ବିଶ୍ୱାଳ, ନିର୍ଦ୍ଦେଶକ ଲୋକନାଥ ମହାନ୍ତି, ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଭାକର ପଣ୍ଡା, ପରିଚାଳନା କମିଟି ସଭ୍ୟ -ଜ୍ୟୋତି ରଞ୍ଜନ କୁଅଁର, ବିଚିତ୍ରା ନନ୍ଦ ଦାସ, ସୁରେନ୍ଦ୍ର ସାମଲ, ଆଲୋକ ରାଉତ, ବିଶ୍ୱଜିତ ମୁଦୁଲି, ଅଶୋକ ସ୍ୱାଇଁ, ସହଦେବ ଜେନା, ସଞ୍ଜୟ ସ୍ୱାଇଁ ଓ ଏରସମା ପଞ୍ଚାୟତର ସମସ୍ତ ଉପଦେଷ୍ଟା, ପଞ୍ଚାୟତ କମିଟି ସଭ୍ୟ ଓ ସମସ୍ତ କଳାକାର ଉପସ୍ଥିତ ହୋଇ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଜାଗୁଳାଇଙ୍କ ପାଖରେ ପୂଜାର୍ଚ୍ଚନା କରି ଆଗାମୀ ଦିନରେ ଡ୍ରାମା କିପରି ସୂଚାରୁ ରୁପେ ପରି ହେବ ମାନସିକ କରିଥିଲେ ।

ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

ବିରିଡି,୨୭।୨(ସମିସ): ବିରିଡି ବ୍ଲକ ସଢେଇ ଶାସନ ଗ୍ରାମ ପଞ୍ଚାୟତ ଚେକାମାଳ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ତ୍ରିନାଥଙ୍କ ମନ୍ଦିର ପ୍ରତିଷ୍ଠାର ତ୍ରୟୋବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ପରିଚାଳନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଅଷ୍ଟପ୍ରହର ନାମଯଜ୍ଞ ଓ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମହାଯଜ୍ଞରେ ସମାଜସେବୀ ସମୀର କୁମାର ସିଂହ ଓ ତାଙ୍କ ପତ୍ନୀ ଅରୁଣନ୍ଧତୀ ରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ । ଯାଜ୍ଞିକ ପଣ୍ଡିତ ପ୍ରଶାନ୍ତ ପଣ୍ଡା ଓ ରୂପକ ହୋତା ପୂର୍ଣ୍ଣାହୁତି ଦେଇଥିଲେ । ଏହି ୩ ଦିବସୀୟ କାର୍ଯ୍ୟକ୍ରମକୁ ଅଭିଷେକ ଜେନା, ଭରତ କୁମାର ବେହେରା, ନିର୍ମଳ କୁମାର ସାହୁ, ସିଦ୍ଧାର୍ଥ ବେହେରା, ସାଗର ସେଠୀ, ସୁଶୀଲ ସିଂହ, ସମ୍ବିତ ସିଂହ, ସୁଶାନ୍ତ ସେନାପତି ପ୍ରମୁଖ ପରିଚାଳନା କରିଥିଲେ ।

ନବମ ବାର୍ଷିକ ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଘାଟିତ

ଏରସମା,୨୭।୨(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଜାନକାଦେଇପୁର ପଞ୍ଚାୟତ ଅଧୀନ ସାହାଡ଼ା ଗ୍ରାମରେ ପବିତ୍ର ଫାଲଗୁନ ଶୁକ୍ଳ ଦ୍ୱିତୀୟା ତିଥିରେ ମା' ଉପୁଳାଇ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ନବମ ବାର୍ଷିକ ଭାଗବତ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନରେ ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ତାଳଗାଁ କେଳିମଠର ବାବାଜୀ ସିଦ୍ଧେଶ୍ୱର ଦାଶ ମହାରାଜ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡିଶାର ସଭାପତି ବାବାଜୀ ଚରଣ ସ୍ୱାଇଁ (ଲଙ୍ଗୁଳୀ ବାବା) ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତିକ ପ୍ରଚାରକ ପଣ୍ଡିତ ହୃଷୀକେଶ ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଆୟୁର୍ବେଦ ଡାକ୍ତର ଦେବବ୍ରତ ସାମନ୍ତରାୟ ଉପସ୍ଥିତ ରହି ଭାଗବତ ପ୍ରେମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଭାଗବତ ପ୍ରଚାର ସମିତି ସାହାଡ଼ା ପକ୍ଷରୁ ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ପ୍ରବଚନ ଆରମ୍ଭ କରାଯାଇଥିଲା । ଡାକ୍ତର ଦେବବ୍ରତ ସାମନ୍ତରାୟ ଆଗାମୀ ଦିନରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ନବମ ବାର୍ଷିକ ଉପଲକ୍ଷେ ସମ୍ପାଦକ ଶ୍ରୀଧର ବେହେରା, ପୁରୁଷୋତ୍ତମ ମହାନ୍ତି, ସୁରେନ୍ଦ୍ର ଭୋଳ ଏବଂ ଶ୍ରୀମଦ ଭାଗବତ ପ୍ରଚାର ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

ସାହାହେଲା ବିଏସ୍‌କେୱାଇ କାର୍ଡ

ସୁସ୍ଥହେଲେ ସର୍ପ ଦଂଶନରେ ଗୁରୁତର ରାମଚନ୍ଦ୍ର



ଜଗତସିଂହପୁର,୨୭।୨(ସମିସ): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେବଳ ଆୟକର ଦାତା ଓ ସରକାରୀ କର୍ମଚାରୀଙ୍କୁ ଛାଡିଲେ ଜିଲ୍ଲାର ଗରିବ ଗୁରୁବା, ଚାଷୀ, ଶ୍ରମିକ ତଥା ବିଭିନ୍ନ ବର୍ଗର ୯୦ ପ୍ରତିଶତ ସାଧାରଣ ଲୋକଙ୍କ ପାଇଁ ସଂଜୀବନୀ ପାଲଟିଛି । ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଏହି ଜନକଲ୍ୟାଣ ଯୋଜନା ପ୍ରଣୟନ କରିବା ଦ୍ୱାରା ଜିଲ୍ଲାର ଶହ ଶହ ରୋଗୀ ଭଲ ଘରୋଇ ହସପିଟାଲରେ ଉଚ୍ଚମାନର ଉନ୍ନତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡ ବିଶୁନପୁର ପଞ୍ଚାୟତର ଗୋପାଳପୁର ଗ୍ରାମର ରାମଚନ୍ଦ୍ର ସ୍ୱାଇଁ (୫୫) ବିଏସକେୱାଇ ଦ୍ୱାରା ସାପ କାମୁଡା ରୋଗର ଚିକିତ୍ସା କରି ଆସନ୍ନ ମୃତ୍ୟୁ ତଥା କିଡନୀ ଡ୍ୟାମେଜରୁ ବଞ୍ଚି ପାରିଥିବା ସୂଚନା ମିଳିଛି ।

ରାମଙ୍କ ବାଡି ତଥା ଘରେ ବିଭିନ୍ନ ସମୟରେ ନାଗ ସାପ ବୁଲୁଥିବା ବେଳେ ସେ ସେମାନଙ୍କୁ ମନରେ ଦେବତାର ବିଶ୍ୱାସ ନେଇ ପୂଜା କରୁଥିଲେ । ଏହି ବିଷଧର ସର୍ପମାନେ ବର୍ଷ ବର୍ଷ ଧରି ତାଙ୍କ ପରିବାରର କାହାକୁ ଆକ୍ରମଣ କରୁନଥିଲେ ବୋଲି ରାମ କହିଛନ୍ତି । ତେବେ ଘର ଭିତରେ ଏହି ସାପ ଥିବା ସମୟରେ ଅସାବଧାନତା ହେତୁ ସେମାନଙ୍କ ଉପରେ ରାମଙ୍କ ଗୋଡ ପଡ଼ିଯିବାରୁ ଗୋଟିଏ ନାଗସାପ ତାଙ୍କ ଗୋଡକୁ ଦଂଶନ କରିଥିଲା । ସାପ ବିଷ ଜ୍ୱାଳାରେ ସେ ଅଚେତ ହୋଇପଡିବା ପରେ ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ସାପକାମୁଡାର ଆଣ୍ଟିଭ୍ୟାକ୍ସିନ ଦିଆଯିବାପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ ମଧ୍ୟ ଏହି ବିଷର ପ୍ରଭାବରେ ତାଙ୍କ କିଡନୀ ଓ ଗୋଡ ଅଚଳ ହେବାର ସମ୍ଭାବନା ରହିଥିବାରୁ ତାଙ୍କୁ ତୁରନ୍ତ କଟକକୁ ରେଫର କରାଯାଇଥିଲା । ସେ ରୁଦ୍ର ହସପିଟାଲରେ ଆଡମିଶନ ହୋଇ ଚିକିତ୍ସା କରାଇଥିଲେ ।

ପରେ ତାଙ୍କର ସାପ କାମୁଡିଥିବା ଗୋଡଟି ଅସ୍ୱାଭାବିକ ଭାବରେ ଫୁଲିଯାଇଥିଲା । ଏହା ଧିରେ ଧିରେ ଫାଟିବା ସହିତ ସେଥିରୁ ପାଣି ବାହରିଥିଲା । ଏହା ପରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ଖରାପ ହେବା ଦ୍ୱାରା ସେ ବିଛଣାରେ ପଡି ରହିଥିଲେ । ଏପରି ପରିସ୍ଥିତିରେ ତାଙ୍କର ନିୟମିତ ଚିକିତ୍ସା ହେବା ଦ୍ୱାରା ସେ ଧିରେ ଧିରେ ଆରୋଗ୍ୟ ଲାଭ କରିଥିଲେ । ତାଙ୍କ ସୌଭାଗ୍ୟକୁ ତାଙ୍କୁ ବିଏସକେୱାଇ କାର୍ଡ ମିଳିଥିବାରୁ ସେ ଘରୋଇ ମେଡିକାଲରେ ଏହି ରୋଗର ଚିକିତ୍ସା କରିଥିଲେ । ଏହି କାର୍ଡ ଦ୍ୱାରା ସେ ଉକ୍ତ ହସପିଟାଲରେ ନିଜର ଚିକିତ୍ସା କରାଇଥିଲେ । ସେ ବିଏସକେୱାଇ କାର୍ଡରୁ ୧, ୬୫,୦୦୦ଟଙ୍କା ଚିକିତ୍ସା ସହାୟତା ପାଇଥିଲେ । ସେ ଏହି ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହେବା ସହିତ ଏବେ ବିନା ବାଡିରେ ଚଲା ବୁଲା କରି ବିନା କାହା ସାହାରାରେ ନିଜର କାମ କରିବା ଆରମ୍ଭ କରିଛନ୍ତି । ବିଏସକେୱାଇ ଯୋଜନାକୁ ଗରିବର ସଂଜୀବନୀ ବୋଲି କହିବା ସହିତ ଏହି ଯୋଜନା ନଥିଲେ ତାଙ୍କପରି ଅଭାବୀ ମଣିଷ କେବେ ବି ସୁସ୍ଥ ହୋଇପାରି ନଥାନ୍ତେ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଏହି ଜନହିତକର ଯୋଜନା ପାଇଁ ସେ କୃତଜ୍ଞତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାରାଦୀପରେ କ୍ରିକେଟ୍ ଏକାଡେମୀ ଲୋକାର୍ପିତ

ପାରାଦୀପ,୨୭।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କ୍ରୀଡାବିତଙ୍କ ସଶକ୍ତିକରଣ ପାଇଁ କ୍ରୀଡା ଭିତ୍ତିଭୂମିର ରୂପାନ୍ତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ଏନେଇ ଆଜି ରାଜ୍ୟରେ ବିଭିନ୍ନ ସ୍ଥାନରେ କ୍ରିକେଟ ଷ୍ଟାଡିୟମ, କ୍ରିକେଟ ଏକାଡେମୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ର ଲୋକାର୍ପଣ କରାଯାଇଛି । କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫରେନସିଂ ମାଧ୍ୟମରେ ମଙ୍ଗଳବାର ଅପରାହ୍ନରେ ୩୦ ଟି ଜିଲ୍ଲାରେ ୪୧ ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ପାରାଦୀପ କ୍ରିକେଟ ଏକାଡେମୀକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଓଡିଶା କ୍ରିକେଟ ଆସୋସିଏସନ ର ସଦସ୍ୟ ରବି ଦାସଙ୍କ ସମେତ ନୂତନ ଏକାଡେମୀର ବହୁ କ୍ରୀଡ଼ାବିତମାନେ ଉପସ୍ଥିତ ଥିଲେ ।

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଓ ସୋମାଲିକା ବିବାଦ

ପ୍ରୋଟେଷ୍ଟ ପିଟିସନ ଦାଖଲ କଲେ ସୋମାଲିକା

ଜଗତସିଂହପୁର,୨୭।୨(ସମିସ): ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବାନ୍ଧବୀ ସୋମାଲିକା ଦାଶ ଏସଡିଜେମଙ୍କ କୋର୍ଟରେ ମଙ୍ଗଳବାର ହାଜର ହୋଇଛନ୍ତି । ନିଜ ଓକିଲଙ୍କ ଜରିଆରେ କୋର୍ଟରେ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଛନ୍ତି । ଏହି ପିଟିସନ ଦାଖଲ କରିବା ସହିତ ମାମଲାର ପୁର୍ନବିଚାର କରିବାକୁ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି ।

ସୋମାଲିକାଙ୍କ ଓକିଲ ଅମୀୟ କୁମାର ମହାପାତ୍ରଙ୍କ ସୂଚନା ଅନୁସାରେ, ବିଧାୟକ ବିଜୟ ଶଙ୍କରଙ୍କ ବିରୋଧରେ ସୋମାଲିକା ଜଗତସିଂହପୁର ଥାନାରେ ବିଭିନ୍ନ ସଂଗୀନ ଅଭିଯୋଗ କରିଥିଲେ । ଜଗତସିଂହପୁର ପୁଲିସ ସେମାଲିକାଙ୍କ ବୟାନ ରେକର୍ଡ କରିବା ସହିତ ଏହାର ତଦନ୍ତ କରିଥିଲା । ତେବେ ବିଧାୟକଙ୍କ ବିରୋଧରେ ସୋମାଲିକା ଆଣିଥିବା ଅଭିଯୋଗ ଗୁଡିକ ମିଛ ଓ ଭିତ୍ତିହୀନ ବୋଲି ପୁଲିସ ତୃତାନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିଥିଲା । ଏ ସମ୍ପର୍କରେ କୋର୍ଟଙ୍କ ପକ୍ଷରୁ ଗତ କିଛିଦିନ ତଳେ ସୋମାଲିକାଙ୍କୁ ନୋଟିସ କରାଯିବା ସହିତ ଆଜି ପାଇଁ ହାଜର ହେବାକୁ କୁହାଯାଇଥିଲା । ସୋମାଲିକା ଆଜି ନିଜ ଓକିଲ ସହିତ କୋର୍ଟରେ ହାଜର ହୋଇ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ । ଏହି ମାମଲା ପରବର୍ତ୍ତୀ ଶୁଣାଣି ପାଇଁ ରହିଥିବା ସୂଚନା ମିଳିଛି ।

ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ସେମିନାର

ପାରାଦୀପ,୨୭।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନ୍ତଭାରତ ବିଭାଜନର ପୃଷ୍ଠଭୂମି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଇତିହାସ ବିଭାଗର ପ୍ରାଧ୍ୟାପକ ତପନ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭାରତ ବିଭାଜନର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡଃ ସଶ୍ମିତା ଶତପଥୀ ପୌରହିତ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ କେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ବିଷୟ ବସ୍ତୁ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଇତିହାସ ବିଭାଗର +୩ ତୃତୀୟ ବର୍ଷ ଛାତ୍ରୀ ପୂଜାରାଣୀ ନାୟକ ଏକ ନିବନ୍ଧ ପାଠ କରିଥିଲେ । ୧୦୦ରୁ ଉଦ୍ଧର୍ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

● ଗ୍ରାମବାସୀଙ୍କୁ ସଚେତନ କଲା ପୁଲିସ

ସନ୍ଦିଗ୍ଧଙ୍କୁ ଦେଖିଲେ ତୁରନ୍ତ ଖବର ଦିଅ

ପାରାଦୀପ,୨୭।୨(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ନୋଳିଆ ସାହି ପ୍ରାଥମିକ ବିଦ୍ୟାଳୟ ରେ ଆଜି ଅଭୟଚାନ୍ଦପୁର ଥାନା ପକ୍ଷରୁ ଥାନା ଅଧିକାରୀ ରାଜକିଶୋର ଦାସଙ୍କ ନେତୃତ୍ୱରେରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ ମାଧ୍ୟମରେ ନୋଳିଆ ସାହି ଅଞ୍ଚଳରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମଦ ପିଇବା ନାହିଁ କିମ୍ବା ମଦ ବିକ୍ରି କରିବା ନାହିଁ, ଏହା ସହିତ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା, ଅଯଥା ଗଣ୍ଡଗୋଳ କରିବା ନାହିଁ, ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଉପସ୍ଥିତ ଗ୍ରାମବାସୀମାନଙ୍କୁ କହିଥିଲେ । ଆଗକୁ ସାଧାରଣ ନିର୍ବାଚନ ଆସୁଛି, ନିଜକୁ ଏହି ଅସାମାଜିକ କାର୍ଯ୍ୟରୁ ଦୁରେଇ ରହିବା ଆବଶ୍ୟକ । ନୋଳିଆ ସାହି ଓ ଏହାର ଆଖପାଖ ଅଞ୍ଚଳ ସମୁଦ୍ର କୂଳିଆ ଗାଁ ହୋଇଥିବାରୁ କୌଣସି ପରିସ୍ଥିତିରେ ଅନୁପ୍ରବେଶ କାରୀ ଓ ସନ୍ଧିଗ୍ଧ ବ୍ୟକ୍ତିମାନେ ଅଞ୍ଚଳରେ ପଶି ଅରାଜକତା ସୃଷ୍ଟି ନକରନ୍ତି ସେଥିପ୍ରତି ନଜର ଦେବା ସହ ପୁଲିସକୁ ସଙ୍ଗେ ସଙ୍ଗେ ଖବର ଦେବାକୁ କୁହାଯାଇଥିଲା । ଥାନା ପକ୍ଷରୁ ଏଏସ୍‌ଆଇ ମାନସ କୁମାର ସାମଲ, କନେଷ୍ଟବଳ ପ୍ରବେଶ ମହାନ୍ତି, ସବ-ଇନ୍ସପେକ୍ଟର ଚିନ୍ମୟ ରଞ୍ଜନ ପାଣି, ମହିଳା ପୁଲିସ ସୁପ୍ରଭା ଦାସଙ୍କ ସହିତ ନୋଳିଆ ସାହିର କିଶୋର ଲାଲ ବେହେରା, ନୃସିଂହ ବେହେରା, ନରେନ୍ଦ୍ର ରାଓ, ଭାସ୍କର ବେହେରା, ପ୍ରମୋଦ ବେହେରା ଓ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପାଇଁ ଚିଠି

ବିରିଡି,୨୭।୨(ସମିସ): ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଉପାଧି ଦେବାକୁ ଅନେକ ସମୟରେ ବହୁ ସଂଗଠନ ଦାବି କରିଆସୁଛନ୍ତି । ବିରିଡି ବ୍ଲକର ଦୁଇ ବିଜେଡି ଦମ୍ପତି ପ୍ରତିମା ମହାରଣା ଓ ମନୋରଞ୍ଜନ ଓଝାଙ୍କ ସମେତ ବହୁ ସଂଖ୍ୟାରେ ଦସ୍ତଖତ ଥିବା ଜନସାଧାରଣଙ୍କ ପୋଷ୍ଟକାର୍ଡ ଚିଠିକୁ ଅଣଆଖିଆ ଡାକଘରର ଡାକବାକ୍ସରେ ପକାଇଥିଲେ । ଏଥିରେ ଶିବା ପ୍ରସାଦ ଦାସ , ସୁବ୍ରତ ପ୍ରଧାନ, ଅମିତ ରାଉଳ, ବିଶ୍ୱଜିତ ପାତ୍ର, ସାଗର ପଣ୍ଡା ଓ ଅନ୍ୟମାନେ ସାମିଲ ହୋଇ ପୋଷ୍ଟକାର୍ଡ ପ୍ରେରଣ କରିବାସହ ବିଜୁ ବାବୁଙ୍କୁ ଭରତ ରତ୍ନ ମିଳୁ ବୋଲି ଦାବି କରିଥିଲେ ।

ମସ୍ତିଷ୍କ ଆଘାତରେ ଯୁବକଙ୍କ ପରଲୋକ

ରଘୁନାଥପୁର,୨୭।୨ (ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡା ପଞ୍ଚାୟତ ଅଧିନ ଜଇପୁର ଗ୍ରାମର ଅଶୋକ କୁମାର ସାମଲ (୪୭)ଙ୍କର ସୋମବାର ସକାଳେ ପରଲୋକ ଘଟିଛି । ଘରୋଇ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅଶୋକଙ୍କୁ ସାତ ଦିନ ତଳେ ମସ୍ତିଷ୍କ ଆଘାତ ଜନିତ ରୋଗରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ମସ୍ତିଷ୍କର ଅସ୍ତ୍ରୋପଚାର କରାଯାଇଥିଲା । ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ମହାନଦୀ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଏକମାତ୍ର ୮ ବର୍ଷର ପୁଅ ଆଦିତ୍ୟ ଅମର ସାମଲ ମୁଖାଗ୍ନି ଦେଇଥିଲେ । ତାଙ୍କ ପରୋଲୋକରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମାନସ ରଞ୍ଜନ ଦାସ, ନିରାକାର ଖୁଣ୍ଟିଆ, ବିଜୟ ସ୍ୱାଇଁ, ଅଲେଖ ନାଏକ, ତାରାକାନ୍ତ ଜେନା, ବିଜେଡି ଯୁବ ନେତା ଅନ୍ତର୍ଯ୍ୟାମୀ ସାମଲ, ବସନ୍ତ ମହାନ୍ତି, ଚଗଲା ଜେନା, ବ୍ଲକ ଡିଜିଟାଲ ସଂଯୋଜକ କୁଞ୍ଜବିହାରୀ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

ବ୍ରଜକିଶୋର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଏରସମା,୨୭।୨(ସମିସ): ଏରସମା ବ୍ଲକ ଗଡବିସୁନପୁର ଖେଳ ପଡିଆଠାରେ ବ୍ରଜ କିଶୋର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଯୁବ ସମାଜସେବୀ ଆଦିତ୍ୟ ନନ୍ଦନ ଦାସ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । କ୍ରୀଡାବିତମାନଙ୍କୁ ରାଜ୍ୟ ସରକ

ଡିବିରି ଆଲୁଅରେ ୩୫ ପରିବାରର ଜୀବନ

ବିଦ୍ୟୁତ୍ ତାର ଚୋରି ପରେ ସମ୍ପୂର୍ଣ୍ଣ ଅନ୍ଧାରରେ ଗାଁ

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁରା କାଟେଣୀ ପଞ୍ଚାୟତର ରଙ୍ଗମାଟିଆ ଗ୍ରାମଟି ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି । ଗ୍ରାମବାସୀଙ୍କୁ ଚଳିବା ପାଇଁ ସରକାରଙ୍କ ତରଫରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା । ମାତ୍ର କିଛି ଦୁର୍ବୃତ୍ତ ବିଦ୍ୟୁତ ତାର କାଟି ନେବା ଫଳରେ ଗ୍ରାମଟି ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହିଛି ।

ରଙ୍ଗମାଟିଆ ଗ୍ରାମରେ ପ୍ରାୟ ୩୫ଗୋଟି ପରିବାର ବସବାସ କରୁଛନ୍ତି । ଗ୍ରାମବାସୀଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଦ୍ୟୁତ ସେବା ମଧ୍ୟ ଯୋଗାଇ ଦିଆଯାଇଛି । ଗତ କିଛିଦିନ ତଳେ କିଛି ଅସାଧୁ ବ୍ୟକ୍ତିଙ୍କ ପାଇଁ ସମଗ୍ର ଗାଁଟି ଅନ୍ଧାର ଭିତରେ ରହିଛି ।

ଦୁର୍ବୃତ୍ତମାନେ ବିଦ୍ୟୁତ ତାର ଚୋରି କରି ନେଇଯିବା ଯୋଗୁଁ ଗାଁକୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ବର୍ତ୍ତମାନ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାର୍ଥୀଙ୍କ ପାଇଁ ଏହା ବଡ଼ ସମସ୍ୟା ଭାବେ ଛିଡ଼ାହୋଇଛି । ଅନେକ ଛାତ୍ରଛାତ୍ରୀ ବିଦ୍ୟୁତ ନଥିବା ଯୋଗୁଁ ପାଠ ପଢ଼ାରୁ ବଞ୍ଚିତ ରହିଛନ୍ତି । ଡିଜିଟାଲ ଯୁଗରେ ବି ଡିବିରି ଆଲୁଅରେ ସେମାନଙ୍କୁ ପାଠ ପଢ଼ିବାକୁ ପଡୁଛି । ଯାହା ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ସେମାନେ ଅଧିକ ଟଙ୍କା ଖର୍ଚ୍ଚ କରି ଡିବି ପାଇଁ ତେଲ କିଣିବାକୁ ମଧ୍ୟ ସକ୍ଷମ ନୁହନ୍ତି । ମାଘ ମାସରେ ଧୀରେ ଧୀରେ ସୂର୍ଯ୍ୟଙ୍କ ଉତ୍ତାପ ବଢ଼ିବା ଯୋଗୁଁ ଘରେ ରହିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଅସହ୍ୟ ଗୁଳୁଗୁଳିରେ ଜୀବନ ବିତାଇବାକୁ ପଡୁଛି । ଯାହା ଆଗାମୀ ଦିନରେ ଆହୁରି ଅସହ୍ୟ କରିବ । ଦୁର୍ଗମ ଅରଣ୍ୟ ଭିତରେ ବନ୍ୟ ପଶୁପକ୍ଷୀଙ୍କ ଭୟ ଭିତରେ କଅଁଳ କଅଁଳ ଛୁଆମାନଙ୍କୁ ଧରି ଜୀବନ ବିତାଉଥିବା ୩୫ଗୋଟି ପରିବାର ଏବେ ବିଦ୍ୟୁତ୍ ସେବା ପାଇଁ ଛଟପଟ ହେଉଛନ୍ତି । ଏହାକୁ ନେଇ ଗ୍ରାମବାସୀ କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଦୁଃଖ ଦୁର୍ଦ୍ଦଶାରେ ଅନ୍ଧାର ଭିତରେ କାଳାତିପାତ କରୁଥିବା ରଙ୍ଗମାଟିଆ ଗ୍ରାମବାସୀଙ୍କୁ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଦାବି ହୋଇଛି ।

ଯୁବକ ନିଖୋଜ; ଥାନାର ଦ୍ୱାରସ୍ଥ ହେଲେ ପତ୍ନୀ

ମହାବିରୋଡ, ୨୭ ।୨ (ସମିସ) କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ମକୁଆକାଟେଣି ପଞ୍ଚାୟତ ପଥରକଟା ଗ୍ରାମର କାଳନ୍ଦୀ ମୁଣ୍ଡା (୩୭) ଅନୁଗୋଳକୁ ଚଳିତ ମାସ ୨୨ ତାରିଖରେ ଗାଁର ଜଣେ ଲୋକଙ୍କ ସହିତ ଏକ ଘରୋଇ କମ୍ପାନୀରେ କାମ କରିବା ପାଇଁ ଯାଇଥିଲେ ।

ସାଙ୍ଗରେ ଗାଁରୁ ଯାଇଥିବା ବ୍ୟକ୍ତି ନିଜ କର୍ମ ସ୍ଥାନରୁ ଆସି ଦେଖିଲେ କାଳନ୍ଦୀ ଘରେ ନଥିଲେ । ସେ ବହୁତ ଖୋଜାଖୋଜି କଲାପରେ କୌଣସି ସନ୍ଧାନ ପାଇଲେ ନାହିଁ । କାଳନ୍ଦୀ କେଉଁଆଡେ ଚାଲିଯାଇଥିବା ଖବର ଘରଲୋକଙ୍କୁ ଦେଇଥିବା ଘର ଲୋକମାନେ କହିଛନ୍ତି । ଏନେଇ କାଳନ୍ଦୀଙ୍କ ପତ୍ନୀ ରାଧି ମୁଣ୍ଡା ୨୬ ତାରିଖରେ କଙ୍କଡାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ଘରୁ ଗଲା ବେଳେ ଗୋଲାପୀ ସାର୍ଟ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । କାଳନ୍ଦୀ ନିଖୋଜ ହେଇଯାଇଥିବାରୁ ଘରେ ପତ୍ନୀ, ପରିବାର ଲୋକ ଭାଙ୍ଗିପଡ଼ିଛନ୍ତି । ଅସହାୟ ପତ୍ନୀ ସ୍ୱାମୀଙ୍କୁ ସୁରକ୍ଷିତ ଫେରେଇ ଆଣିବା ପାଇଁ କଙ୍କଡାହାଡ଼ ଥାନାରେ ଆଶ୍ରୟ ନେଇଛନ୍ତି । କାଳନ୍ଦୀ ଜଣେ ଆଦିବାସୀ ସମ୍ପ୍ରଦାୟର ଦିନମଜୁରିଆ ହେଇଥିବା ବେଳେ ଘରେ ପତ୍ନୀ ଓ ଚାରି ଜଣ ସନ୍ତାନ ତାଙ୍କ ଉପରେ ନିର୍ଭରଶୀଳ । ସେ ଏବେ ନିଖୋଜ ଥିବାରୁ ୫ ପ୍ରାଣୀ କୁଟୁମ୍ବ ଚିନ୍ତାରେ । ଏ ସମ୍ପର୍କରେ କଙ୍କଡାହାଡ଼ ଥାନା ଏସଆଇ ଦାମୋଦର ସାହୁଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି ନିଖୋଜ ହେଇଥିବା ଏକ ମାମଲା ରୁଜୁ ହେଇ ତଦନ୍ତ ଜାରିଅଛି ।

ରୋଷେଇ ବେଳେ ଲାଗିଲା ନିଆଁ; ଅଳ୍ପକେ ବଞ୍ଚିଲେ ପାଚିକା

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଗଦାଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ରୋଷେଇ ଗ୍ୟାସରେ ନିଆଁ ଲାଗିଯାଇଥିବା ବେଳେ ଅଳ୍ପକେ ପାଚିକା ଓ ଅନ୍ୟମାନେ ରକ୍ଷାପାଇ ଯାଇଛନ୍ତି ।

ଗଦାଶିଳା ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ଖାଇସାରିବା ପରେ ହଠାତ୍ ରୋଷେଇ ଘରେ ଥିବା ଗ୍ୟାସରେ ନିଆଁ ଲାଗିଯାଇଥିଲା । ଫଳରେ ପ୍ରବଳ ଧୂଆଁ ବାହାରିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଜାଣିପାରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ବାହାରକୁ ଛାଡ଼ିଦେଇଥିଲେ । ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୂଚନାରୁ ଜଣାପଡ଼ିଛି ଯେ, ଗ୍ୟାସ ପାଇପଟି ଖୋଲିଯିବାରୁ ସେଥିରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ସମୟରେ ସେଠାରେ କେହି ନ ଥିବାରୁ ବଡ଼ଧରଣର ବିପତ୍ତିରୁ ରକ୍ଷା ମିଳିଛି । ବିଭିନ୍ନ ବିଦ୍ୟାଳୟରେ ଗ୍ୟାସ ବ୍ୟବହାର କରାଯାଉଥିବା ବେଳେ ନିରାପତ୍ତା ବ୍ୟବସ୍ଥା କିମ୍ବା ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି ।

ମନରେଗାରେ ୨.୭୦ ଲକ୍ଷ ଟଙ୍କାର ମିଥ୍ୟା ବିଲ୍

ଜିଲ୍ଲାପାଳଙ୍କ ନିକଟରେ କୋଟଗରା ଗ୍ରାମବାସୀଙ୍କ ଅଭିଯୋଗ

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କୋଟଗରା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମର୍ଗୋ)ରେ ୨ଲକ୍ଷ ୭୦ ହଜାର ଟଙ୍କାର ମିଥ୍ୟା ବିଲ୍ କରି ଚଞ୍ଚକତା କରିଥିବା ଘଟଣାକୁ ନେଇ କୋଟଗରା ପଞ୍ଚାୟତର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବାର ଜଣାପଡ଼ିଛି ।

କାମାକ୍ଷାନଗର ବ୍ଲକର କୋଟଗରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାରିମାଳ ମହାବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଠିକ୍ ସେହି ସମୟରେ ମହାବିଦ୍ୟାଳୟର ବାର୍ଷିକ ଖେଳ ଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ କଥା ହୋଇ ମହାବିଦ୍ୟାଳୟର ଟଙ୍କାରୁ ୫-୬ ଘଣ୍ଟା ଜେସିବି ମେସିନ୍ ଲଗାଇ ମହାବିଦ୍ୟାଳୟର ଖେଳ ପଡ଼ିଆକୁ ସଫା କରିଥିଲେ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହାର ସୁଯୋଗ ନେଇ କୋଟଗରା ଗ୍ରାମପଞ୍ଚାୟତର ସରପଞ୍ଚ ସୁଲୋଚନା ଦଳେଇ ପଞ୍ଚାୟତ ଜିଆଇଏସଙ୍କୁ ଚାପ ପକାଇ ମିଛରେ ୭୩ ଜଣ ଶ୍ରମିକଙ୍କ ୪ ସପ୍ତାହ କାମ କରିଛନ୍ତି ବୋଲି ଦର୍ଶାଇ ମୋଟ ୨ ଲକ୍ଷ ୨୦ ହଜାର ଟଙ୍କା ହଡ଼ପ କରିଛନ୍ତି ବୋଲି ଗ୍ରାମବାସୀମାନେ ଜାଣିବାକୁ ପାଇଥିଲେ । ମଷ୍ଟର ରୋଲରେ ଶ୍ରମିକଙ୍କ ମଜୁରୀ ପଇଠ କରିବାକୁ ହେଲେ ଜିଆରଏସ୍, ଗ୍ରାମସାଥୀ, ଜେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଦସ୍ତଖତ ପରେ ପଞ୍ଚାୟତ ଡଙ୍ଗଲରୁ ସରପଞ୍ଚ ନିଜେ ଶ୍ରମିକ ମଜୁରି ବଣ୍ଟନ କରିବା କଥା । ଯେହେତୁ ଡଙ୍ଗଲଟି ସରପଞ୍ଚଙ୍କ ନିଜ ନାମରେ ଜାରି ହୋଇଛି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ସମସ୍ତ ପଦାଧିକାରୀଙ୍କ ଦସ୍ତଖତ ନ ଥାଇ କୋଟଗରା ସରପଞ୍ଚଙ୍କୁ ମଷ୍ଟର ରୋଲର ବିଲ୍ ପାସ୍ କରାଯାଇଥିବାର ଜଣାପଡ଼ିଛି । ତଥ୍ୟ ପ୍ରମାଣକୁ ଭିତ୍ତିକରି କୋଟଗରା ଗ୍ରାମପଞ୍ଚାୟତର ସରପଞ୍ଚ ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରି ଏବଂ କ୍ଷମତାର ଅପବ୍ୟବହାର କରି ସରକାରୀ ଟଙ୍କାକୁ ଆତ୍ମସାତ୍ କରିଥିବାରୁ ତାଙ୍କୁ ତୁରନ୍ତ ପଦବିରୁ ବହିଷ୍କାର କରାଯାଇ ସମସ୍ତ ଟଙ୍କା ଆଦାୟ କରିବାକୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଏକ ନକଲ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ କାମାକ୍ଷାନଗର ବିଡିଓଙ୍କୁ ପ୍ରଦାନ କରାଯାଇଛି ।

ବାରୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାର୍ଥାପୁର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ ବାରୁଆଁ ବି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଦୁଃଶାସନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବୀଣାପାଣି ସାହୁ ମୁଖ୍ୟଅତିଥି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆରସିସି ଅମରେଶ ଦାଶ ମୁଖ୍ୟବକ୍ତା ଏବଂ ସମାଜସେବୀ ବିନୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ପରିଡ଼ା , ଉପ-ସଭାପତି ଶ୍ରୀକାନ୍ତ କୁମାର ଦାସ, ସଭ୍ୟା ସବିତା ସେଠୀ, ବିଦ୍ୟୁତ୍ ପ୍ରଭା ଦାସ, ଜ୍ୟୋତ୍ସ୍ନା ରାଣୀ ରାଉତ, ବିଦ୍ୟାଧର ସାହୁ, ଅଶେଷ କୁମାର ସାହୁ, ମାଧବ ଚନ୍ଦ୍ର ବେହେରା, ବିନାୟକ ମିଶ୍ର, ସିଆରସିସି ମଣିବ୍ରତ ଦାସ, ଅଜୟ କୁମାର ରାଉତ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଉତ୍କଳମଣି ବେହେରା, ଶିକ୍ଷକ ପ୍ରକାଶ କୁମାର ବେହେରା, ଗୀତାଞ୍ଜଳି ଆଚାର୍ଯ୍ୟ, ମାନସୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଶ୍ରେଷ୍ଠ ଛାତ୍ରୀ ସୁଶ୍ରୀ ସୌମ୍ୟା ସୁଚରିତା ଦାସ, ମେଧାବୀ ଛାତ୍ରୀ ସୁଶ୍ରୀ ସୁଚିସ୍ମିତା ଆଚାର୍ଯ୍ୟଙ୍କ ସମେତ ସମସ୍ତ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ରେଲୱେ ଟ୍ରାକ୍‌ରେ ଯୁବକଙ୍କ ଗୋଡ଼ କଟିଲା

କାମାକ୍ଷାନଗର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ଗ୍ରାମ ନିକଟ ରେଲୱେ ଟ୍ରାକ ଉପରେ ପଡ଼ି ଯୁବକଙ୍କ ଗୋଡ଼ କଟିଯାଇଥିବାର ଜଣାପଡ଼ିଛି । ଗୁନେଇବିଲି ଗ୍ରାମର ଜିତେନ୍ଦ୍ର ଭୋଇ (୨୯) କୌଣସି କାର୍ଯ୍ୟରେ ରେଲୱେ ଟ୍ରାକ ଉପରକୁ ଆସିଥିଲେ । ସେଠାରେ ଗୋଡ଼ କଟିଯିବାରୁ ତାଙ୍କୁ ଗୁରୁତର ଭାବରେ କାମାକ୍ଷାନଗର ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି ।

ଇସ୍ତଫା ଦେଲେ ଜିଲ୍ଲା ବିଜେଡି ଉପସଭାପତି

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲା ବିଜେଡି ଉପସଭାପତି ପଦରୁ ସୁଧାଂଶୁ କୁମାର ଦଳେଇ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ବ୍ୟକ୍ତିଗତ କାରଣରୁ ସେ ତାଙ୍କର ଇସ୍ତଫା ପତ୍ରକୁ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି । ସେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତାରୁ ମଧ୍ୟ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ସେ ଏ ସଂକ୍ରାନ୍ତରେ ଜିଲ୍ଲା ସଭାପତି ଡକ୍ଟର ନୃସିଂହ ଚରଣ ସାହୁଙ୍କୁ ମଧ୍ୟ ଜଣାଇଛନ୍ତି ।

ପାରିବାରିକ ତିକ୍ତତାରୁ ମାଡ଼ମାରିବା ଘଟଣା

୯ ବର୍ଷ ପରେ ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଗଁଦିଆ, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ଗତ ୨୦୧୫ ମସିହାରେ ପାରିବାରିକ ତିକ୍ତତାରୁ ମାଡ଼ ମାରିବା ଘଟଣାର ବିଚାର କରି ୩ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିବା ଜଣାପଡ଼ିଛି ।

ଗଁଦିଆ ଅଞ୍ଚଳର ନିରଞ୍ଜନ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ଏବଂ ସତ୍ୟାନନ୍ଦ ପ୍ରଧାନ ଗତ ୨୦୧୫ମସିହା ମାର୍ଚ୍ଚ ୩ ତାରିଖଦିନ ଅଭିଯୋଗକାରୀ ସୁଧାକର ପ୍ରଧାନ ଘରକୁ ଫେରିଥିଲେ । ଘରକୁ ଫେରି ଦେଖିବାକୁ ପାଇଲେ ଯେ, ତାଙ୍କ ଘର ତାଲା ପଡ଼ିଛି ଏବଂ ପୂର୍ବରୁ ଅପେକ୍ଷା କରିଥିବା ଅଭିଯୁକ୍ତମାନେ ଜମିବାଡ଼ି ବିବାଦକୁ ନେଇ ତାଙ୍କୁ ମାଡ଼ମାରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଅଭିଯୋଗକାରୀ ଜୀବନ ବିକଳରେ ସେ ଜାଗାରୁ ଫେରିଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ, ଯାହାକି ପରେ ଗଁଦିଆ ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟଙ୍କ କୋର୍ଟରେ ଜି, ଆର ୨୨୨/୨୦୧୫ରୂପେ ବିଚାରାଧୀନ ଥିଲା । ବର୍ତମାନ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିବାରୁ ଏବଂ ଉଭୟେ ଉଭୟଙ୍କର ପାରିବାରିକ ସମ୍ପର୍କୀୟ ହୋଇଥିବାରୁ ତଥା ଦୋଷୀମାନଙ୍କର ଅର୍ଥନୈତିକ ପରିସ୍ଥିତି, ସାମାଜିକ ଅବସ୍ଥା ଓ ବୟସକୁ ଦୃଷ୍ଟିରେ ରଖି କୋର୍ଟ ଉପରୋକ୍ତ ଅଭିଯୁକ୍ତଙ୍କୁ କଡ଼ା ଶବ୍ଦରେ ଭର୍ତ୍ସନା କରିଥିଲେ । ଏହି ଘଟଣାରେ ପ୍ରୋବେସନ ଅଫେଣ୍ଡର୍ସ ଆକ୍ଟର ଧାରା ୩ଅନୁଯାୟୀ ସେମାନେ କୌଣସି ଦଣ୍ଡ ନ ଭୋଗୀ ଆଇନର କଡ଼ା ନିରୀକ୍ଷଣରେ ରହିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଉଭୟ ଅଭିଯୋଗ କାରୀ ଏବଂ ଅଭିଯୁକ୍ତମାନେ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି । ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ ।

ଗରୁଡ଼ ପକ୍ଷୀ ଉଦ୍ଧାର

ମାର୍ଥାପୁର, ୨୭ ।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ତଳ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବନ ବିଭାଗ ଆଜି ଏକ ଗରୁଡ଼ ପକ୍ଷୀ ଉଦ୍ଧାର କରିଛି । ଆଜି ସକାଳ ୯ଟା ବେଳେ ପିଲାମାନେ ସ୍କୁଲ ପରିସର ସଫେଇ କଲାବେଳେ ଗରୁଡ଼ ପକ୍ଷୀଟିକୁ ଦେଖି ଶିକ୍ଷକମାନଙ୍କୁ ଜଣାଇଥିଲେ । ପରେ ବନ ବିଭାଗର ଫରେଷ୍ଟର ସରୋଜ କୁମାର ବେହେରାଙ୍କ ଉପସ୍ଥିତରେ ସ୍ୱାଡ ରାଜୀବଲୋଚନ ବିନ୍ଧାଣି, ପ୍ରଦୀପ୍ତ ମଲିକ, ଚକ୍ରଧର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରି ଭଏରପୁର ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି ।

ରାମେଶ୍ୱରପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ରାମେଶ୍ୱରପୁର ଠାରେ ପ୍ରଥମ ବର୍ଷ ଅଷ୍ଟପ୍ରହରୀ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ସ୍ଥାନୀୟଶାସନ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ୨୦ ଊର୍ଦ୍ଧ୍ୱ ଭକ୍ତମାନେ ବାଦ୍ୟ ସଂକୀର୍ତ୍ତନ ଦ୍ୱାରା ସହର ପରିକ୍ରମା କରିଥିଲେ । କୁଞ୍ଜରେ ଠାକୁରଙ୍କୁ ସ୍ଥାପିତ କରାଯାଇ ଅଖଣ୍ଡ ଦୀପ ଓ ଅଧିବାସ ପୂଜା ଆରମ୍ଭ ହୋଇଥଲା । ପୂଜକ ଜଗନ୍ନାଥ ତ୍ରିପାଠୀ, କର୍ତ୍ତା ବିଭାସ ଚନ୍ଦ୍ର ପୁହାଣ, ସଭାପତି ସଂଗ୍ରାମ କେଶରୀ ପାଣି, ସମ୍ପାଦକ ସନ୍ତୋଷ କୁମାର ସାହୁ, ମୁଖ୍ୟ ଉଦ୍ୟକ୍ତା ଟିଟୁ ସାହୁ, ଜଗନ ସାହୁ, ଗଣନାଥ ସାହୁ, ବିରବର ରାଉତ, ଅଶୋକ ସାହୁ, ସୁବ୍ରତ ବେହେରା, ଲିପୁ, ଅଜୟ ନାୟକ, ସୁବ୍ରତ ମହାକୁଡ଼, ପ୍ରଶାନ୍ତ ରାଉତ, ପ୍ରଭାତ ସାହୁ, ସଞ୍ଜୀବ ସିଂ ଓ ଭକ୍ତ ଏବଂ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ପ୍ରଥମ ବର୍ଷ ଅଷ୍ଟପ୍ରହରୀ ନାମଯଜ୍ଞ କଳସ ଯାତ୍ରା କରାଯାଇଥିଲା ।

ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟ

ଡାକ୍ତରଙ୍କ ଅବସରକୁ ନେଇ ଚିନ୍ତାରେ ରୋଗୀ

ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ରଥଗଡ଼ାସ୍ଥିତ ପୌରସଂସ୍ଥା ଅଧୀନରେ ଥିବା ଦାତବ୍ୟ ହୋମିଓ ଚିକିତ୍ସାଳୟର କାର୍ଯ୍ୟରତ ଡାକ୍ତର ଚାକିରିରୁ ଅବସର ନେବା ପରେ ଏଠାରେ ଚିକିତ୍ସା ସେବା କିପରି ଚାଲିବ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟବାସୀଙ୍କୁ ଉନ୍ନତମାନର ସେବା ଯୋଗାଇଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଢେଙ୍କାନାଳ ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟରେ ଏହାର ବିପରିତ ଦିଗ ଦେଖାଦେଇଛି । ବହୁ ବର୍ଷ ପରେ ହୋମିଓ ଚିକିତ୍ସାଳୟ ନିଜସ୍ୱ ଗୃହ ପାଇଥିବା ବେଳେ ଏବେ ତାହା ବନ୍ଦ ହେବାକୁ ଯାଉଛି । ସୂଚନା ଅନୁଯାୟୀ, ରଥଗଡ଼ାରେ ଥିବା ଢେଙ୍କାନାଳ ପୌର ଦାତବ୍ୟ ହୋମିଓ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ସହରବାସୀ ନିର୍ଭରଶୀଳ । ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ରବୀନ୍ଦ୍ରନାଥ ର

● ଟାଟା ପାୱାରର କମାଲ୍

ପ୍ରିପେଡ୍ ମିଟର ବିଲ୍ ସରିବାରୁ ଜଳ ଯୋଗାଣ ବନ୍ଦ

ରାଜକନିକା, ୨୭।୨(ସମିସ):

ବିଜୁଳି ବିଲ୍ ଭରିବାକୁ ଟାଟା ପାୱାର ଏବେ ପ୍ରିପେଡ ମିଟର ଲଗାଇଛି। ଆଉ ପ୍ରଥମେ ଏହି ବ୍ୟବସ୍ଥା ଜଳଯୋଗାଣ ଓ ପାନୀୟ ଜଳ ବିଭାଗ ଉପରେ ଲାଗୁ ହେବାରୁ ଏଥିରେ ସିଧାସଳଖ ସାଧାରଣ ଲୋକେ ହଇରାଣ ହେଇଛନ୍ତି। ରାଜକନିକା ବ୍ଲକର ତ୍ରୈଲୋକ୍ୟପୁର ଓ କାଟଣାବଣିଆ ପଞ୍ଚାୟତରେ ଦୁଇ ଦିନ ହେବ ଜଳଯୋଗାଣ ବନ୍ଦ ରହିଛି। ତ୍ରୈଲୋକ୍ୟପୁର ପଞ୍ଚାୟତର ଆୟତନଠାରେ ଥିବା ସ୍ୱଜଳଧାରା ଯୋଜନାର ପାଣିଟାଙ୍କିରେ ବିଜୁଳି କଟିବାରୁ ଆୟତନ, ବାଦରଜା, ମେଘପୁର, ରାଉତବର୍ତ୍ତନୀ ଭଳି ଗାଁ ଏବଂ କାଟଣାବଣିଆର ଗାରଡ଼ପୁର, କାଟଣା, ବଣିଆ, ସିଙ୍ଗିରି ଆଦି ଗାଁରେ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ। ଖରାଦିନ ଆରମ୍ଭରୁ ଟାଟା ପାୱାରର ଏଭଳି କାରନାମା ଲୋକଙ୍କୁ ଚକିତ କରିଛି। ପଞ୍ଚାୟତ ଓ ପାନୀୟଜଳ ବିଭାଗର ଦାୟିତ୍ୱରେ ଥିବା ବିଭିନ୍ନ ସ୍ୱଜଳଧାରାର ଉଚ୍ଚ ପାଣିଟାଙ୍କିକୁ ମଟର ଯୋଗେ ପାଣି ଉଠାଇ ପାଇପ ଯୋଗେ ବିଭିନ୍ନ ଗାଁକୁ ବିତରଣ କରୁଥିବା ବ୍ୟବସ୍ଥାରେ ପ୍ରିପେଡ ମିଟର ଲାଗିବାରୁ ପଇସା ସରିବା ପରେ ଲାଇନ କଟିଛି। ଲାଇନ ନ ଥିବାରୁ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ। ଏ କଥା ବୁଝିବାକୁ ଜାଣିବାକୁ ମଧ୍ୟ ପଞ୍ଚାୟତ ଟେର ପାଇନି। ହଠାତ ମିଟର ଚାଲୁନି କି ଲାଇନ ଆସୁନାହିଁ। କେହି କିଛି ବୁଝିବା ଆଗରୁ ସବୁ ବନ୍ଦ। ଖୋଳତାଡ଼ କରିବାରୁ କଥା ଜଣାପଡ଼ିଛି। ପଇସା ନାହି ବୋଲି ଲାଇନ ନାହିଁ। ଲାଇନ ନ ଥିବାରୁ ପାଣି ଯୋଗାଣ ବନ୍ଦ। ଏ

ଏ ବାବଦରେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଓ ସରପଞ୍ଚଙ୍କୁ ଜଣାଇବାରୁ ପଇସା ପଡ଼ିଲେ ପାଣି ମିଳିବ ବୋଲି ଉତ୍ତର ମିଳିଛି। ଟାଟା ପାୱାର ଦ୍ୱାରା ନୂଆ ପ୍ରିପେଡ ମିଟର ବସିବାରୁ ଏହି ସମସ୍ୟା ଆରମ୍ଭ ହୋଇଛି। ହେଲେ ପଞ୍ଚାୟତ ଗୁଡିକ ଏଥିରେ ଆଦୌ ଅଭ୍ୟସ୍ତ ନ ଥିବାରୁ କିଏ ଆଗୁଆ ପଇସା ଭରୁଛି କହି ଚୁପ ରହିଛନ୍ତି। ଲୋକେ କିନ୍ତୁ ପାଇପ ପାଣିରେ ଅଭ୍ୟସ୍ତ ହୋଇଥିବାରୁ ଆଉ ସମ୍ଭାଳି ହେଉନାହାନ୍ତି। ତେଣୁ ଆବଶ୍ୟକତା ଦୃଷ୍ଟିରୁ ପ୍ରିପେଡ ମିଟର ବ୍ୟବସ୍ଥାରେ ପଇସା ସରିବା ଆଗରୁ ପୁଣି ପଇସା ଭରିବାକୁ ବିଡ଼ିଓ ଓ ଜିଲ୍ଲା ପ୍ରଶାସନ ସଚେତନ କରାଇବାକୁ ସାଧାରଣରେ ଦାବି ହେବା ସହ ତୁରନ୍ତ ଜଳଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।

କଲେଜ ଫାଟକ ଆଗରେ ବାଲିବନ୍ଧ; ଯାତାୟାତ ବାଧାପ୍ରାପ୍ତ

ଓଲାଭର, ୨୭।୨(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବାଲି ପଡ଼ି ଥିବାରୁ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି ଛାତ୍ରଛାତ୍ରୀ। କଲେଜ ଭିତରକୁ ଯାଇ ନ ପାରି ସେମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁସାରେ ଏହି କଲେଜରେ ବିଭିନ୍ନ ସମୟରେ ଲାଗି ରହିଥିବା ଅନିୟମିତତା ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବି କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଗୋଟିଏ ସମାଧାନ ହୋଇ ପାରୁନି। ଆଜି ପୁଣି କଲେଜ ଫାଟକ ସମ୍ମୁଖରେ ପ୍ରାୟ ଦଶଦିନ ହେବ କାମର ଆଳ ଦେଖାଇ କଲେଜ କର୍ତ୍ତୃପକ୍ଷ ବାଲି ପକାଇ ରଖିଛନ୍ତି। ଯାହା ବାଲିବନ୍ଧ ସଦୃଶ ହୋଇଛି। ଫଳରେ କଲେଜ ଆସୁଥିବା ଛାତ୍ରଛାତ୍ରୀ ବଡ଼ ଦୟନୀୟ ଭାବେ ବୁଲାଣି ଦେଇ କଲେଜ ଭିତରକୁ ଯାଉଛନ୍ତି। କଲେଜର ଦୁଇଟି ଫାଟକ ରହିଛି। ଗୋଟିଏ ମୁଖ୍ୟ ଫାଟକ ସାମ୍ନା ଓ ଅନ୍ୟଟି ରହିଛି କଲେଜ କ୍ୟାଣ୍ଟିନ ପାଖରେ। ରାଜକନିକାର ପୂର୍ବାଞ୍ଚଳରୁ ଆସୁଥିବା ଶହ ଶହ ଛାତ୍ରଛାତ୍ରୀ କମ୍ ଦୂରତା ପାଇଁ କ୍ୟାଣ୍ଟିନ ପାଖ ଫାଟକ ଦେଇ ପ୍ରବେଶ କରିଥାନ୍ତି। ହେଲେ କିଛି ଦିନ ହେବ ଫାଟକ ସମ୍ମୁଖରେ ବାଲି କୁଢ ହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ

ଯିବା ଆସିବାରେ ବହୁ ଅସୁବିଧା ହେଉଛି। ଯେହେତୁ ଏବେ ଯୁକ୍ତଦୁଇ ପରୀକ୍ଷା ଚାଲୁଛି ସେଥିପାଇଁ ଛାତ୍ରଛାତ୍ରୀ ଏଭଳି ଏକ ଅସୁବିଧାରେ ସମ୍ମୁଖୀନ ହେବା ସେମାନଙ୍କ ଉପରେ ପ୍ରଭାବ ପକାଉଛି। ଅପରପକ୍ଷରେ କାଳି ପଡ଼ିଆର ପ୍ରବେଶ ପଥରେ ବି ନର୍ଦ୍ଦମା ପାଣି ଲହଡ଼ି ଭାଙ୍ଗୁ ଥିବାରୁ ସେ ଫାଟକ ଦେଇ ଛାତ୍ରଛାତ୍ରୀ ଯିବାକୁ ନାପସନ୍ଦ କରୁଛନ୍ତି। ଏଥିପାଇଁ ବି ଛାତ୍ରଛାତ୍ରୀ ଆଉ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ନିଗମାନନ୍ଦ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୨୭ ।୨(ସମିସ): ଗଣ୍ଡକୁଳ ସାରସ୍ୱତ ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଡିହାପଡ଼ା ପଞ୍ଚାୟତ ଗଣ୍ଡକୁଳ ଠାରେ ଗତ ୨୩, ୨୪, ୨୫ ତାରିଖ ତିନି ଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ ନିଗମାନନ୍ଦ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଗଣ୍ଡକୁଳ ଜୟଗୁରୁ ଆଶ୍ରମ ସମ୍ମୁଖ ପଡ଼ିଆରେ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ସାରସ୍ୱତ ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ଦୁର୍ଗା ଚରଣ ଭାଇ, ବରିଷ୍ଠ କର୍ମକର୍ତ୍ତା ସରୋଜ ବିଶ୍ୱାଳ (ବାବୁ), ଅକ୍ଷୟ ମହାନ୍ତି, କଳ୍ପତରୁ ସେନାପତି, ସୁଧୀର ଲେଙ୍କା, ବସନ୍ତ ସ୍ୱାଇଁ ପ୍ରମୁଖ ସାରସ୍ୱତ ସଂଘର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉଦଯାପନୀ ଦିବସରେ ଠାକୁର ପ୍ରାତଃ ଆଳତି, ପୂଜାର୍ଚ୍ଚନା ଓ ସତସଙ୍ଗ ପରେ ସମ୍ମିଳନୀ ଉଦଯାପିତ ହୋଇଥିଲା। ଜଗତଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ରାଜ୍ୟ ସ୍ତରୀୟ ଭକ୍ତ ସମ୍ମିଳନୀ ପାଇଁ ଗଣ୍ଡକୁଳ ଗାଁ ଉତ୍ସବ ମୁଖର ହୋଇପଡ଼ିଥିଲା।ଏଥିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରାୟ ୨୦ ହଜାର ଭକ୍ତ ଯୋଗ ଦେଇଥିଲେ ଓଏହି କାର୍ଯ୍ୟକ୍ରମକୁ ସମ୍ମିଳନୀ କମିଟି ସଭାପତି ସମାଜସେବୀ ନିରଞ୍ଜନ ପଟ୍‌ନାୟକଙ୍କ ନେତୃତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ବାରିକ, ଙ୍କ ଲିପୁ ଜେନା, ରମେଶ ନାୟକ, ଗଙ୍ଗାଧର ଦାସ, ଭାଗବତ ନାୟକ, ସୌମେନ୍ଦ୍ର ଦାସ, ଶଶିକାନ୍ତ ସ୍ୱାଇଁ, ବିବେକାନନ୍ଦ ପରିଡ଼ା, ଅକ୍ଷୟ ନାୟକ, ନିରାକାର ଖଟୁଆ, ବିଜୟ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

ଇନ୍ଦ୍ରପୁରରେ ଲୋକକଳା ମହୋତ୍ସବ

କେନ୍ଦ୍ରାପଡ଼ା, ୨୭।୨(ସମିସ): ଜିଲ୍ଲାର ସାଂସ୍କୃତିକ ସାମାଜିକ ଅନୁଷ୍ଠାନ ମହାବୀର ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଓଡ଼ିଶାରୁ ବିଲୁପ୍ତ ହେବାକୁ ବସିଥିବା ଲୋକସଙ୍ଗୀତ, ଲୋକନୃତ୍ୟ ଓ ଲୋକବାଦ୍ୟର ପୁନରୁଦ୍ଧାର କରିବା ଲକ୍ଷ୍ୟରେ ଏକ ଲୋକକଳା ମହୋତ୍ସବ ଦୁଇଦିନ ଧରି ଇନ୍ଦ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଲୋକକଳା ସୂତାକଣ୍ଡେଇ ନୃତ୍ୟକୁ ବଞ୍ଚାଇ ରଖିଥିବା ଗୁରୁ ଫକୀର ଚରଣ ସିଂହ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସଙ୍ଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଲୋକକଳା କଣ୍ଠଶିଳ୍ପୀ ସ୍ୱାଧିନିବାଳା ନାୟକ, ଓଡିଶୀ ଓ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଦୀପକ କୁମାର ନନ୍ଦି ଓ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଲୋକକଳାର ପ୍ରଚାର ପ୍ରସାର ସହିତ କିପରି ଲୋକକଳା ବଞ୍ଚିପାରିବ ଓ ନୂତନ ଲୋକ କଳାକାର ସୃଷ୍ଟି ହୋଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ଲୋକସଙ୍ଗୀତ, ଲୋକ ନୃତ୍ୟ, ଲୋକବାଦ୍ୟ, ପାଲା, ଘୋଡାନାଚ ଓ ମୁଖ୍ୟ ଆକର୍ଷଣ ସୂତାକଣ୍ଡେଇ ନାଚ ପରିବେଷଣ କରାଯାଇଥିଲା। ବିଭିନ୍ନ ଲୋକ କାଳକାରମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବ କଳାକାର ଓ ସମାଜସେବୀ ଦେବାଶିଷ ସମାଲ ଧନ୍ୟବାଦ ଅର୍ପଣ କରିଥିଲେ।

ରାସ୍ତାପାଖ ମୁକୁଳା ଟ୍ରାନ୍ସଫର୍ମର ସାଜିଛି ବିପଦ

ପଞ୍ଚୁପାଣ୍ଡବ, , ୨୭।୨(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ରାସ୍ତାକୁ ଲାଗି ବିଦ୍ୟୁତ୍ ଟ୍ରାନ୍ସଫରମର ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫରମର ମୁକୁଳା ପଡ଼ିଥିବାରୁ ଗୋରୁ ଗାଈ, ମେଣ୍ଢା, ଛେଳି ଓ ରାସ୍ତାରେ ଯିବା ଆସିବା ପଥଚାରୀଙ୍କ ପାଇଁ ବିପଦ ସାଜିଛି। ରାସ୍ତା ପାଖକୁ ଲାଗିଥିବାରୁ ରାସ୍ତା ଓସାର କରିବାରେ ସମସ୍ୟା ଦେଖାଦେଇଛି। ଏହି ରାସ୍ତା ଦେଇ ଯାଇଥିବା ଲକ୍ଷ୍ମୀନାରାୟଣପୁର, ବେଲାରପୁରରୁ ବେଣୀପୁର ଏମିତିକି ଯାଜପୁର ଜିଲ୍ଲାର ବରି ବ୍ଲକକୁ ସଂଯୋଗ କରୁଥିବାରୁ ଏହି ଦୈନିକ ଶହଶହ ଗାଡ଼ି ମୋଟର ଯିବା ଆସିବା କରିଥାଏ। ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ଖାମଖିଆଲ ଯୋଗୁ କେତେବେଳେ ଅଘଟଣ ଘଟିପାରେ। ତୁରନ୍ତ ଟ୍ରାନ୍ସଫରମର ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନରେ ଅବହେଳା

ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡ଼ା, ୨୭।୨(ସମିସ): ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରିବାରେ ଅବହେଳା ଯୋଗୁଁ ଗତକାଲି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଓ ପ୍ରତାପ କୁମାର ମହାନ୍ତି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ଅନୁଯାୟୀ କେତେକ ତଥ୍ୟ ପ୍ରଦାନ ନିମନ୍ତେ ଯଥାକ୍ରମେ ଗତ ୧୨.୦୮.୨୦୨୩ ଓ ୧୪.୦୯.୨୦୨୩ରିଖରେ ଆବେଦନ କରିଥିଲେ। କିନ୍ତୁ ଉଭୟ ଆବେଦନର ଏକମାସରୁ ଅଧିକ ସମୟ ଅତିକ୍ରମ ହୋଇଯିବା ପରେ ବି ସମ୍ପୃକ୍ତ ଜନ ସୂଚନା ଅଧିକାରୀ ତଥ୍ୟ ପ୍ରଦାନ ନକରିବାରୁ ଆବେଦନକାରୀ ପ୍ରଥମ ଆପିଲେଟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଏହାପରେ ପ୍ରଥମ ଆପିଲେଟ ଅଥରିଟୀଙ୍କ ଦ୍ୱାରା ସେହି ଆବେଦନର ଶୁଣାଣି ନକରାଯାଇ ଆବେଦନକାରୀଙ୍କୁ ୩ମାସ ପରେ ଟଙ୍କା ଜମା କରିବାକୁ ଚିଠି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଆବେଦନକାରୀ ବାରମ୍ବାର ସାକ୍ଷାତ କରି ନିରାଶ ହେବା ପରେ ଗତକାଲି ସେହି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖାଯାଇଛି। ଏହି ଧାରଣାରେ ଆବେଦନକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ପ୍ରତାପ କୁମାର ମହାନ୍ତି, ଭାଗୀରଥି ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।।

ମୃତ୍ୟୁ ପରେ ବି ଅମର ବ୍ରଜକିଶୋର

ବ୍ରଜଙ୍କ ଆଖିରେ ଦୁନିଆ ଦେଖିବ ଆଉ ଜଣେ

କେନ୍ଦ୍ରାପଡ଼ା, ୨୭।୨(ସମିସ): ବାଇକ୍ ଦୁର୍ଘଟଣାରେ ଚାଲିଗଲା ବାପାଙ୍କ ଜୀବନ। ପ୍ରତିକୂଳ ପରିସ୍ଥିତିରେ ଥାଇ ବି ବାପାଙ୍କ ଚକ୍ଷୁଦାନ କରିବା ପାଇଁ ପୁଅ ହିମାଂଶୁ ନିଷ୍ପତ୍ତି ନେଇଥିଲେ। ହିମାଂଶୁଙ୍କର ଏହି ମହାନତା ପାଇଁ ଅଞ୍ଚଳବାସୀ ତାଙ୍କୁ ସାନ୍ତ୍ୱନା ଦେବା ସହିତ ସାଧୁବାଦ ବି ଦେଉଛନ୍ତି। ସେଦିନ ଥାଏ ଫେବୃଆରୀ ୨୦ ତାରିଖ ମଙ୍ଗଳବାର। ଘରପାଖ ଦୋକାନରୁ କିଛି ସାମଗ୍ରୀ ଆଣିବାକୁ ବ୍ରଜକିଶୋର ରାଉତ ଯାଇଥିଲେ। ଫେରିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଧକ୍କା ହେବାରୁ ସେ ଛିଟିକି ପଡ଼ିଥିଲେ। ପକ୍କା ରାସ୍ତାରେ ମୁଣ୍ଡରେ ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେହିକ୍ଷଣି ବ୍ରଜକିଶୋରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରିଥିଲେ। କିନ୍ତୁ ଗତ ୨୧ ତାରିଖ ଦିନ ସକାଳେ ବ୍ରଜକିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପିଲାଦିନୁ ମାଆକୁ ହରାଇଥିବା ହିମାଂଶୁ ବାପାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନଥିଲେ। ତାଙ୍କ ପାଦତଳୁ ମାଟି ଖସିଯାଇଥିଲା। ପରିବାର ଓ ଆତ୍ମୀୟଙ୍କ କାନ୍ଦରେ ପରିବେଶ ଫାଟି ପଡୁଥିଲା। ଶବ ବିବେଚ୍ଛଦ ପାଇଁ କ୍ୟାପିଟାଲ ମେଡ଼ିକାଲକୁ ନିଆଗଲା। ଯେଉଠି ହିମାଂଶୁ ଛାତିକୁ ପଥର କରି ବାପାଙ୍କ ଚକ୍ଷୁଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବ୍ରଜକିଶୋରଙ୍କ ଚକ୍ଷୁକୁ ଆଇ ବ୍ୟାଙ୍କ୍ ଜରିଆରେ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟକୁ ଦିଆଗଲା। ଏନେଇ ହିମାଂଶୁ କୁହନ୍ତି ମୋ ବାପା ଏଦୁନିଆରୁ ଚାଲିଗଲେ ମୁଁ ଅନାଥ ହୋଇଗଲି। ହେଲେ ମୋ ବାପାଙ୍କ ଆଖିରେ ଆଉ ଜଣେ ତ ଦୁନିଆ ଦେଖି ପାରିବ। ହିମାଂଶୁଙ୍କ ଏ ମହାନତା ପାଇଁ ମେଡିକାଲ୍ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଉଛନ୍ତି। ହିମାଂଶୁ ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ବାଙ୍କିଛନ୍ଦା ଗ୍ରାମର ବାସିନ୍ଦା। ସେ ଏକ ପ୍ରାଇଭେଟ୍ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି।

ବାପାଙ୍କ ଚକ୍ଷୁ ଦାନକରି ଉଦାହରଣ ସାଜିଲେ ପୁଅ ହିମାଂଶୁ

ଗୋଲରାହାଟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଡେରାବିଶ, ୨୭।୨(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ତିଲକପୁରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଆଜି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ବିଡ଼ିଓ ଦାସରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ କାଶିନାଥ କାଣ୍ଡି ଉପସ୍ଥିତ ରହି ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ରେଶନ କାର୍ଡ଼ରେ ନାମ ସଂଯୋଗ, ଆଧାର ପଞ୍ଜିକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜିକରଣ, ମାଗଣା ମୃତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରଛାତ୍ରୀମାନଙ୍କ ଜାତିଗତ ପ୍ରମାଣପତ୍ର ଆଦେବନ, ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡ଼ିଓ ଶ୍ରୀ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀ ବିଭୁଦତ୍ତ ଦାସ, ସିଡ଼ିପିଓ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏହି ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଷ୍ଟଲ ଖୋଲାଯାଇ ଉପସ୍ଥିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିମାଇଁ ଚରଣ ପରିଡ଼ା, ଜିଆରଏସ୍ ଚିତ୍ତରଞ୍ଜନ ଥାଟୋଇ, ଏମ୍‌ବିକେ ବନମିତ୍ରା ରଥ ଓ କମଳାକାନ୍ତ କାଣ୍ଡି, ସୁଶାନ୍ତ ଦାସ, ବରେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ବିଷ୍ଣୁଦେବ ବେହେରା ପ୍ରମୁଖ ପ୍ରମୁଖ ପରିଚାଳନା କରିଥିଲେ।

କିଷାନ ମୋର୍ଚ୍ଚାର ଆନ୍ଦୋଳନ

କେନ୍ଦ୍ରାପଡ଼ା, ୨୭।୨(ସମିସ): ଚାଷୀ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦାବିରେ ଦେଶର ଚାଷୀ ଦୀର୍ଘବର୍ଷ ଧରି ଦାବି କରୁଛନ୍ତି। ସରକାର ଏଥିଲାଗି ସୁପାରିଶ କରିଥିବା ଏମ୍‌ଏସ୍ ସ୍ୱାମୀନାଥନ୍‌ଙ୍କୁ ଭାରତରତ୍ନ ଦେଇ ପ୍ରଶଂସା ନେବାକୁ ଉଦ୍ୟମ କରୁଥିବାବେଳେ ଡବ୍ଲ୍ୟୁଟିଓ ନିର୍ଦ୍ଦେଶରେ ଏହି ଆଇନ ପ୍ରଣୟନ ନ କରିବା ପାଇଁ ବଦ୍ଧପରିକର। ସେଥିପାଇଁ ରାଜଧାନୀ ଦିଲ୍ଲୀକୁ ଆନ୍ଦୋଳନ କରିବାକୁ ଆସୁଥିବା ଚାଷୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ହରିୟାଣା ପୁଲିସ ଅକଥନୀୟ ଅତ୍ୟାଚାର କରୁଛି। ଏହାର ପ୍ରତିବାଦରେ ସଂଯ

ଅନୁଗୋଳ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

ଅନୁଗୋଳ, ୨୭ ।୨(ସମିସ):

ସ୍ଥାନୀୟ କଦମ ପଡ଼ିଆରେ ଆଜି ଅପରାହ୍ନରେ ଅନୁଗୋଳ କ୍ରିକେଟ ଏକାଡେମି ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଅନୁଗୋଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇଥିବା କ୍ରୀଡ଼ା ଏକାଡେମୀ ଗୁଡ଼ିକୁ ଉଦଘାଟନ କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ୫- ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିସିସିଆଇ ସମ୍ପାଦକ ଜୟ ଶାହ, କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର ଭିନିଲ କୃଷ୍ଣ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଶୀର୍ଷ ସଦସ୍ୟ ପ୍ରତାପ ପ୍ରଧାନଙ୍କ ସମେତ ଅନ୍ୟ ବହୁ

ପଦାଧିକାରୀ ଉପସ୍ଥିତ ଥିଲେ। ସେହିଭଳି କଦମ ପଡିଆ ସମାରୋହରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର୍ ସିଠ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ଼ା ଦୀପକ କୁମାର ଗଡ଼ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଭାତ କୁମାର୍ ସିହ୍ନା, ଅରୁଣ ପୁଷ୍ପାଳକ, ସମ୍ପାଦକ ସାଗର ନାଥ ମିଶ୍ର, ଯୁଗ୍ମସମ୍ପାଦକ ଗଙ୍ଗାଧର ପଟ୍ଟନାୟକ ଓ କୋଷାଧକ୍ଷ ରଞ୍ଜନ ଧୂରସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କ୍ରିକେଟ ପ୍ରଶିକ୍ଷଣ ନେଉଥିବା ଶତାଧିକ ଛାତ୍ର ଛାତ୍ରୀ ଏହି ସମାରୋହରେ ଯୋଗ ଦେଇଥିଲେ। ଏକାଡେମୀ ପ୍ରତିଷ୍ଠା ଦ୍ୱାରା ଅନୁଗୋଳରେ କ୍ରିକେଟର ଭିତ୍ତିଭୂମି ଉନ୍ନତ ହେବା ସହ ପ୍ରତିଭାବାନ ଖେଳାଳିଙ୍କ ଭବିଷ୍ୟତ ଗଢ଼ିହେବ।

ସରପଞ୍ଚଙ୍କୁ ଅଣଦେଖା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଅନୁଗୋଳ, ୨୭।୨(ସମିସ): ଅନୁଗୋଳ ବ୍ଲକ ସରପଞ୍ଚମାନଙ୍କୁ ବ୍ଲକ ଅଧିକାରୀ ଅଣଦେଖା କରୁଥିବା ନେଇ ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସରପଞ୍ଚମାନଙ୍କ ଅଭିଯୋଗ ଅନୁଯାୟୀ ବ୍ଲକର ଅଧିକାରୀମାନେ ସରକାରଙ୍କ ଯୋଜନାଗୁଡିକୁ ସରପଞ୍ଚଙ୍କୁ ଅବଗତ କରାଉନାହାନ୍ତି। ଯାହାକୁ ନେଇ ସରପଞ୍ଚମାନଙ୍କ ପକ୍ଷରୁ ପଞ୍ଚାୟତସମିତି ସଭାକୁ ବର୍ଜନ କରାଯାଇଛି। ସରପଞ୍ଚମାନଙ୍କ କହିବା ଅନୁଯାୟୀ ଅର୍ପଣ ରଥ ଏବଂ ଆମ ଓଡ଼ିଶା ନବୀନ ଓଡିଶା ସଚେତନ କାର୍ଯ୍ୟକ୍ରମରେ ସରପଞ୍ଚମାନଙ୍କୁ ଅବଗତ କରାଯାଇନାହିଁ। ଜିପିଡିପିର ଅର୍ଥ ସମୂହ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ଏକାଉଣ୍ଟକୁ ଦିଆଯାଉଛି, ଯାହାକି ପୂର୍ବରୁ ଭେଣ୍ଡରମାନଙ୍କୁ ଦିଆଯାଉଥିଲା। ଜିପିଡିପିର କୌଣସି କାର୍ଯ୍ୟ ପଞ୍ଚାୟତରେ ସରପଞ୍ଚମାନଙ୍କୁ କରାଇ ଦିଆ ଯାଉନାହିଁ ଏବଂ ଯଦି କୌଣସି କାର୍ଯ୍ୟ ହେଉଛି ତେବେ ତାହା ବିଲ୍ ହେଉନାହିଁ ଏବଂ ମାସ ମାସ ପର୍ଯ୍ୟନ୍ତ ବିଲ୍ ପଡିରହୁଛି। ପିଇଓ, ଜେଇ., ଜିଆରଏସ୍. ଜନପ୍ରତିନିଧିମାନଙ୍କୁ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ସେମାନେ ମନମୁଖୀ ଶାସନ ଚଳାଇଛନ୍ତି। ପ୍ରତି ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ ଗୁଡିକ ଅଚଳ ହୋଇ ରହିଥିଲେ ମଧ୍ୟ ତାହା ଠିକ୍ କରାଯାଉନାହିଁ। ମାସ ମାସ ଅନ୍ଧକାରରେ ଦିନ ବିତାଇବାକୁ ଲୋକେ ବାଧ୍ୟ ହେଉଛନ୍ତି ଏବଂ ଏନେଇ ଅଭିଯୋଗ କଲେ ଅଭିଯୋଗର କୌଣସି ସମାଧାନ କରାଯାଉନାହିଁ। ପଞ୍ଚାୟତ ସମିତିରେ ସରପଞ୍ଚମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି।ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ ତାହାର କୌଣସି ସମାଧାନ କରାଯାଉନାହିଁ ବୋଲି ସରପଞ୍ଚ ସଂଘର ସଭାପତି ଜ୍ୟୋତିର୍ମୟୀ ଦେହୁରୀ ଅଭିଯୋଗ କରିଛନ୍ତି।

ମହିଳାଙ୍କୁ ଋଣର ସବ୍‌ସିଡି ସହାୟତା ପ୍ରଦାନ

କିଶୋରନଗର, ୨୭।୨(ସମିସ): କିଶୋରନଗର ବ୍ଲକ ପରିସରରେ ଆଜି ମହିଳା ଗୋଷ୍ଠୀଙ୍କୁ ଋଣ ବାବଦକୁ ସବସିଡି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ୧୦୦୦ ଗ୍ରୁପଙ୍କୁ ଋଣର ସୁଧ ଫେରସ୍ତ କରାଯିବା ସହ ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନେବାର ସୁବିଧା କରାଯାଇଛି। କିଶୋରନଗର ବ୍ଲକର ୨୩୫୦ ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ୧୦୦୦ ଟଙ୍କା ୟୁନିଫର୍ମ ପାଇଁ ଓ ବିଏଲଫ, ଜିପିଏଲଏଫ ଇସି ମେମ୍ବରଙ୍କୁ ବ୍ଲେଜର ପାଇଁ ସହାୟତା ମୁଖ୍ୟମନ୍ତ୍ରୀ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ବିନୋଦ ବିହାରୀ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଏ ବିଡିଓ ଦଲିଲ ପ୍ରଧାନ, ବ୍ଲକ ଅଧକ୍ଷା ସୌରୀନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ସରପଞ୍ଚ ସଂଜାତ ସାହୁ, ମିଶନ ଶକ୍ତି ସଂଯୋଜକ ଉପେନ୍ଦ୍ର ବେହେରା, ଜୀବିକା ମିଶନର ସୁଜିତ ପ୍ରଧାନ, ସାଗର କାଣ୍ଡ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାରେ କ୍ରିକେଟ ଏକାଡେମୀର ଶୁଭାରମ୍ଭ

ଢେଙ୍କାନାଳ, ୨୭ ।୨ (ସମିସ): ଢେଙ୍କାନାଳ ସହରରେ କ୍ରିକେଟ ପ୍ରେମୀଙ୍କ ପାଇଁ ସ୍ପୋର୍ଟ କମ୍ପ୍ଲେକ୍ସର ଶିଳାନ୍ୟାସ କରାଯାଇଛି। ପ୍ରାୟ ୯୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ସ୍ପୋର୍ଟସ କମ୍ପ୍ଲେକ୍ସରେ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି ପଦକ୍ଷେପ ଗ୍ରହଣ କରାଯାଇଛି।

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଢେଙ୍କାନାଳ ସହରର ବନମାଳୀ ପ୍ରସାଦ ଓ ମୁଖ୍ୟ ଷ୍ଟାଡିୟମ ଠାରେ ୯୩କୋଟି ୫୭ଲକ୍ଷ ଟଙ୍କା ବ୍ୟୟର କ୍ରୀଡ଼ା ଭିତ୍ତଭୂମିର ଶିଳାନ୍ୟାସ କରିଛନ୍ତି। ବନମାଳୀ ପ୍ରସାଦଠାରେ ୧୩.୮୫ ଏକର ପରିମିତ ଜାଗାରେ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ହକି ତାଲିମ କେନ୍ଦ୍ର, ଆଭ୍ୟସ ପାଇଁ ସୁଇମିଂ ପୁଲ ଆଦି ନିର୍ମାଣ କରାଯିବ। ଏହା ସହିତ ମୁଖ୍ୟ ଷ୍ଟାଡିୟମ ଠାରେ କ୍ରିକେଟ ଏକାଡେମୀର ଉନ୍ନତିକରଣ କାର୍ଯ୍ୟ ରହିଛି। ଓଡ଼ିଶା କ୍ରିକେଟ ଆସୋସିଏସନର ସହାୟତା ଏବଂ ଜିଲ୍ଲା ଆଥଲେଟିକ ଆସୋସିଏସନ ସହଯୋଗରେ କ୍ରିକେଟ ଏକାଡେମୀର ଭିତ୍ତପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସହିତ ଜିଲ୍ଲା ପରିଷଦ ଅଧକ୍ଷ ଅର୍ଚ୍ଚନା ପୁହାଣ, ସାଂସଦ ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କ୍ରୀଡ଼ା ଭିତ୍ତିଭୁମି ପାଇଁ ମୋଟ ୧୩କୋଟି ୮୫ଲକ୍ଷ ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ ସହିତ ହକି ତାଲିମ ପାଇଁ ୪୧୦ଜଣ ବସିବା ଭଳି ଏକ ଗୃହ ପାଇଁ ୧୨ କୋଟି ୫୩ଲକ୍ଷଟଙ୍କା, ୧୫ଶହ ଲୋକ ବସିବା ପାଇଁ ଆଥଲେଟିକ ପାଭିଲିଅନ ନର୍ମାଣ ପାଇଁ ୪୧କୋଟି ୧୭ଲକ୍ଷ, ସୁଇମିଂ ପୁଲ ପାଇଁ ୧୦କୋଟି ୮୬ଲକ୍ଷ, ଅନ୍ୟାନ୍ୟ କାର୍ଯ୍ୟପାଇଁ ୨୯କୋଟିଏ ଭଳି ମୋଟ ୯୩ କୋଟି ୫୭ଲକ୍ଷ ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହା ଦ୍ୱାରା ଜିଲ୍ଲାର କ୍ରିକ୍ରେଟରମାନଙ୍କୁ ତାଲିମ ସହିତ ଟର୍ଫ କ୍ରିକେଟ, ସିମେଣ୍ଟ ସହିତ ମ୍ୟାଟର ବ୍ୟବସ୍ଥା, ୨ଶହ କ୍ରିକେଟ ଡ୍ରେସ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବୋର ଯୋଜନା ରହିଛି।

ମିଳିତ ଜନଶୁଣାଣି ଶିବିର

ଅନୁଗୋଳ, ୨୭ ।୨(ସମିସ): ଆଜି ପୂର୍ବାହ୍ନରେ ଛେଣ୍ଡିପଦା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ମହମ୍ମଦ ଅବାଲ୍ ଅକ୍ରରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୧୧୦ଟି ଅଭିଯୋଗରୁ ୯୯ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ୧୧୦ ଅଭିଯୋଗ ମଧ୍ୟରୁ ୩ଟି ଅଭିଯୋଗର ଆଜିର ଶିବିରରେ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମି ଜମା ସମ୍ବନ୍ଧୀୟ, କଳାକାର ଭତ୍ତା ଓ ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରାତିମୟ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ସାହିତ୍ୟିକ ଇଂ. ନିରଞ୍ଜନ ପ୍ରଧାନଙ୍କ ବିୟୋଗ

କଣିହାଁ, ୨୭।୨(ସମିସ): କଣିହାଁ ବ୍ଲକ ଅନ୍ତର୍ଗତ ଟାକୁଆ ଗ୍ରାମରେ ଜନ୍ମିତ କଣିହାଁ ବୃହତ ତାପଜ ବିଦ୍ୟୁତ କେନ୍ଦ୍ରରେ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଇଞ୍ଜିନିୟର ନିରଞ୍ଜନ ପ୍ରଧାନଙ୍କ ଅଠାବନ ବର୍ଷ ବୟସରେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଜଣେ ସୁସାହିତ୍ୟିକ ଭାବରେ ତାଙ୍କର ପ୍ରକାଶିତ କବିତା ସଙ୍କଳନ 'କବିତା ଅନାବନା' ଶ୍ରୀ କ୍ଷେତ୍ର ମାଧୁରୀ, ଶ୍ରୀ କ୍ଷେତ୍ର ଅବଲୋକନ, ସମସ୍ତଙ୍କ ଦ୍ୱାରା ବେଶ ଆଦୃତ ଲାଭ କରିପାରିଛି। ସ୍ୱର୍ଗତ ପ୍ରଧାନଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଦିବ୍ୟ ଜୀବନ ସଂଘର ସାଧୁ ସନ୍ଥଙ୍କ ବୈଦିକ ମନ୍ତ୍ର ପାଠରେ ସମାପନ ହୋଇଥିଲା।

ମୁକ୍ତା ଯୋଜନାରେ ପୋଖରୀ ପୁନରୁଦ୍ଧାର

ପଙ୍କମାଟି ବାହାରକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ, ୨୭ ।୨ (ସମିସ): ସ୍ଥାନୀୟ ପୁରାତନ ନୂଆ ପୋଖରୀ ବା ଭାଗିରଥୀ ସାଗରର ପୁନରୁଦ୍ଧାର ସହିତ ସହରର ଅନ୍ୟ ୩ଟି ପୋଖରୀର ପୁନରୁଦ୍ଧାର ପାଇଁ ମୁକ୍ତା ଯୋଜନାରେ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ନୂଆ ପୋଖରୀ ବା ଭାଗିରଥୀ ସାଗରର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ପୋଖରୀରୁ ପାଣିକାଟିବା, ପୋଖରୀର ପଙ୍କକୁ ବାହାରକୁ ନନେଇ ପୋଖରୀ ହିଡ଼ର ଭିତର ପାର୍ଶ୍ୱରେ ପକାଇବାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପାର୍ଶ୍ୱରେ ସାଂସଦ ଏବଂ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଅନ୍ୟପାର୍ଶ୍ୱରେ ଭାଗିରଥୀ ସାଗରକୁ ନେଇ ଗଠନ କରାଯାଇଥିବା ଭାଗିରଥୀ ସୁରକ୍ଷା ସମିତି ତରଫରୁ ନେହେରୁ ପାର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୋଖରୀର ପୁନରୁଦ୍ଧାର ସଠିକ ଭାବରେ କରିବାକୁ ସମିତି ଦାବି କରିଛି। ବୈଠକରେ ସଭାପତି ପଙ୍କଜ କୁମାର ନାୟକଙ୍କ ସହିତ ଶତାଧିକ ସ୍ଥାନୀୟବାସିନ୍ଦା ଯୋଗଦେଇଥିଲେ। ଏହି ପୋଖରୀର ପୁନରୁଦ୍ଧାର କରାଯାଇ ସଙ୍କୁଚିତ କରାନଯାଉ। ପଙ୍କକୁ ଅନ୍ୟତ୍ର ନେଇ ସ୍ଥାନାନ୍ତରିତ କରାଯିବାକୁ ଦାବି କରାଯିବା ସହିତ ଆପୋଷ ଆଲୋଚନା ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ। ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଜନସାଧାରଣଙ୍କ ପକ୍ଷରୁ ଢେଙ୍କାନାଳ ବନ୍ଦ ଡାକରା ଦେବାକୁ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଢେଙ୍କାନାଳ ସଚେତନ ନାଗରିକ ଫୋରମ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳ ଶ୍ରୀ ମନୋରଞ୍ଜନ ମଲ୍ଲିକଙ୍କୁ ଭେଟି ଏକ ଦାବିପତ୍ର ମଙ୍ଗଳବାର ପୂର୍ବାହ୍ନରେ ପ୍ରଦାନ କରାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲପାଳ ଶ୍ରୀ ମଲ୍ଲିକ ମଙ୍ଗଳବାର ଦିନ ପୋଖରୀର ପୁନଃରୁଦ୍ଧାର ହେଉଥିବା କାର୍ଯ୍ୟକୁ ତଦାରଖ କରିବାକୁ ଯାଇଥିଲେ। ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପୋଖରୀ ପରଦର୍ଶନ କରିବା ପରେ ସବୁ ପଙ୍କ ସ୍ଥାନାନ୍ତରିତ କରାଯିବା ପାଇଁ ନିର୍ଦ୍ଦେଶ ଦେବା ସହିତ ପୋଖରୀ ହୁଡ଼ା ନିକଟରେ ପକାଇପାରିବେ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ପୌରପାଳିକା ଅଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷା ପ୍ରକାଶ କଅଁର ଓ ପୌରଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ କୁଞ୍ଜକାନ୍ତ ପୋଖରୀ ଅନ୍ୟ ପୋଖରୀକୁ ପରିଦର୍ଶନ କରିଥିଲେ। କୁଞ୍ଜକାନ୍ତ ପୋଖରୀ ଦାୟୀତ୍ୱ କାଉସିଲର ଅଭିମନ୍ୟୁ ପଣ୍ଡା ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ବିଧାୟକ ସୁଧୀର କୁମାର ସାମଲ ଗୁରୁତର ଭାବରେ ଗ୍ରହଣ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ପୋଖରୀ ମଧ୍ୟରୁ ପଙ୍କ ଉଦ୍ଧାର ସହିତ ଏହାକୁ ହିଡ କିମ୍ବା ପୋଖରୀ ମଧ୍ୟରେନପକାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜଣାଇଛନ୍ତି। ଏହା ସହିତ ସ୍ଥାନୀୟବାସିନ୍ଦାଙ୍କ ସହିତ ଆଲୋଚନା କରି ସମସ୍ୟରେ ସମାଧାନ କରିବାକୁ ଅନୁରୋଧ କରିଛନ୍ତି।

ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ସୁଧ ଅର୍ଥ ପ୍ରଦାନ

କଣିହାଁ, ୨୭।୨(ସମିସ): କଣିହା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ସହ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟିର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ପ୍ରଧାନ ସିଡିପିଓ ଝୁଲୁବାଳ ଦେଇ ପ୍ରମୁଖ ଥିବା ବେଳେ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗଦାନ କରିଥିଲେ। ବ୍ଲକର ୧୪୩୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୮ ଲକ୍ଷ ୩୭ ହଜାର ୭୯୮ ଟଙ୍କା ସୁଧ ଅର୍ଥ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତିର ଅଧିକାରୀ ସସ୍ମିତା ନାୟକ ଓ ଶ୍ରିପତି ଭୁତିଆ ପରିଚାଳନାରେ ସହଯୋଗ କରିଥିଲେ।

ବାଣିଜ୍ୟିକ ଯାନ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍‌ଘାଟିତ

ତାଳଚେର ସହର, ୨୭।୨(ସମିସ): ଦକ୍ଷତାର ଗତିକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ପ୍ରତିଭାଙ୍କୁ ଆଧୁନିକ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ ତାଲିମ ପ୍ରଦାନ କରି ଦକ୍ଷ ଓ କୁଶଳୀ କରିବାର ଲକ୍ଷ୍ୟନେଇ ତାଳଚେରରେ ଖୋଲିଛି ଅତ୍ୟାଧୁନିକ ବାଣିଜ୍ୟିକ ଯାନ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରତିଷ୍ଠାନ। ଏହା କୁଶଳୀ ଡ୍ରାଇଭର ସୃଷ୍ଟିକରିବା ସହ ତାଳଚେରର ଯୁବକଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧିକରିବ। ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ଡଃ. ମୃଦୁଲାଠାକୁର ପ୍ରଧାନ ଆଜି ଏହି ପ୍ରତିଷ୍ଠାନକୁ ଉଦଘାଟନ କରିଛନ୍ତି। ଏହି ପଦକ୍ଷେପର ମୂଳରେ ରହିଛି ଏକ ଅଭିନବ ଭାରୀ ଯାନ ପରୀକ୍ଷା ଡ୍ରାଇଭିଂ ଟ୍ରାକ୍-ଭି, ଯାହା ଏହି ଅଞ୍ଚଳର ଅସୀମ ସମ୍ଭାବନାକୁ ଉପଯୋଗ କରିବ। ଅତ୍ୟାଧୁନିକ ପ୍ରଶିକ୍ଷଣ ସୁବିଧା ଓ ଲାଇସେନ୍ସ ପ୍ରକ୍ରିୟାକୁ ଶୃଙ୍ଖଳିତ କରିତାଳଚେରର ଡ୍ରାଇଭର ସମୁଦାୟକୁ ସଶକ୍ତ କରିବା ସହ ସେମାନଙ୍କ ଆର୍ଥିକ ସମ୍ଭାବନାକୁ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି।

ବିଜେଡିରୁ ବିଦାହେଲେ କାର୍ତ୍ତିକ ସାହୁ

ଭୁବନେଶ୍ୱର, ୨୭ ।୨(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତିଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡର କାର୍ତ୍ତିକ ସାହୁଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ତ୍ତିକଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି ସାଂଗଠନିକ ସମ୍ପାଦକ ପ

#ନୂଆ-ଓ ଛାତ୍ରବୃତ୍ତି

Government of Odisha

ଆମ ଓଡ଼ିଶା ନବୀନ ଓଡ଼ିଶା

ଜନଶୁଣାଣିରେ '୫-ଟି' ଅଧ୍ୟକ୍ଷଙ୍କୁ ପ୍ରସ୍ତାବ

ଛାତ୍ରଛାତ୍ରୀଙ୍କ ଦୁଃଖ ଦୂର କଲେ ମୁଖ୍ୟମନ୍ତ୍ରୀ

ବିଭିନ୍ନ ଜିଲ୍ଲାରେ ଜନଶୁଣାଣି ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିଜର ଉଚ୍ଚଶିକ୍ଷାରେ ଆର୍ଥିକ ସମସ୍ୟା ଅବଗତ କରିଥିଲେ ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀଙ୍କ ଏହି ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଶ୍ରୀ ପାଣ୍ଡିଆନ ଉପସ୍ଥାପନ କରି ଥିଲେ । ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ସର୍ବଦା ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଓ ଯାହାର ପରିଣାମ ହେଉଛି 'ନୂଆ-ଓ' ଛାତ୍ରବୃତ୍ତି ।

ନୂଆ ଓଡ଼ିଶାର ବାର୍ତ୍ତାବହ
ଯୁବଶକ୍ତି

ଛାତ୍ରଛାତ୍ରୀ ହେଉଛନ୍ତି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତାବହ । ଏକ ସଶକ୍ତ, ପାରଙ୍ଗମ ଏବଂ ଦକ୍ଷ ଯୁବ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାର ଦକ୍ଷତା ରଖିଥାନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛନ୍ତି । ଅତି ଗରିବରୁ ଗରିବ ପିଲାଟିଏ ଯେପରି ନିଜର ସ୍ୱପ୍ନ ହାସଲ ଦିଗରେ ଯେପରି ବାଧାବିଘ୍ନର ସମ୍ମୁଖୀନ ନ ହେବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି । ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଆଜିଠାରୁ ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟା ବିଧିବଦ୍ଧ ଆରମ୍ଭ ହୋଇଛି । ଯାହାକୁ ନେଇ ରାଜ୍ୟବ୍ୟାପୀ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଇଛି ଅଫୁରନ୍ତ ଉତ୍ସାହ ।

ପ୍ରଥମ ଦିନରେ ୨୮୧୧୨
ଛାତ୍ରଛାତ୍ରୀଙ୍କୁ ବୃତ୍ତି

'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନର ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ମୋଟ୍ ୫୭ଟି କଲେଜର ୨୮, ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିଛନ୍ତି । ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି ।

ଛାତ୍ରଛାତ୍ରୀଙ୍କୁ ମିଳିବ
'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'

ମାର୍ଚ୍ଚ ୫ ତାରିଖରୁ ମ୍ୟାଜିକ୍ କାର୍ଡ଼ର ପଞ୍ଜିକରଣ, ଅଗଷ୍ଟ ୧୫ରେ ବଣ୍ଟନ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼' । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ । ସମ୍ପୂର୍ଣ୍ଣ ଟେକ୍ନୋଲୋଜି ଦ୍ୱାରା କାର୍ଡ ପରିଚାଳିତ ହେବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି କାର୍ଡ ଆବେଦନ ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧିନତା ଦିବସରେ ଏହାକୁ ବଣ୍ଟନ କରାଯିବ ।

ଉପକୃତ ହେବେ ୪.୮୨ ଲକ୍ଷ

ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବାକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଏହା ରାଜ୍ୟର କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥାକୁ ଏକ ନୂଆ ଉଚ୍ଚତା ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ବୃତ୍ତି

ଏହି ଯୋଜନାରେ ଛାତ୍ରଙ୍କୁ ୯ ହଜାର ଟଙ୍କା ଓ ଛାତ୍ରୀଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ । ସେହିପରି ଏସସି/ଏସଟି ତଥା ନିର୍ମାଣ ଶ୍ରମିକଙ୍କ ପୁଅ ମାନଙ୍କୁ ୧୦ହଜାର ଟଙ୍କା ଓ ଝିଅମାନଙ୍କୁ ୧୧ ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଅନୁସୂଚୀତ ଜାତି, ଜନଜାତି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ବୃତ୍ତି ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । '୫-ଟି' ଅଧ୍ୟକ୍ଷ ସୋମବାର ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ଅର୍ଥ ପ୍ରଦାନ କରିବା ପରେ ବୃତ୍ତିଲାଭ କରିଥିବା ଗରିବ ଛାତ୍ରଛାତ୍ରୀ ନିଜର ଲୁହ ରୋକି ପାରି ନାହାନ୍ତି ।

ବାରବାଟୀ ରୂପାନ୍ତରୀକରଣର ଭିତ୍ତିପ୍ରସ୍ତର ସ୍ଥାପନ

ବାରବାଟୀ ରୂପାନ୍ତରୀକରଣ ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା (ବାମରୁ) କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଆଇପିଏଲ୍ କମିଶନର ଅରୁଣ ଧୂମାଲ ଓ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନ କ୍ରିକେଟର ଇର୍‌ଫାନ ପଠାନ, ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ଖେଳାଳି ପ୍ରଜ୍ଞାନ ଓଝା।

କଟକ,୨୭।୨(ସମିସ)

'ଯାହାଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରିକରଣ ହେଉଛନ୍ତି ସେ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅନ୍ୟ ରାଜ୍ୟ ଗୁଡିକ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନନ୍ୟ ଉଦାହରଣ। ହକି ସହିତ ଅନ୍ୟ କ୍ରୀଡ଼ା ଭିତ୍ତିଭୂମିର ବିଶାଳ ବିକାଶ ଘଟୁଛି। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କ୍ରିକେଟର ବିକାଶ ପାଇଁ ଏବେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସନୀୟ। ବିଶ୍ୱର ଏକ ସୁନ୍ଦର ଷ୍ଟାଡିୟମ ଯଦି ଭାରତର କୌଣସି ରାଜ୍ୟରେ ନିର୍ମାଣ କରାଯାଏ ତାହେଲେ ସେଥି ନିମନ୍ତେ ବିସିସିଆଇ ସମସ୍ତ ସହଯୋଗ କରିବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ବିସିସିଆଇ ସଭାପତି ରୋଜର ବିନ୍ନି ଏବଂ ସମ୍ପାଦକ ଜୟ ଶାହ ନିର୍ଦ୍ଦେଶ ଦେଇଥିଲେ। ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।' ମଙ୍ଗଳବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୪୧ଟି ନୂତନ କ୍ରିକେଟ ଏକାଡେମୀ ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଏ କଥା କହିଛନ୍ତି ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ। ସେ ଏ କଥା ମଧ୍ୟ କହିଥିଲେ ଯେ, ଅଭିଭାବକମାନେ ନିଜ ପିଲାଙ୍କୁ ଖେଳ ପ୍ରତି ଉତ୍ସାହିତ କରିବା ଉଚିତ। ଖେଳରେ କେବଳ ହାର୍ ଜିତ ନଥାଏ। ଜୀବନ ଜିଇଁବାର ଅନ୍ୟ ଏକ କଳା 'ଖେଳ' ବୋଲି ଶ୍ରୀ ଧୂମାଲ କହିଥିଲେ।

- ରାଜ୍ୟରେ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ
- ଜୀବନ ଜିଇଁବାର ଅନ୍ୟ ଏକ କଳା ଖେଳ-ଧୂମାଲ
- ଆଗାମୀ ୫ ବର୍ଷରେ ଫଳ ମିଳିବ- ପଠାନ୍
- ଯୋଗଦେଲେ ପ୍ରଜ୍ଞାନ, ଦେବାଶିଷ, ଶିବସୁନ୍ଦର
- କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଂଗଠକ ସମ୍ବର୍ଦ୍ଧିତ
- ସଂଗୀତ ପରିବେଷଣ କଲେ ନେହା କକ୍କର

କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଯୋଗ ଦେଇ ଓଡ଼ିଶା କ୍ରିକେଟ ଆସୋସିଏସନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆଗାମୀ ୫ବର୍ଷ ପରେ ଏହାର ଫଳ ମିଳିବ। ବିଭିନ୍ନ ଜିଲ୍ଲା ଓ ସହରରେ କ୍ରିକେଟ ଏକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା ତୃଣମୂଳସ୍ତରରୁ ପ୍ରତିଭାବାନ କ୍ରିକେଟର ସୃଷ୍ଟି ହେବେ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଓଡ଼ିଶାରେ କ୍ରିକେଟରମାନଙ୍କ ପାଇଁ ଏକ ନୂତନ ରାସ୍ତା ତିଆରି ହୋଇଛି ବୋଲି କହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜ ଅଭିଭାଷଣରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଚିନ୍ତା କରିବାର ଶକ୍ତି ଯେଉଁଠାରେ ଆମର ଶେଷ ହୁଏ, ସେହିଠାରୁ ହିଁ ମୁଖ୍ୟମନ୍ତ୍ରୀ ଚିନ୍ତା କରନ୍ତି। ତାଙ୍କ ଦିଗଦର୍ଶନରେ ରାଜ୍ୟର ଉନ୍ନତି ଘଟୁଛି। ବାରବାଟୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଘର। ଏହି ଷ୍ଟାଡିୟମକୁ ଭବ୍ୟ ରୂପ ଦେବା ପାଇଁ ତାଙ୍କ ଉଦ୍ୟମ ଚିରକାଳ ମନେ ରହିବ ବୋଲି ଶ୍ରୀ ଦାସ କହିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ଦୌଡ଼କୁଦ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟ ବରିଷ୍ଠ କ୍ରିକେଟ ଦଳର ମୁଖ୍ୟ କୋଚ ଦିନେଶ ମୋଙ୍ଗିଆ, ବୈଷୟିକ ନିର୍ଦ୍ଦେଶକ ଭେଙ୍କଟରାମ, ବରିଷ୍ଠ ମହିଳା ଦଳ କୋଚ୍ ରୂମେଲି ଧର, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସ୍ୱାଗତିକା ରଥ, ଅନ୍ତର୍ଜାତୀୟ ଖେଳାଳି ରସନାରା ପରୱିନ, ମାଧୁରୀ ମେହେଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କିମ୍ବଦନ୍ତୀ କ୍ରୀଡ଼ା ସଙ୍ଗଠକ ଭାବେ ଆଶୀର୍ବାଦ ବେହେରା, ଅଧ୍ୟାପ ଦାସ ଏବଂ ଶ୍ରଦ୍ଧାନନ୍ଦ ଦାସ ସମ୍ବର୍ଦ୍ଧିତ ହୋଇଥିଲେ। ଓସିଏର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ୩୦ଟି ଜିଲ୍ଲାରେ ମୋଟ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଛି। କଟକର ବିଡାନାସୀ, ୟୁନିୟନ ସ୍ପୋର୍ଟିଂ କ୍ଲବ, ନିମପୁର, ସିଡିଏ ଡିଏଭି, କୁରାଙ୍ଗ ଶାସନ, ବିଶ୍ୱଭାରତୀ, ସନସାଇନ, ଷ୍ଟିୱାର୍ଟ ସ୍କୁଲରେ ଗୋଟିଏ ଲେଖାଏ କ୍ରିକେଟ ଏକାଡେମୀ ଖୋଲାଯାଇଛି। ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି।

ଲଣ୍ଡନରେ ସାମିଙ୍କ ଅସ୍ତ୍ରୋପଚାର

ନୂଆଦିଲ୍ଲୀ, ୨୭।୨(ଏଜେନ୍ସି): ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କ ଦୁର୍ବଳ ଅଙ୍ଗରେ ଅସ୍ତ୍ରୋପଚାର କରାଯାଇଛି। ଏହି ଅଙ୍ଗର ମାଂସପେସୀରେ ଆଘାତ ଲାଗିଥିବାରୁ ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍ ପରେ ସେ ଆଉ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ସେହି ଆଘାତ ମାଂସପେସୀରେ ଆଜି ଅସ୍ତ୍ରୋପଚାର କରାଯାଇଛି। ଏହା ସୁସ୍ଥ ହେବାକୁ କିଛି ଦିନ ସମୟ ଲାଗିବ ବୋଲି ସାମାଜିକ ଗଣମାଧ୍ୟମରେ ସାମି ସୂଚନା ଦେଇଛନ୍ତି। ଏହି ଆଘାତ ଯୋଗୁ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଥିଲେ ଓ ମାର୍ଚ୍ଚ ୨୨ରୁ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମଧ୍ୟ ଖେଳିବେ ନାହିଁ। ଏହା ପରେ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଲଣ୍ଡନରୁ ସୁସ୍ଥ ହୋଇ ଫେରିବା ପରେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ପାଇବା ଲାଗି ଅଭ୍ୟାସ କରିବେ। ସେଠାରେ ଫିଟ୍ ଘୋଷିତ ହେବା ପରେ ଯାଇ କ୍ରିକେଟ ଖେଳିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

ଟେଷ୍ଟ ଖେଳାଳିଙ୍କ ପାଉଣା ବଢ଼ିବ

ନୂଆଦିଲ୍ଲୀ,୨୭ ।୨(ଏଜେନ୍ସି): ଟେଷ୍ଟ ଖେଳୁଥିବା କ୍ରିକେଟରମାନଙ୍କ ପାଉଣା ବଢାଇବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଖେଳାଳିମାନଙ୍କୁ ଗୋଟିଏ ଟେଷ୍ଟ ଖେଳିବା ପାଇଁ ୧୫ ଲକ୍ଷ ଟଙ୍କା ମିଳୁଛି। ସେହିପରି ଗୋଟିଏ ଦିନିକିଆ ଖେଳିଲେ ଖେଳାଳିଙ୍କୁ ୬ ଲକ୍ଷ ଓ ଟି-୨୦ ମ୍ୟାଚ୍ ଖେଳିଲେ ୩ ଲକ୍ଷ ଟଙ୍କ ପ୍ରଦାନ କରାଯାଇଥାଏ। ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ବର୍ଦ୍ଧିତ ପାଉଣାକୁ କାର୍ଯ୍ୟକାରୀ କରାଯିବ। ରେଡ ବଲ୍ କ୍ରିକେଟର ଉନ୍ନତି ପାଇଁ ବିସିସିଆଇ ଏପରି ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ପାଉଣା ବୃଦ୍ଧି କରିବା ନେଇ ବିସିସିଆଇ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଛି। ଆଗାମୀ ବୈଠକରେ ଯଦି ଏହି ଯୋଜନାକୁ ଅନୁମୋଦନ କରାଯାଇଏ ତେବେ ବିସିସିଆଇ ସହିତ ଚୁକ୍ତିବଦ୍ଧ ଖେଳାଳିଙ୍କ ପାଉଣା ନୂଆ ଖସଡା ଅନୁଯାୟୀ ବୃଦ୍ଧି ହେବ। ଯେଉଁ ଖେଳାଳି ବର୍ଷର ସବୁ ଟେଷ୍ଟ ଖେଳିବେ ତାଙ୍କୁ ଅତିରିକ୍ତ ଅର୍ଥାତ ବୋନସ ମିଳିବ। ବାର୍ଷିକ ପାଉଣା ଓ ମ୍ୟାଚ ପାଉଣାକୁ ବାଦ୍ ଦେଲେ ଏହି ଖେଳାଳିଙ୍କୁ ଅତିରିକ୍ତ ଅର୍ଥ ପ୍ରଦାନ କରାଯିବ। ବର୍ତ୍ତମାନ କେତେକ ତାରକା ଓ ଅନ୍ୟ ଖେଳାଳି ଟି-୨୦ କ୍ରିକେଟ ଉପରେ ଅଧିକ ମନୋନିବେଶ କରୁଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇ ନଥିବା ଖେଳାଳିମାନଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ହେବ ବୋଲି ବିସିସିଆଇ ତରଫରୁ ତାଗିଦ୍ କରାଯାଇଥିଲେ ମଧ୍ୟ ଇଶାକ କିଶାନ, କ୍ରୁନାଲ ପାଣ୍ଡ୍ୟା ଓ ଦୀପକ ଚହରଙ୍କ ଭଳି କେତେକ ଖେଳାଳି ନିଜ ରାଜ୍ୟ ପାଇଁ ରଣଜୀ ମ୍ୟାଚ୍ ଖେଳି ନଥିଲେ।

ରଣଜୀ ଟ୍ରଫିରେ ନଂ-୧୦ ଓ ୧୧ ବ୍ୟାଟରଙ୍କ ଶତକ

ମୁମ୍ବାଇର ତନୁଷ ଓ ତୁଷାର ପ୍ରଥମ

ମୁମ୍ବାଇ, ୨୭।୨(ଏଜେନ୍ସି)

ଭାରତର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ଆଜି ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ମୁମ୍ବାଇରେ ମଙ୍ଗଳବାର ଶେଷ ହୋଇଥିବା ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ମୁମ୍ବାଇ ରଣଜୀ ଦଳର ନଂ-୧୦ ଓ ନଂ-୧୧ ବ୍ୟାଟର ଶତକ ହାସଲ କରିଛନ୍ତି। ଏହି ଦୁଇ ବ୍ୟାଟର ହେଲେ ତନୁଷ କୋଟିଆନ ଓ ତୁଷାର ଦେଶପାଣ୍ଡେ। ୨୫ ବର୍ଷୀୟ ଅଫ୍ ସ୍ପିନର ତନୁଷ ୧୨୯ ବଲ୍ ଖେଳି ୧୦ଚୌକା ଓ ୨ଛକା ସହ ୧୨୦ ରନ୍ କରି ଅପରାଜିତ ରହିଥିଲାବେଳେ ୨୮ ବର୍ଷୀୟ ପେସ୍ ବୋଲର ତୁଷାର ମଧ୍ୟ ସମାନ ୧୨୯ ବଲ୍ ଖେଳିଥିଲେ। କିନ୍ତୁ ଏହା ମଧ୍ୟରେ ସେ ୧୦ଛକା ଓ ୮ଟିଚୌକା ସହ ୧୨୩ ରନ୍‌ରେ ଆଉଟ ହୋଇଥିଲେ। ନଂ-୧୧ରେ ବ୍ୟାଟିଂ କରି ସେ ଚତୁର୍ଥ ସର୍ବାଧିକ ସ୍କୋର ମଧ୍ୟ କରିଛନ୍ତି। ଏମାନଙ୍କ ୧୦ମ ୱିକେଟ ଭାଗୀଦାରିରୁ ୨୪୦ ବଲ୍‌ରେ ୨୩୨ ରନ୍ ସଂଗୃହୀତ ହୋଇଥିଲା। ଏମାନେ କିନ୍ତୁ ମାତ୍ର ୨ ରନ୍ ଲାଗି ରଣଜୀ ଟ୍ରଫିରେ ରେକର୍ଡ ଭାଗୀଦାରିରୁ ବଞ୍ଚିତ ହୋଇଥିଲା। ରଣଜୀ ଟ୍ରଫି ଇତିହାସରେ ଦିଲ୍ଲୀର ଅଜୟ ଜାଡେଜା ଓ ମନିନ୍ଦର ସିଂ ୧୦ମ ୱିକେଟରେ ସର୍ବାଧିକ ୨୩୩ ରନ୍ କରି ଏହି ରେକର୍ଡଧାରୀ ଅଛନ୍ତି। ୧୯୯୧-୯୨ ସିଜନର ୱାଙ୍ଖଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ସହ ଖେଳାଯାଇଥିବା ରଣଜୀ ମ୍ୟାଚ୍‌ରେ ଅଜୟ-ମନିନ୍ଦର ଏହି ରେକର୍ଡ କରିଥିଲେ। ତନୁଷ ଓ ତୁଷାର କିନ୍ତୁ ମୁମ୍ବାଇ ଲାଗି ୧୦ ୱିକେଟରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେମାନଙ୍କ ପୂର୍ବରୁ ୨୦୧୫-୧୬ ରଣଜୀ ଟ୍ରଫି ଫାଇନାଲରେ ସିଦ୍ଧେଶ ଲାଡ ଓ ବଲୱିନ୍ଦର ସିଂ ଜୁନିୟର ୧୦୩ ରନ୍ ଉଠାଇ ରେକର୍ଡର ଅଧିକାରୀ ଥିଲେ।

୭୮ ବର୍ଷ ତଳର ରେକର୍ଡ ସହ ସମକକ୍ଷ

ଗୋଟିଏ ପାଳିରେ ଦୁଇ ଜଣ ନଂ-୧୦ ଓ ନଂ-୧୧ରେ ବ୍ୟାଟିଂ କରିବାକୁ ଆସି ଶତକ ହାସଲ କରିବା ରଣଜୀ ଟ୍ରଫି ଇତିହାସରେ ଏହା ପ୍ରଥମ ଏବଂ ବିଶ୍ୱ କ୍ରିକେଟରେ ଦ୍ୱିତୀୟ ଅବସର। ୭୮ ବର୍ଷ ପୂର୍ବେ ମଧ୍ୟ ଭାରତର ଦୁଇ ବ୍ୟାଟର ଚାନ୍ଦୁ ସରୱତେ ଓ ଶୂତେ ବାନାର୍ଜୀ ନଂ-୧୦ ଓ ନଂ-୧୧ରେ ବ୍ୟାଟିଂ କରିବାକୁ ଆସି ସରେ କାଉଣ୍ଟି ଦଳ ବିପକ୍ଷରେ ଏହି ସଫଳତା ପାଇଥିଲେ। ୧୯୪୬ରେ ଭାରତୀୟ କ୍ରିକେଟ ଦଳର ଗସ୍ତବେଳେ ଓଭାଲରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଚାନ୍ଦୁ ସରୱେରେ ୧୨୪ ରନ୍‌ରେ ଅପରାଜିତ ରହିଥିଲାବେଳେ ଶୂତେ ବାନାର୍ଜୀ ୧୨୧ ରନ୍ କରିଥିଲେ। ଏମାନେ ୧୦ମ ୱିକେଟରୁ ୨୪୯ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ଭାରତର ସ୍କୋର ୯ ୱିକେଟରେ ୨୦୫ରୁ ଯାଇ ୪୫୪ ରନ୍‌ରେ ପହଞ୍ଚିଥିଲା। ସମସ୍ତ ପ୍ରକାର ପ୍ରଥମଶ୍ରେଣୀ କ୍ରିକେଟରେ ଏହା ମଧ୍ୟ ଦ୍ୱିତୀୟ ସର୍ବବୃହତ ୧୦ମ ୱିକେଟ ପାର୍ଟନରସିପ୍। ୧୯୨୮-୨୯ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ଖେଳାଯାଇଥିବା ଭିକ୍ଟୋରିଆ ବିପକ୍ଷ ଶେଫିଲ୍ଡ ଶିଲ୍ଡ ମ୍ୟାଚ୍‌ରେ ନ୍ୟୁ ସାଉଥ୍‌ୱେଲ୍ସର ଏଏଫ୍ କିପାକ୍ସ ଓ ଜେଇଏଚ୍ ହୁକର ୧୦ମ ୱିକେଟରେ ସର୍ବାଧିକ ୩୦୭ ରନ୍ ସଂଗ୍ରହ କରିଥିଲେ। ନିକଟରେ ଏହି ଘଟଣା ୨୦୦୪-୦୫ରେ ଦେଖିବାକୁ ମିଳିଥିଲା। ପାକିସ୍ତାନ ଘରୋଇ କ୍ରିକେଟରେ ଲାହୋରରେ ଖେଳାଯାଇଥିବା ମ୍ୟାଚ୍‌ରେ ଲାହୋର ହ୍ୱାଇଟ୍‌ସ ଆକ୍ରିଲ ଅର୍ଶାଦ୍ ଓ ଅଲୀ ରାଜା ୨୩୯ ରନ୍ ସଂଗ୍ରହ କରିଥିଲେ। ୧୦ମ ୱିକେଟରେ ଏହା ମଧ୍ୟ ତୃତୀୟ ସର୍ବାଧିକ ସ୍କୋର ଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର